# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୮/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, October 18/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୩୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 322 | ମୂଲ୍ୟ ₹୭/-





## ସଂକ୍ଷେପରେ

### ୨୪ ଘଣ୍ଟା, ୪୮ ଘଣ୍ଟା ଗ୍ୟାରେଣ୍ଟି ସହ ମେଲ୍ ଓ ପାର୍ସଲ ସେବା ଜାନୁଆରୀରୁ

ନୂଆଦିଲ୍ଲୀ,୧୭।୧୦

ଇଣ୍ଡିଆ ପୋଷ୍ଟ ମେଲ୍ ଏବଂ ପାର୍ସଲ ଡେଲିଭରିରେ ୨୪ ଘଣ୍ଟା ଓ ୪୮ ଘଣ୍ଟା ସମୟସୀମାର ଗ୍ୟାରେଣ୍ଟି ଆଧାରିତ ସେବା ଆରମ୍ଭ କରିବାକୁ ଯାଉଛି। କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଆସନ୍ତାବର୍ଷ ଜାନୁଆରୀରୁ ଏହି ସେବା ଆରମ୍ଭ ହେବ। ୨୪ ଘଣ୍ଟା ଏବଂ ୪୮ ଘଣ୍ଟାରେ ମେଲ୍ ଡେଲିଭରି ହେବାକୁ ଥିବାବେଳେ ତା' ପରଦିନ ପାର୍ସଲ ପ୍ରଦାନ କରାଯିବ। କେନ୍ଦ୍ର ସରକାର ଇଣ୍ଡିଆ ପୋଷ୍ଟକୁ ୨୦୨୯ ସୁଦ୍ଧା ଏକ ଲାଭଦାୟକ କେନ୍ଦ୍ରରେ ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଥିବା ମନ୍ତ୍ରୀ କହିଛନ୍ତି।

### ଦୁର୍ଘଟଣାରେ ଓଡ଼ିଶାର ୩ ବୈଷ୍ଣୋଦେବୀ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

ଜମ୍ମୁ,୧୭।୧୦

ମାତା ବୈଷ୍ଣୋଦେବୀ ଦର୍ଶନରେ ଯାଇଥିବା ୩ ଓଡ଼ିଆ ତୀର୍ଥଯାତ୍ରୀଙ୍କ ସମେତ ୪ ଜଣଙ୍କର ଜମ୍ମୁ-କଶ୍ମୀରର ରାଇସି ଜିଲା ଅନ୍ତର୍ଗତ କଟ୍ରା ନିକଟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମଙ୍ଗଳବାର କଟ୍ରାର ସେର୍ଲି ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ସେମାନଙ୍କୁ ନେଇ ଅଟୋରିକ୍ସାଟି ସେର୍ଲି ହେଲିପ୍ୟାଡ୍‌ରୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଯାତ୍ରୀବାହୀ ବସ୍ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୨ ତୀର୍ଥଯାତ୍ରୀ ଓ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଥିବା ମହିଳା ତୀର୍ଥଯାତ୍ରୀ ଜମ୍ମୁ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଆଖି ବୁଜିଛନ୍ତି। ମୃତ ତୀର୍ଥଯାତ୍ରୀମାନଙ୍କ ଘର ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳରେ ବୋଲି ଜଣାପଡ଼ିଛି।

### ସିବିଆଇ ତଦନ୍ତ ପାଇଁ ଅଦାଲତ ନିୟମିତ ନିର୍ଦ୍ଦେଶ ଦେବା ଉଚିତ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୭।୧୦(ପି.ଟି.)

ସାମ୍ବିଧାନିକ ଅଦାଲତଗୁଡ଼ିକ ନିୟମିତ ଢଙ୍ଗରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୀମିତ ତଥା ସାବଧାନତାର ସହ ବିଚାର କରି ଏଭଳି ନିର୍ଦ୍ଦେଶ ଦେବାକୁ ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ଉତ୍ତରପ୍ରଦେଶ ବିଧାନ ପରିଷଦ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗର ସିବିଆଇ ତଦନ୍ତ ପାଇଁ ଆଲ୍ଲାହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେବା ସହ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

### ବିହାର ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଶେଷ

**ମହାମେଣ୍ଟରେ ଆସନ ଭାଗବଣ୍ଟା ହୋଇପାରିଲାନି**

ନୂଆଦିଲ୍ଲୀ,୧୭।୧୦

ନଭେମ୍ବର ୬ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ବିହାର ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ସମୟସୀମା ଶୁକ୍ରବାର ଶେଷ ହୋଇଛି। ଏନ୍‌ଡିଏ ଏହାର ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରି ଲଢ଼େଇ ପାଇଁ ପ୍ରସ୍ତୁତ ରହିଥିବାବେଳେ ପ୍ରଚାର ଯୋଜନା ଆରମ୍ଭ କରିଛି। ଅନ୍ୟପକ୍ଷରେ ବିରୋଧୀ ମହାମେଣ୍ଟର ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରିନାହିଁ। କେଉଁ ଦଳ କେଉଁ ଆସନରେ ଲଢ଼ିବ, ତାହାକୁ ନେଇ ଆଲୋଚନା ଜାରି ରହିଛି। ୨ ଦଳ ସେମାନଙ୍କର ଅଳ୍ପ କେତେଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ନିର୍ବାଚନ ପୂର୍ବରୁ ମହାମେଣ୍ଟ ଆସନକୁ ନେଇ ସହଯୋଗୀ ଦଳଗୁଡ଼ିକ ସହ ଲଢୁଥିବା ଏନ୍‌ଡିଏ କହିଛି। ଶୀଘ୍ର ନିଷ୍ପତ୍ତି ନେବା ଅପେକ୍ଷା ସମନ୍ୱୟ ଜରୁରୀ ବୋଲି କଂଗ୍ରେସ ନେତା କହ୍ନେୟା କୁମାର କହିବା ସହ ଖୁବ୍‌ଶୀଘ୍ର ଇଣ୍ଡିଆ ବ୍ଲକ୍ ଚୂଡ଼ାନ୍ତ ତାଲିକା ଘୋଷଣା କରିବ ବୋଲି କହିଛନ୍ତି। କଂଗ୍ରେସ ନେତା ପଓ୍ୱନ୍ ଖେରା କହିଛନ୍ତି, ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି ଏବଂ ଆସନ ବୁଝାମଣା ପ୍ରକ୍ରିୟା ଜାରି ରହିଛି।



ଦିଲ୍ଲୀ-ଏନ୍‌ସିଆର୍‌ରେ ବାୟୁ ଗୁଣବତ୍ତା ଚିନ୍ତାଜନକ ସ୍ଥିତିରେ ପହଞ୍ଚିଥିବାବେଳେ ହରିୟାଣାର ଗୁରୁଗ୍ରାମରେ ଦୃଶ୍ୟମାନତା ହ୍ରାସ ପାଇଛି।

## ଦିଲ୍ଲୀ ବାୟୁ ଗୁଣବତ୍ତା ଚିନ୍ତାଜନକ

ନୂଆଦିଲ୍ଲୀ,୧୭।୧୦

ଦୀପାବଳି ପୂର୍ବରୁ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ବାୟୁ ମାନ ଚିନ୍ତାଜନକ ସ୍ଥିତିକୁ ଆସିଯାଇଛି। କ୍ରମାଗତ ୪ ଦିନ ହେଲା ପ୍ରଦୂଷଣ ସ୍ତର ନିକୃଷ୍ଟ ବର୍ଗରେ ରହିଛି। ଶୁକ୍ରବାର ଅପରାହ୍ନ ୪ଟାରେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୫୪ ଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟରୁ ଜଣାପଡ଼ିଛି। ତେବେ ଏନ୍‌ସିଆର୍ ଅଞ୍ଚଳରେ ସ୍ଥିତି ଅଧିକ ଖରାପ ରହିଛି। ଗାଜିଆବାଦରେ ବାୟୁ ମାନ ସୂଚକାଙ୍କ ୩୦୬ରେ ପହଞ୍ଚିଥିବାରୁ ଏହା ଦେଶର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ନୋଏଡା ଏକ୍ୟୁଆଇ ୨୭୮ ଥିବାବେଳେ ଗୁରୁଗ୍ରାମରେ ୨୬୬ ରହିଛି। ଗାଡ଼ିମୋଟର ଧୂଳି ଓ ଧୂଆଁ ଯୋଗୁ ଦିଲ୍ଲୀ ବାୟୁ ସର୍ବାଧିକ ପ୍ରଦୂଷିତ ହେଉଛି। ମୋଟ ଉତ୍ସର୍ଜନର ୧୮.୭ ପ୍ରତିଶତ କେବଳ ଗାଡ଼ିମୋଟର ଧୂଆଁ ଯୋଗୁ ହେଉଥିବା ଡିସିଶନ ସପୋର୍ଟ ସିଷ୍ଟମ୍ ତଥ୍ୟରୁ ଜଣାପଡ଼ିଛି। ଦିଲ୍ଲୀର ୩୮ ପର୍ଯ୍ୟବେକ୍ଷଣ କେନ୍ଦ୍ର ମଧ୍ୟରୁ ୫ଟିରେ ପ୍ରଦୂଷଣ ସ୍ତର ଅତି ନିକୃଷ୍ଟ ଥିବା ଜଣାପଡ଼ିଛି। ଆନନ୍ଦ ବିହାରରେ ଏକ୍ୟୁଆଇ ସର୍ବାଧିକ ୩୮୨ ହୋଇଥିବାବେଳେ ୱାଜିରପୁରରେ ୩୫୧, ଜାହାଙ୍ଗୀରପୁରରେ ୩୪୨, ବାୱାନାରେ ୩୧୫ ଏବଂ ସିରି ଫର୍ଟରେ ୩୦୯ ରହିଛି।

ପାଣିପାଗ ସ୍ଥିତି ଅନୁକୂଳ ରହିଲେ ସରକାର ଆଗାମୀ ୨/୩ ଦିନରେ କ୍ଲାଉଡ୍ ସିଡିଂ ବା କୃତ୍ରିମ ବର୍ଷା କରାଇବେ ବୋଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂ ସିର୍ସା ବୁଧବାର କହିଥିଲେ। ବାୟୁ ପରିଚାଳନା ଆୟୋଗ ଦିଲ୍ଲୀରେ ଗ୍ରାପ୍-୧ ଲାଗୁ କରିବା ପରେ ମନ୍ତ୍ରୀ ଏଭଳି ଘୋଷଣା କରିଥିଲେ। ଦୀପାବଳିର ସପ୍ତାହେ ପୂର୍ବରୁ ଦିଲ୍ଲୀରେ ଗ୍ରାପ୍-୧ କଟକଣା ଲାଗୁ ହୋଇଥିବାରୁ ଆଗକୁ ବାୟୁ ପ୍ରଦୂଷଣ ଉତ୍କଟ ରୂପ ନେବା ଆଶଙ୍କା କରାଯାଉଛି। ଏଭଳି ସ୍ଥିତିରେ ସୁପ୍ରିମକୋର୍ଟ ଦୀପାବଳିରେ ସବୁଜ ବାଣ ବିକ୍ରି ଓ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ପ୍ରଦୂଷଣ ପରିଚାଳନା ଏବଂ ଲୋକଙ୍କ ଦୀପାବଳି ପାଳନ ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ଏଭଳି ନିର୍ଦ୍ଦେଶ ଦିଆଯାଇଛି। କ୍ଲାଉଡ୍ ସିଡିଂ ପାଇଁ ପାଇଲଟ୍‌ଙ୍କ ତାଲିମ ଶେଷ ହୋଇଛି। ସ୍ଥିତି ଅନୁକୂଳ ରହିଲେ ଭାରତୀୟ ପାଣିପାଗ ବିଭାଗର ଅନୁମୋଦନ କ୍ରମେ କୃତ୍ରିମ ବର୍ଷା କରାଯିବ ବୋଲି ସିର୍ସା କହିଛନ୍ତି।

ଗତବର୍ଷ ଶୀତଦିନେ ଦିଲ୍ଲୀ ଦେଶର ସବୁଠୁ ପ୍ରଦୂଷିତ ମହାନଗର ରହିଥିଲା। ପିଏମ୍ ୨.୫ ସାନ୍ଦ୍ରତା ଘନମିଟର ପ୍ରତି ୧୭୫ ମାଇକ୍ରୋଗ୍ରାମ ଥିଲା ବୋଲି ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ ପକ୍ଷରୁ କୁହାଯାଇଥିଲା। ବାୟୁ ପ୍ରଦୂଷଣ ଯୋଗୁ ଦିଲ୍ଲୀବାସୀଙ୍କ ଆୟୁଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଗାଇଡ୍‌ଲାଇନ୍ସ ତୁଳନାରେ ହାରାହାରି ୧୧.୯ ବର୍ଷ କମିଯାଉଛି ବୋଲି ସିକାଗୋ ୟୁନିଭର୍ସିଟିର ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।

# ସମାନ ସୁଯୋଗ ନୀତି ଆଣ

**ଦେଶରେ କିନ୍ନରଙ୍କ ସହ ହେଉଥିବା ଭେଦଭାବପୂର୍ଣ୍ଣ ଆଚରଣକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ତୃତୀୟ ଲିଙ୍ଗୀଙ୍କୁ ଦୁର୍ବ୍ୟବହାରରୁ ରକ୍ଷାକରିବା ପାଇଁ ୨୦୧୯ରେ ଏକ ଆଇନ ପ୍ରଣୟନ କରାଯିବା ସତ୍ତ୍ୱେ ସେମାନେ ସମାଜରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ଓ କିନ୍ନରଙ୍କୁ ମର୍ଯ୍ୟାଦାର ସହ ବଞ୍ଚିବା ଅଧିକାର ପ୍ରଦାନ ଲାଗି ପରାମର୍ଶଦାତା କମିଟି ରିପୋର୍ଟ ଦାଖଲ କରିବାର ୩ ମାସ ମଧ୍ୟରେ ଏକ 'ସମାନ ସୁଯୋଗ ନୀତି' ପ୍ରଣୟନ କରିବା ସକାଶେ ଶୀର୍ଷ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।**

## କିନ୍ନରଙ୍କ ସହ ଭେଦଭାବ
## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୭।୧୦(ପି.ଟି./ଲାଇଭ୍ ଲ)

କିନ୍ନର ସମୁଦାୟର ଅଧିକାର ସୁରକ୍ଷା ପାଇଁ ୨୦୧୯ରେ ଟ୍ରାନ୍ସଜେଣ୍ଡର ପର୍ସନ୍ସ (ପ୍ରୋଟେକ୍ସନ ଅଫ୍ ରାଇଟ୍ସ) ଆଇନ ପ୍ରଣୟନ କରାଯାଇଥିଲା। ତେବେ ଏହାର ନିୟମଗୁଡ଼ିକର ଉପଯୁକ୍ତ ଅନୁପାଳନ ହେଉ ନ ଥିବାରୁ ଉକ୍ତ ଆଇନ ଏକପ୍ରକାର 'ମୃତ୍ୟୁପତ୍ର'ରେ ପରିଣତ ହୋଇଯାଇଛି ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ କହିଛନ୍ତି, କିନ୍ନରଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଉଦାସୀନ ମନୋଭାବ ଯୋଗୁ ଏହି ଆଇନର କାର୍ଯ୍ୟକାରିତା ଠିକ୍ ଭାବେ ହେଉନାହିଁ।

> କିନ୍ନର ସମୁଦାୟକୁ ମର୍ଯ୍ୟାଦାର ସହ ଜୀବନ ଅତିବାହିତ କରିବା ପାଇଁ ଓଡ଼ିଶା ଓ କେରଳ ବ୍ୟାପକ ନୀତିଗତ ପଦକ୍ଷେପ ନେଇଛନ୍ତି। କିନ୍ତୁ ଅନ୍ୟ ରାଜ୍ୟଗୁଡ଼ିକ ଏହି କ୍ଷେତ୍ରରେ ସୁବିଧାଜନକ ନୀରବତା ଅବଲମ୍ବନ କରୁଛନ୍ତି। ୨୦୨୦ ରୁଲ୍ସର ରୁଲ୍ ୧୧ରେ ରାଜ୍ୟ ସରକାର ଟ୍ରାନ୍ସଜେଣ୍ଡର ପ୍ରୋଟେକ୍ସନ ସେଲ୍ ଗଠନ କରିବା ବାଧ୍ୟତାମୂଳକ କରାଯାଇଛି। ଏହା ସତ୍ତ୍ୱେ ମାତ୍ର ୧୧ଟି ରାଜ୍ୟ ଏଭଳି ସେଲ୍ ଗଠନ କରିଛନ୍ତି ବୋଲି ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଫଳରେ ଏହି ସମୁଦାୟ ଭେଦଭାବର ଶିକାର ହୋଇ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ହାତରେ ଧନ ନାହିଁ କି ଆର୍ଥିକ ସୁଯୋଗ ନାହିଁ। ଏପରି କି ସମାବେଶହୀନ ଶିକ୍ଷାନୀତି ଯୋଗୁ କିନ୍ନରମାନଙ୍କ ସଂଘର୍ଷ ବଢ଼ିଚାଲିଛି।

୨୦୧୪ରେ ଜାତୀୟ ଆଇନଗତ ସେବା କର୍ତ୍ତୃପକ୍ଷ (ନାଲ୍‌ସା) ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ୧୦ ବର୍ଷରୁ ଅଧିକ ସମୟ ବିତିଲାଣି। ଏହି ରାୟ ପରେ ୨୦୧୯ରେ ପାର୍ଲାମେଣ୍ଟରେ ଏକ ନୂତନ ଆଇନ ପାରିତ ହୋଇଥିଲା। ଏହା ସତ୍ତ୍ୱେ ସେମାନଙ୍କ ଅଧିକାର ସୁରକ୍ଷା ହୋଇପାରିନାହିଁ। ବିଶେଷକରି ନିଯୁକ୍ତି ଓ ବୃତ୍ତିଗତ କ୍ଷେତ୍ରରେ ଟ୍ରାନ୍ସଜେଣ୍ଡରମାନଙ୍କ ପ୍ରବେଶରେ ପ୍ରତିବନ୍ଧକ ରହୁଥିବା ଦେଖିବାକୁ ମିଳୁଛି। ସଙ୍ଗଠିତ ଶ୍ରମଶକ୍ତିରେ 'ଥାର୍ଡ ଜେଣ୍ଡର' ବିକଳ୍ପ ନ ଥିବାରୁ ସେମାନେ ବ୍ୟବସ୍ଥାଗତ ବୈଷମ୍ୟର ଶିକାର ହୋଉଛନ୍ତି। ଯଦି କେଉଁଠି କିନ୍ନରଙ୍କୁ ନିଯୁକ୍ତି ମିଳୁଛି, ସେମାନଙ୍କୁ ନିଜ ପରିଚୟ ଗୋପନ ରଖିବାକୁ ମଧ୍ୟ କୁହାଯାଉଛି। ଏହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ସମ୍ମାନ ଅଧିକାରର ଖୋଲା ଉଲ୍ଲଂଘନ ବୋଲି ଖଣ୍ଡପୀଠ କହିଛନ୍ତି।

ଉତ୍ତର ପ୍ରଦେଶ ଓ ଗୁଜରାଟର ୨ଟି ଘରୋଇ ସ୍କୁଲରେ ପୂର୍ବରୁ ନିଯୁକ୍ତି ପାଇଥିବା ଜଣେ କିନ୍ନର ବୈଷମ୍ୟର ଶିକାର ହୋଇ ଚାକିରି ହରାଇବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ତାଙ୍କ ଆବେଦନର ଶୁଣାଣି କରି ଆବେଦନକାରୀଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଦେବାକୁ କେନ୍ଦ୍ର, ୟୁପି, ଗୁଜରାଟ ସରକାରଙ୍କ ସହ ଗୁଜରାଟ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କିନ୍ନର ସମୁଦାୟର ଅସୁବିଧା ଦୂରକରିବା ପାଇଁ ଏକ ପରାମର୍ଶଦାତା କମିଟି ଗଠନ କରିଛନ୍ତି। ଦିଲ୍ଲୀ ହାଇକୋର୍ଟ ପୂର୍ବତନ ବିଚାରପତି ଆଶା ମେନନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି କିନ୍ନରଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ୬ ମାସ ମଧ୍ୟରେ କେତେକ ପ୍ରସ୍ତାବ ସୁପାରିସ କରିବ। ଏହାର ୩ ମାସ ମଧ୍ୟରେ ସମାନ ସୁଯୋଗ ନୀତି ପ୍ରଣୟନ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦିଆଯାଇଛି। ୧୧୭ ପୃଷ୍ଠା ସମ୍ବଳିତ ସୁପ୍ରିମକୋର୍ଟଙ୍କ ଏହି ରାୟକୁ କିନ୍ନର ସମୁଦାୟ ସ୍ୱାଗତ କରିଛି।

## ଏଚ୍-୧ବି ଭିଜା ଦେୟକୁ ନେଇ ଟ୍ରମ୍ପ ପ୍ରଶାସନ ବିରୋଧରେ ମାମଲା

ୱାଶିଂଟନ୍,୧୭।୧୦

ସମସ୍ତ ନୂଆ ଏଚ୍-୧ବି ଭିଜା ଆବେଦନ ଉପରେ ୧ ଲକ୍ଷ ଡଲାର ଦେୟ ସଂଗ୍ରହ କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ନିଷ୍ପତ୍ତି ନେଇଥିବାବେଳେ ଆମେରିକା ଚାମ୍ବର ଅଫ୍ କମର୍ସ ଏହା ବିରୋଧରେ ମୋକଦ୍ଦମା ଦାଏର କରିଛି। ଏହା ବିଭ୍ରାନ୍ତିକର ନୀତି ଏବଂ ବେଆଇନ କାର୍ଯ୍ୟ ବୋଲି ଚାମ୍ବର ଅଫ୍ କମର୍ସ କହିଛି। ଏଭଳି କାର୍ଯ୍ୟ ଆମେରିକୀୟଙ୍କ ନବପ୍ରବର୍ତ୍ତନ ଓ ପ୍ରତିଯୋଗିତାମୂଳକ ମନୋଭାବକୁ ସଙ୍କୁଚିତ କରିଦେଇପାରେ ବୋଲି ଉକ୍ତ ବିଜ୍‌ନେସ୍ ଲବି ଦର୍ଶାଇଛି। ଟ୍ରମ୍ପ ପ୍ରଶାସନର ସେପ୍ଟେମ୍ବର ୧୯ର ଘୋଷଣାନାମାକୁ ଚ୍ୟାଲେଞ୍ଜ କରି କଲମ୍ବିଆ ଜିଲା କୋର୍ଟରେ ଗୁରୁବାର ଲ'ସୁଟ୍ ଦାଏର ହୋଇଛି। ଉକ୍ତ ଘୋଷଣାନାମାରେ କୁହାଯାଇଥିଲା ନିର୍ଦ୍ଦିଷ୍ଟ ଅଣଆପ୍ରବାସୀ ଶ୍ରମିକମାନଙ୍କ ପ୍ରବେଶରେ କଟକଣା ଲଗାଇବାକୁ ଭିଜା ଦେୟ ବଢ଼ାଇ ଦିଆଯାଇଛି। ତେବେ ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ନିୟନ୍ତ୍ରଣ ନେଇ କଂଗ୍ରେସର କ୍ଷମତାକୁ ଅତିକ୍ରମ କରାଯାଇଥିବାରୁ ଏହା ଆପ୍ରବାସନ ଏବଂ ଜାତୀୟତା ଆଇନର ଉଲ୍ଲଂଘନ ବୋଲି ଲ'ଶୁଟ୍‌ରେ ଦର୍ଶାଯାଇଛି। ଏଥିରେ ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ଓ ପରରାଷ୍ଟ୍ର ବିଭାଗ ସମେତ ଏହାର ସଚିବ କ୍ରିଷ୍ଟି ଏଲ୍ ନୋଏମ୍ ଏବଂ ମାର୍କୋ ରୁବିଓଙ୍କୁ ପ୍ରତିପକ୍ଷ କରାଯାଇଛି।



ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହରିନି ଅମରସୁରିୟାଙ୍କୁ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାକ୍ଷାତ୍ କରୁଛନ୍ତି।

# ଗୁଜରାଟ କ୍ୟାବିନେଟ ସମ୍ପ୍ରସାରଣ

ଗାନ୍ଧୀନଗର,୧୭।୧୦(ପି.ଟି.)

- ହର୍ଷ ସାଙ୍ଘଭି ଉପମୁଖ୍ୟମନ୍ତ୍ରୀ
- ଜାଡେଜାଙ୍କ ସ୍ତ୍ରୀ ରିଭାବା ମନ୍ତ୍ରୀ ହେଲେ

ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଶୁକ୍ରବାର ତାଙ୍କ ମନ୍ତ୍ରିମଣ୍ଡଳରେ ବଡ଼ ଧରଣର ସମ୍ପ୍ରସାରଣ କରିଛନ୍ତି। ପୂର୍ବ କ୍ୟାବିନେଟ୍‌ର ୬ ମନ୍ତ୍ରୀ ନୂଆ କ୍ୟାବିନେଟରେ ସ୍ଥାନ ପାଇଥିବାବେଳେ ୧୯ ନୂଆ ମୁହଁ ସାମିଲ ହୋଇଛନ୍ତି। ପୂର୍ବରୁ ମନ୍ତ୍ରୀ ଥିବା ହର୍ଷ ସାଘଭିଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଥିବାବେଳେ କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ସ୍ତ୍ରୀ ରିଭାବାଙ୍କୁ ମନ୍ତ୍ରୀ କରାଯାଇଛି। ଏହି ସମ୍ପ୍ରସାରଣ ସହ ମନ୍ତ୍ରିମଣ୍ଡଳର ସଦସ୍ୟ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ୨୦୨୭ରେ ବିଧାନସଭା ଭୋଟ୍‌ର ୨ ବର୍ଷ ଏବଂ ପୌର ନିର୍ବାଚନର ଅଳ୍ପ କେଇମାସ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇଛି। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।


ସୁରଟର ମଜୁରା ଆସନରୁ ବିଧାୟକ ଥିବା ସାଘଭି ପୂର୍ବ କ୍ୟାବିନେଟରେ ଗୃହମନ୍ତ୍ରୀ ଥିବାବେଳେ ଏଥର ତାଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ମନ୍ତ୍ରିମଣ୍ଡଳରେ ୨ ନମ୍ବର ସ୍ଥାନ ମିଳିଛି। ଭୂପେନ୍ଦ୍ରଙ୍କ ଗତ ୪ ବର୍ଷର ଶାସନ କାଳରେ ପ୍ରଥମ ଥର ପାଇଁ ଜଣେ ଉପମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବ କ୍ୟାବିନେଟ୍‌ର ମନ୍ତ୍ରୀଙ୍କ ମଧ୍ୟରୁ କନୁଭାଇ ପଟେଲ, ଋଷିକେଶ ପଟେଲ ଏବଂ କୁନଭରଜି ବାଭାଲିଆ, ହର୍ଷ ସାଘଭି, ପ୍ରଫୁଲ୍ଲ ପାନଶେରିୟା ଏବଂ ପୁରୁଷୋତ୍ତମ ସୋଲାଙ୍କୁ ନୂଆ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। ମନ୍ତ୍ରିମଣ୍ଡଳରେ ୭ ପଟିଦାର, ୮ ଓବିସି, ୩ ଅନୁସୂଚିତ ଜାତି, ୪ ଅନୁସୂଚିତ ଜନଜାତି ଏବଂ ୩ ଜଣ ମହିଳାଙ୍କୁ ସାମିଲ କରାଯାଇଛି।



କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ସ୍ତ୍ରୀ ତଥା ବିଧାୟିକା ରିଭାବା ଜାଡେଜା ଗୁଜରାଟ କ୍ୟାବିନେଟ୍‌ରେ ନୂଆ ମନ୍ତ୍ରୀ ଭାବେ ଶୁକ୍ରବାର ଶପଥ ଗ୍ରହଣ କରୁଛନ୍ତି।

## 'ଧୁରନ୍ଧର' ଟାଇଟଲ ସଙ୍ଗ୍ ରିଲିଜ୍

ମୁମ୍ବାଇ



ରଣବୀର ସିଂ

ଦୀର୍ଘ ପ୍ରାୟ ୨ ବର୍ଷ ହେବ ବଲିଉଡ୍ ଅଭିନେତା ରଣବୀର ସିଂ ବଡ଼ ପରଦାରେ ନଜରକୁ ଆସିନାହାନ୍ତି। ତାଙ୍କୁ ଶେଷ ଥର ପାଇଁ ୨୦୨୩ରେ ରିଲିଜ୍ ହୋଇଥିବା 'ରକି ଔର୍ ରାନୀ କି ପ୍ରେମ୍ କାହାନୀ' ଫିଲ୍ମରେ ଦେଖିବାକୁ ମିଳିଥିଲା। ତେବେ ଆସନ୍ତା ଡିସେମ୍ବର ୫ରେ ରିଲିଜ୍ ହେବାକୁ ଥିବା ଆକ୍ସନ ସ୍ପାଏ ଥ୍ରୀଲର ମୁଭି 'ଧୁରନ୍ଧର'ରେ ରଣବୀରଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ତେଣୁ ଏହି ଫିଲ୍ମକୁ ନେଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଲାଗି ରହିଛି। ଗତ ଜୁଲାଇ ୬ରେ ରଣବୀରଙ୍କ ଜନ୍ମଦିନ ଅବସରରେ ଏହି ଫିଲ୍ମର ଟିଜରକୁ ଜାରି କରାଯାଇଥିଲା। ଗୁରୁବାର 'ଧୁରନ୍ଧର' ଫିଲ୍ମର ଟାଇଟଲ ସଙ୍ଗ 'ନା ଦେ ଦିଲ୍ ପରଦେଶୀ ନୁ'କୁ ରିଲିଜ୍ କରାଯାଇଛି। ଏଥିରେ ହନୁମାନକିଣ୍ଡ ଭାବେ ଲୋକପ୍ରିୟ ସୂରଜ ଛେରୁକାଟଙ୍କ ର୍‌ୟାପ୍ ଏବଂ ଆମେରିକୀୟ ସଙ୍ଗୀତଜ୍ଞ ଜସ୍‌ମିନ ସାଣ୍ଡଲସ୍‌ଙ୍କ ସ୍ୱର ରହିଛି। ଫିଲ୍ମର ଏହି ଟାଇଟଲ ସଙ୍ଗକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଆସନ୍ତା ୧୨ରେ 'ଧୁରନ୍ଧର'ର ଟ୍ରେଲର ରିଲିଜ୍ ହେବ ବୋଲି ଏହି ଟାଇଟଲ ସଙ୍ଗ୍‌ର ଅନ୍ତିମରେ ସୂଚନା ଦିଆଯାଇଛି। ଫିଲ୍ମରେ ରଣବୀରଙ୍କୁ ଜଣେ ର' ଏଜେଣ୍ଟଙ୍କ ଭୂମିକାରେ ଦେଖିବାକୁ ମିଳିବ। ସେହିପରି 'ଧୁରନ୍ଧର'ରେ ରଣବୀରଙ୍କ ବ୍ୟତୀତ ଅଭିନେତା ସଞ୍ଜୟ ଦତ୍ତ, ଆର୍. ମାଧବନ, ଅକ୍ଷୟ ଖାନ୍ନା, ଅର୍ଜୁନ ରାମପାଲ, ଅଭିନେତ୍ରୀ ସାରା ଅର୍ଜୁନ ପ୍ରମୁଖଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୮/୨୦୨୫ | Bhubaneswar, Saturday, October 18/2025 | ପୃଷ୍ଠା-୧







## ହାଇଦ୍ରାବାଦରେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା

**ହାଇଦ୍ରାବାଦ,୧୭।୧୦**

ହାଇଦ୍ରାବାଦର ପେଟ୍-ବଶିରାବାଦ ଥାନା ଅନ୍ତର୍ଗତ କୋମପାଲ୍ଲୀ ଅଞ୍ଚଳରେ ଜଣେ ଓଡ଼ିଆ ମହିଳାଙ୍କୁ ଗୁରୁବାର ରାତିରେ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ଘର ଭୁବନେଶ୍ୱରର ଭରତପୁର ଅଞ୍ଚଳରେ। ସେ ୬ ମାସ ହେଲା ତାଙ୍କ ସ୍ୱାମୀ ଓ ୪ ବର୍ଷର ପୁଅ ସହ ହାଇଦ୍ରାବାଦରେ ରହୁଥିଲେ। ପ୍ରାଥମିକ ରିପୋର୍ଟ ଅନୁଯାୟୀ ମହିଳା ଓ ତାଙ୍କ ପରିବାର କୋମପାଲ୍ଲୀର ଏକ ଘରୋଇ ନିର୍ମାଣ କମ୍ପାନୀ କ୍ୱାର୍ଟର୍ସରେ ରହୁଥିଲେ। ସେଠାରେ ତାଙ୍କ ସ୍ୱାମୀ ଇଲେକ୍ଟ୍ରୋନିକ୍ ମେଣ୍ଟେନାନ୍ସ ବିଭାଗରେ କାର୍ଯ୍ୟ କରୁଥିଲେ। ମହିଳା ଜଣକ କମ୍ପାନୀର କର୍ମଚାରୀମାନଙ୍କ ପିଲାଙ୍କୁ ପାଠ ପଢ଼ାଉଥିଲେ। ନିକଟରେ ସ୍ୱାମୀଙ୍କୁ ଦୁବାଇରେ ନିଯୁକ୍ତି ମିଳିଥିବାରୁ ନୂଆ ପୋଷ୍ଟିଂରେ ଯୋଗଦେବା ପୂର୍ବରୁ ପାସ୍‌ପୋର୍ଟରେ ଥିବା ଅସଙ୍ଗତି ସଂଶୋଧନ କରିବାକୁ ସେ ଗତ ଶନିବାର ପୁଅ ସହ ଭୁବନେଶ୍ୱର ଆସିଥିଲେ। ସ୍ତ୍ରୀ ଅସୁସ୍ଥ ହୋଇପଡ଼ିଥିବା ନେଇ ବୁଧବାର ରାତିରେ ତାଙ୍କ ସ୍ୱାମୀଙ୍କ ପାଖକୁ କମ୍ପାନୀର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଯୋଗ୍ୟଙ୍କୁ ଖୋଜାଚାଲିଛି**



ରାଜସ୍ଥାନର ଜୟପୁରସ୍ଥିତ ଜବାହର କଳା କେନ୍ଦ୍ରଠାରେ 'ଲୋକ ରଙ୍ଗ-୨୦୨୫' ଗୁଜୁରାଟୀ ସିଦ୍ଦି ସମ୍ପ୍ରଦାୟ ପକ୍ଷରୁ 'ସିଦ୍ଦି ଧମାଲ' ପ୍ରଦର୍ଶନ ବେଳେ ଜଣେ କଳାକାର ଦୁଃସାହସିକ କୌଶଳ ପ୍ରଦର୍ଶନ କରୁଛନ୍ତି।

# ଡିଜିଟାଲ ଆରେଷ୍ଟ: କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ଦେଶର ବିଭିନ୍ନ ଭାଗରେ ଡିଜିଟାଲ ଆରେଷ୍ଟ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତ୍ୟହ କେଉଁଠି ନା କେଉଁଠି ଲୋକେ ସାଇବର ଅପରାଧୀଙ୍କ ଜାଲରେ ଫସି ବିପୁଳ ଅର୍ଥ ହରାଉଛନ୍ତି। ଏପରି କି ସାଇବର ଅପରାଧୀମାନେ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନକଲି ଅର୍ଡର ବାହାରକରି ଲୋକଙ୍କୁ ଲୁଟୁଥିବା ଦୃଷ୍ଟାନ୍ତ ସାମ୍ନାକୁ ଆସୁଛି, ଯାହାକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏହା ମାମୁଲି ଅପରାଧ ନୁହେଁ; ବରଂ ଏପରି ଏକ ପ୍ରସଙ୍ଗ, ଯେଉଁଠି ସଙ୍ଗଠିତ ଆପରାଧିକ ନେଟ୍‌ୱର୍କର ମୂଳକୁ ଖୋଜି ବାହାର କରିବାକୁ ପଡ଼ିବ। ଏଥିସକାଶେ ଉଭୟ କେନ୍ଦ୍ର ଓ ରାଜ୍ୟ ପୋଲିସକୁ ସମନ୍ୱିତ ଉଦ୍ୟମ ଚଳାଇବାକୁ ପଡ଼ିବ କହି ସର୍ବୋଚ୍ଚ ଅଦାଲତ ଏହା ଉପରେ କେନ୍ଦ୍ରକୁ ଜବାବ ମାଗିଛନ୍ତି।**



**ନୂଆଦିଲ୍ଲୀ, ୧୭।୧୦ (ପି.ଟି./ଏଜେନ୍ସି)**

ଦେଶରେ ବଢ଼ି ଚାଲିଥିବା ଡିଜିଟାଲ ଆରେଷ୍ଟ ମାମଲାକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ଚିନ୍ତା ବ୍ୟକ୍ତ କରିବା ସହ କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଏହା ଉପରେ ଜବାବ ମାଗିଛନ୍ତି। ଅନ୍‌ଲାଇନ୍ ଠକେଇ ବିଶେଷକରି ଡିଜିଟାଲ ଆରେଷ୍ଟ ଜରିଆରେ ନାଗରିକଙ୍କୁ ଲୁଟିବା ପାଇଁ କୋର୍ଟଙ୍କ ଜାଲ୍ ଅର୍ଡର ପ୍ରସ୍ତୁତ କରାଯାଉଛି, ଯାହାକି ସୁପ୍ରିମକୋର୍ଟଙ୍କ ଧ୍ୟାନକୁ ଆସିଛି। ଏପରି ଅପରାଧ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥାର ମୂଳଦୁଆକୁ ଦୋହଲାଇ ଦେଉଛି ବୋଲି ଶୀର୍ଷ ଅଦାଲତ କହିଛନ୍ତି।

ସେପ୍ଟେମ୍ବର ୩ରୁ ୧୬ ତାରିଖ ମଧ୍ୟରେ ହରିୟାଣାର ଅମ୍ବାଲାରେ ସାଇବର ଅପରାଧୀମାନେ ନିଜକୁ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀ ପରିଚୟ ଦେଇ ଏକ ବରିଷ୍ଠ ନାଗରିକ ଦମ୍ପତିଙ୍କୁ ଅଡିଓ ଏବଂ ଭିଡିଓ କଲ୍ କରିଥିଲେ। ଏପରି କି ସେମାନେ ଅଦାଲତ ଓ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଜାଲ୍ ଅର୍ଡର ବାହାର କରି ଉଭୟଙ୍କୁ ଡିଜିଟାଲ ଆରେଷ୍ଟ କରିବା ସହ ବ୍ୟାଙ୍କ ଟ୍ରାଞ୍ଜାକ୍ସନ ଜରିଆରେ ୧.୦୫ କୋଟି ଟଙ୍କା ଠକିନେଇଥିଲେ। ସେପ୍ଟେମ୍ବର ୨୨ରେ ୭୩ ବର୍ଷୀୟା ମହିଳା ଜଣକ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କୁ ପତ୍ର ଲେଖି ଏହି ବିଷୟରେ ଅବଗତ ☞ପୃଷ୍ଠା-୨





**Honda Exclusive Authorized Dealerships: JEYPORE:** Kesar Honda - 06854-230492, 8895321212; **KALIMELA:** Mahi Honda - 9937552882; **MALKANGIRI:** Kesar Honda - 9668796587; **MUNIGUDA:** Laxmi Honda - 0958352467; **NABRANGPUR:** Virider Honda - 7008899292, 9937413659; **UMERKOTE:** Sita Ram Honda - 6372732198; **RAYGADA:** Aditya Honda - 9938418969, 8280096999, 6281201674; **GUNUPUR:** Sri Rama Motors -7894894696; **PADMAPUR:** Krupasindhu Motors - 7978135364; **SIMLIGUDA:** SS Honda - 06853225397, 7799882597; **LAXMIPUR:** Maa Tarini Honda: 9348897775, 8658515778

**For Bulk/Institutional enquiries, please write us at: institutionalsales@honda2wheelersindia.com**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରୀୟ ଚଷା ପାଇକ ମହାସଂଘ ପକ୍ଷରୁ 'ଜାତିଭିତ୍ତିକ ଜନଗଣନାର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର ନୂଆ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଏମ୍‌ବିବିଏସ୍ ଆବ୍ରୋଡ୍ ପ୍ରି-ଡିପାଚର୍ ସେରିମନି, ସ୍ଥାନ: ହୋଟେଲ ଶୀତଲ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦର ବୈଠକ, ସ୍ଥାନ: ସିପିଆଇ ରାଜ୍ୟ ଦପ୍ତର, ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନାଟକ ମଣ୍ଡୁକ ଉପାଖ୍ୟାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ପାଦଚିହ୍ନ ପକ୍ଷରୁ ଏକକ ନାଟକ 'ଅପରାହ୍ନର ଆକାଶ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ

- ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ତୃତୀୟ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସି ବଜାର, ସମୟ: ସକାଳ ୮ଟା।
- ଓଡ଼ିଶା ଜୁଡିସିଆଲ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ନ୍ୟାୟ ମିଶନ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଜୁଡିସିଆଲ ଏକାଡେମୀ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- କଟକ ଜିଲାସ୍ତରୀୟ କଳା ଉତ୍ସବ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖାନନଗର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ତୃତୀୟ ଦିବସ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିସ୍‌ଡମ ପ୍ରେକ୍ଷାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସମାରୋହ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୫ଟା ୩୦।

## ବାଲେଶ୍ୱର

- ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ମହକ', ସ୍ଥାନ: ସ୍ପୋର୍ଟସ୍ ହଷ୍ଟେଲ କ୍ୟାମ୍ପସ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ବରିଷ୍ଠ ନାଗରିକ କାର୍ଯ୍ୟାଳୟ, ବଡ଼ସିମୁଳିଆ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର, ନୂଆଗାଁ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ରାହ୍ମଣଗାଁ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୮ଟା।

## କେନ୍ଦୁଝର

- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର,ସ୍ଥାନ: ପୌର ପାଳିକା କାର୍ଯ୍ୟାଳୟ ପରିସର,ସମୟ: ସକାଳ ୮ଟା।

## ମୟୂରଭଞ୍ଜ

- ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଶିମିଳିପାଳ ଅଭୟାରଣ୍ୟ,ସ୍ଥାନ: ପିଠାବଟା ଗେଟ୍, ଶାମାଖୁଣ୍ଟା ବ୍ଲକ,ସମୟ: ସକାଳ ୬ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଓଡ଼ିଶା ଲୋକକଳା ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- ମା'ଶ୍ୟାମା କାଳୀ ପୂଜା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ବାସୁଦେବପୁର ଗୋବରା, ବେଲଗୁଣ୍ଠା, ସମୟ: ସକାଳ ୭ ଟା।
- ଏନ୍‌ଡିଆର୍‌ଏଫ ପକ୍ଷରୁ ମକ୍‌ଡ୍ରିଲ୍, ସ୍ଥାନ: ଆସିକା ବ୍ଲକ କର୍ପୁର ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା।

- ରାଜନୀତି ବିଜ୍ଞାନ ସେମିନାର, ସ୍ଥାନ: ପିପୁଲ୍ସ କଲେଜ ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସଦଭାବନା ଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତସିଂହପୁର

- ପ୍ରାଣୀଧନ ବିଭାଗ ପକ୍ଷରୁ ବୁଲା ଷଣ୍ଢଙ୍କ ପାଇଁ ଭ୍ରାମ୍ୟମାଣ ଚିକିତ୍ସା ଶିବିର, ସ୍ଥାନ: ପାରାଦୀପଗଡ, ପାରାଦୀପ, ସମୟ: ସକାଳ ୮ଟା।
- ଭାଗବତ ପରିବାର ପକ୍ଷରୁ ଜଗନ୍ନାଥ କଥାମୃତ, ସ୍ଥାନ: ଗୋପାଳଜୀଉ କଲୋନୀ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ଜିଲା ଆସୋସିଏଶନ ପକ୍ଷରୁ ଚେସ ଚାମ୍ପିୟନସିପ, ସ୍ଥାନ: ହୋଟେଲ ସ୍ୱୟଂସିଦ୍ଧା, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆୟତପୁର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଯାଜପୁର କାଳୀପୂଜା ପାଇଁ ଜିଲାପାଳ ଓ ଏସପିଙ୍କ ସମୀକ୍ଷା, ସ୍ଥାନ: ଯାଜପୁର ସହରର ଗାନ୍ଧି ଛକ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଶୁକଳଗାଡିଆ, ଗୋବିନ୍ଦପୁର, ଗଦାଧରପ୍ରସାଦ, ହରିପୁର, ଡିହଗାଁ, ବାରବାଟି ଓ ବାଲିକୁଦିଆ, ସମୟ: ସକାଳ ୮ଟା ରୁ ରାତି ୯ଟା୩୦।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ନୂଆଗାଁ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ଗଭର୍ଣ୍ଣିଂ ବଡି ବୈଠକ, ସ୍ଥାନ: ନୟାଗଡ଼ ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞର ନବମ ଦିବସରେ ଲଙ୍କାକାଣ୍ଡ, ରାବଣ ବଦ୍ଧ, ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସ୍ଥାନ: ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଆଶାକର୍ମୀଙ୍କ ପଦଯାତ୍ରା, ବିକ୍ଷୋଭ ଓ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ରାୟଗଡ଼ା ଗାନ୍ଧୀ ପାର୍କରୁ ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକ ମହୋତ୍ସବ ମଣ୍ଡେଇ ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ମିଶନ୍ ଶକ୍ତି ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମାଲକାନଗିରି

- ଦୀପାବଳୀ ଉପଲକ୍ଷେ ରୋଟାରି କ୍ଲବ ପକ୍ଷରୁ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ସ୍ଥାନ: ମାଲକାନଗିରି ଜିଲା କାରାଗାର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା।
- ଝୁଝୁମୁରା ରାସଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ବଲପୁର ଗାୟତ୍ରୀ ପରିବାର ପକ୍ଷରୁ ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ଗାୟତ୍ରୀ ପୀଠ ସମ୍ମୁଖ ରାସ୍ତା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀସ୍ଥିତ ଶ୍ରୀଶ୍ରୀ ଜ୍ଞାନକ୍ଷେତ୍ର, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ଅସିଚାଳନା ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।
- ଟିପିଡବ୍ଲୁଓଡିଏଲ ପକ୍ଷରୁ ୟୁଏଲ୍‌ଏ ମଡେଲ ସୋଲାର ରୁଫ୍‌ଟପ୍ ଇଷ୍ଟାଲେଶନ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ମହୀମୁଣ୍ଡା, ପୁଇଁନ୍ତଲା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ରାଉରକେଲା

- କାଳୀପୂଜା ବୈଠକ, ସ୍ଥାନ: ସେକ୍ଟର-୨ ଦ୍ୱିତାଲା ମାର୍କେଟ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହିଳା କଲେଜରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ଗୃହସ୍ଥୀ ପକ୍ଷରୁ ଧନତେରସ୍ କାର୍ଯ୍ୟକ୍ରମ, ସ୍ଥାନ: ଗୃହସ୍ଥୀ ଉଦ୍ୟୋଗ, ଛେଣ୍ଡ କଲୋନି, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାଉରକେଲା ଶ୍ରମିକ ସଂଘ ଓ ଜିଏମ୍‌ଏମ୍ ପକ୍ଷରୁ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଟାଉନ ଇଞ୍ଜିନିୟରିଂ ଅଫିସ, ସମୟ: ଅପରାହ୍ନ ୫ଟା।
- ଚନ୍ଦ୍ରଶେଖର ରଥଙ୍କ ୯୭ତମ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- କୋଏଲ କ୍ଲବ ପକ୍ଷରୁ ନାଟକ ପରିବେଷଣ, ସ୍ଥାନ: ଡି ବ୍ଲକ ଦୁର୍ଗାପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- କୋଏଲ କ୍ଲବ ପୂଜା ମଣ୍ଡପର ନବୀକରଣ ଉତ୍ସବ, ସ୍ଥାନ: କୋଏଲ କ୍ଲବ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ବ୍ଲକସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ସାଇବର ସୁରକ୍ଷା ସଚେତନତା ଅଭିଯାନ, ସ୍ଥାନ: ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ କାର୍ଯ୍ୟକ୍ରମ ଆଲୋଚନା, ସ୍ଥାନ: ସଂସ୍କୃତି ଭବନ ବାପୁଜୀ ନଗର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସାନ: ଜିଲା ପୋଲିସ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ,ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ମାସ ବ୍ୟାପୀ ଅଖଣ୍ଡ ନାମଯଜ୍ଞର ଏକାଦଶ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପର ପଞ୍ଚମ ପ୍ରସ୍ତୁତି ବୈଠକ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୪ ଟା।
- ତରଭା ଶନି ମନ୍ଦିରଠାରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରର କିଛି ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି ଅବଶ୍ୟ ବନ୍ଧୁ ସାହାଯ୍ୟ କରିବେ ଓ କାମ ଅଟକିବ ନାହିଁ। କୃତ୍ତିକା ନକ୍ଷତ୍ରର ଆକସ୍ମିକ ଭ୍ରମଣ ଯୋଗ ଜୁଟିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବ୍ୟବସାୟ,ନିର୍ମାଣ,ଆନୁଷ୍ଠାନିକ କାମ,ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** — ଆଜିର କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ପରିବାରରେ ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ରୋହିଣୀ ନକ୍ଷତ୍ରର ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଆଜି କୌଣସି କାମରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡ଼ିବ। ପୁରୁଣା ରୋଗର ପୀଡ଼ା ମନକୁ ବିଷାଦିତ କରିଦେଇପାରେ।

**ମିଥୁନ** — ଯେଉଁ କାମରେ ହାତଦେଲେ ମଧ ସବୁ କିଛି ସାମାନ୍ୟ ବିଳମ୍ବରେ ଠିକ୍ ହୋଇଯିବ। କେତେକ କ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଶତ୍ରୁମାନେ ଚେଷ୍ଟା କରି ମଧ କିଛି କ୍ଷତି କରିପାରିବେ ନାହିଁ। ମୃଗଶିରା ନକ୍ଷତ୍ର କର୍ମକ୍ଷେତ୍ରରୁ କୌଣସି ଖବର ପାଇ ଖୁସି ହେବେ।

**କର୍କଟ** — ପୁଷ୍ୟା ନକ୍ଷତ୍ରର ମାନସିକ ଦୁର୍ବଳତାରୁ କଥା ପ୍ରଭାବଶାଳୀ ହୋଇ ନ ପାରେ। ବିବାହ ସମସ୍ୟା, ଆଲୋଚନା କିମ୍ବା ପରାମର୍ଶ, ସବୁ ଦିଗରୁ ଧୋକା ଖାଇବାକୁ ପଡ଼ିବ। ଆବଶ୍ୟକତା ଅନୁଭବ କରି ମନୋରଞ୍ଜନ ଜିନିଷ କ୍ରୟ କରିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କଥା ଅନ୍ୟ ଆଗରେ ପ୍ରକାଶ କରି ଓଲଟା ଫଳ ପାଇବେ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ଉତ୍ତରାଫାଲଗୁନୀ ନକ୍ଷତ୍ର ଜିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତିରେ ସଫଳତା ହାସଲ କରିବେ। ପର ସକାଶେ କୈଫିୟତ୍ ଦେବାକୁ ପଡ଼ିପାରେ। ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ।

**କନ୍ୟା** — ଉତ୍ତରାଫାଲଗୁନୀ ନକ୍ଷତ୍ର ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବ୍ୟବସାୟ କ୍ଷେତ୍ରରେ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**ତୁଳା** — ବିଶାଖା ନକ୍ଷତ୍ରର ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। କେତେକ କ୍ଷେତ୍ରରେ ଅନ୍ୟ ମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇ ପାରନ୍ତି। କର୍ମକ୍ଷେତ୍ରରେ ମଉଳି ଯାଉଥିବା ଆଶା ପୁଣି କଅଁଳି ଉଠିବ।

**ବିଛା** — ଜ୍ୟେଷ୍ଠା ନକ୍ଷତ୍ର ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହେବ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିହିଁ ଶେଷ କରିବାକୁ ଚାହୁଁଥିଲେ ମଧ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ।

**ଧନୁ** — ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ଉତରାଷାଢ଼ା ନକ୍ଷତ୍ରର ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ। ବ୍ୟବସାୟ ଭଲ ଚାଲିବା ଯୋଗୁ ଆପଣଙ୍କୁ କେତେକାଂଶରେ ଆତ୍ମ ସନ୍ତୋଷ ମିଳିପାରେ।

**ମକର** — ଯେତେ ପ୍ରକାରର କାମ କଲେ ମଧ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବନ୍ଧୁଙ୍କ ସହିତ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ** — ପାରିବାରିକ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ, ତଥାପି ସମସ୍ୟା ଅତି ସହଜରେ ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ର ବୁଝାମଣା ଶୃଙ୍ଖଳିତ ହେବ। ପୂର୍ବଭାଦ୍ର ନକ୍ଷତ୍ର ସକାଶେ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇପାରନ୍ତି।

**ମୀନ** — ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ସ୍ଥିତି ପୂର୍ବପରି ରହିବ। ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତି ଓ ଆନୁଷ୍ଠାନିକ କାମରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ରେବତୀ ନକ୍ଷତ୍ର କୌଶଳରେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ।

ଆଜି ଅକ୍ଟୋବର ୧୮ ତାରିଖ, କାର୍ତ୍ତିକ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶନିବାର, ଧନତେରସ୍, ଲକ୍ଷ୍ମୀପୂଜା, ଯମଦୀପଦାନ, ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୮ ଗତେ ଘ.୦୮।୩୮ ମଧ୍ୟେ, ଘ.୧୧।୫୪ ଗତେ ଘ.୧୨।୫୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

# ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉପର ବରଡ଼ା ହସୁଛି**
**ତଳ ବରଡ଼ା ଖସୁଛି**
**ମଝି ବରଡ଼ା ଥାଇ କହୁଛି**
**ମୋ' ଦିନକାଳ ଆସୁଛି।**

ବାସ୍ତବିକ ଏ ମରଣଶୀଳ ଦୁନିଆରେ କିଛି ବି ସ୍ଥାୟୀ ନ ଥାଏ। ତଳ ବରଡ଼ା ଖସିଲା ପରି ଦିନେ ଉପର ବରଡ଼ା ମଧ ସମୟକ୍ରମେ ଖସିପଡୁଥିବାର ଦେଖିବାକୁ ମିଳିଥାଏ। ମଣିଷର ଅଗ୍ରଗତି ପଥରେ କାଳର ଏହା ସତର୍କବାଣୀ। ଏହାହିଁ ଦୁନିଆର ରୀତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଉଆଁସୀ କନ୍ୟାକୁ ଅଣ୍ଡେଇସିଆ ବର**
**ଆଶଙ୍କାରେ ବର ମା' ର ମନ ଥରହର।**

ସାଧାରଣତଃ ଉଆଁସ ତିଥିରେ ଜନ୍ମଲାଭ କରିଥିବା କନ୍ୟାକୁ ବିବାହ କରିବା ପାଇଁ କେହି ରାଜି ହୋଇନଥାନ୍ତି। କାରଣ ଅମାବାସ୍ୟା ଦିନ ଜାତ ହୋଇଥିବା କନ୍ୟା ଅକାଳରେ ବିଧବା ହୁଏ ବୋଲି ରହିଥିବା ଅନ୍ଧବିଶ୍ୱାସ ସମାଜରେ ଏବେବି ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବାଧ, ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ




ନିର୍ବାଚନ ଉପରେ ସମୀକ୍ଷା କରୁଛନ୍ତି ଅଧିକାରୀମାନେ।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନୂଆପଡ଼ା ଗସ୍ତ

ନୂଆପଡ଼ା,୧୭।୧୦ (ମକାରୁ ବେମାଲ) ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍.ଏସ୍. ଗୋପାଳନ ଶୁକ୍ରବାର ନୂଆପଡ଼ା ଗସ୍ତ କରି ହେବାକୁ ଥିବା ଉପନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି, ଆଇନଶୃଙ୍ଖଳା ପରିସ୍ଥିତି ଆଦିର ସମୀକ୍ଷା କରିଛନ୍ତି। ତାଙ୍କ ସହ ଅତିରିକ୍ତ ଡିଜିପି ତଥା ରାଜ୍ୟ ପୋଲିସ ନୋଡାଲ ଅଫିସର ସଞ୍ଜୟ କୁମାର ଓ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଅଧିକାରୀମାନେ ସମୀକ୍ଷା ବୈଠକରେ ସାମିଲ ହୋଇଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସିଇଓ ଗୋପାଳନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧିକାରୀମାନେ ଅବାଧ, ନିରପେକ୍ଷ ଓ ଦେୟମୁକ୍ତ ନିର୍ବାଚନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଉପନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଓ ଆରକ୍ଷୀ ବାହିନୀ ସମ୍ପୂର୍ଣ୍ଣ ନିରପେକ୍ଷ ଭାବରେ ପ୍ରଦତ୍ତ ଦାୟିତ୍ୱ ନିର୍ବାହ କରି ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ନିର୍ବାଚନ ଆୟୋଗଙ୍କ ସୁନାମକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି। ନିର୍ବାଚନ ସମୟରେ ମତଦାତାଙ୍କୁ ଅର୍ଥ, ନିଶାଦ୍ରବ୍ୟ, ଶାଢ଼ି ଓ ଅନ୍ୟାନ୍ୟ ଲୋଭନୀୟ ସାମଗ୍ରୀ ବଣ୍ଟନ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ମଧୁସୂଦନ ଦାଶ ପ୍ରଶାସନିକ ପ୍ରସ୍ତୁତି ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅମୃତପାଲ ସିଂ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଆଯାଇଥିବା ସମସ୍ତ ପଦକ୍ଷେପ ସମ୍ବନ୍ଧୀୟ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ପ୍ରମୁଖ ଶାସନ ସଚିବ (ଭାରତର ନିର୍ବାଚନ ଆୟୋଗ) ଏସ୍.ବି. ଜୋଷୀ, ଶାସନ ସଚିବ (ଭାରତର ନିର୍ବାଚନ ଆୟୋଗ) ସୁଜିତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁଙ୍କ ସମେତ ଜିଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସେହିପରି ଅପରାହ୍ନରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳନ ଉପନିର୍ବାଚନ ପରିଚାଳନା ସହିତ ସଂଯୁକ୍ତ ବିଭିନ୍ନ କମିଟିର ମୁଖ୍ୟମାନଙ୍କ ବୈଠକ କରିଥିଲେ। ଏଥିରେ ସେ କମିଟି ସଦସ୍ୟଙ୍କ ଉପରେ ନ୍ୟସ୍ତ ଦାୟିତ୍ୱକୁ ଠିକ୍ ଢଙ୍ଗରେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ବୁଥ୍‌ରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସଂଯୋଗ, ଶୌଚାଳୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଡିଜିଟାଲ ଆରେଷ୍ଟ...

କରାଇଥିଲେ। ସୁପ୍ରିମକୋର୍ଟ ଏହାକୁ ସଂଜ୍ଞାନକୁ ନେଇ ନିଜ ଆଡୁ ଶୁଣାଣି ଆରମ୍ଭ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି ବେଳେ କହିଛନ୍ତି, ଦେଶରେ ଡିଜିଟାଲ ଆରେଷ୍ଟ ମାମଲା ସଂଖ୍ୟା ବଢ଼ିଚାଲିଛି। ଏହା ଏକ ମାମୁଲି ଅପରାଧ ନୁହେଁ, ଯେଉଁଠି ପୋଲିସକୁ ତଦନ୍ତ ତ୍ୱରାନ୍ୱିତ କରି ମାମଲାର ନିଷ୍କର୍ଷ ଯାଏ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯିବ ; ବରଂ ଏପରି ଏକ ପ୍ରସଙ୍ଗ ଯହିଁରେ ସଙ୍ଗଠିତ ଅପରାଧର ମୂଳକୁ ଖୋଜି ବାହାର କରିବା ଲାଗି କେନ୍ଦ୍ର ଓ ରାଜ୍ୟ ପୋଲିସକୁ ସମନ୍ୱିତ ଉଦ୍ୟମ ଚଳାଇବାକୁ ପଡ଼ିବ।

ଖଣ୍ଡପୀଠ ଆହୁରି କହିଛନ୍ତି, ବରିଷ୍ଠ ନାଗରିକଙ୍କ ସମେତ ନିରୀହ ଲୋକଙ୍କୁ ଡିଜିଟାଲି ଆରେଷ୍ଟ କରିବା ପାଇଁ ସୁପ୍ରିମକୋର୍ଟ ଓ ହାଇକୋର୍ଟ ରାୟ, ବିଚାରପତିମାନଙ୍କ ଦସ୍ତଖତ ଜାଲିଆତି କରାଯିବା ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆକୁ ଦୋହଲାଇଦେଉଛି। ଏପରି କାର୍ଯ୍ୟ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ମର୍ଯ୍ୟାଦା ଉପରେ ପ୍ରତ୍ୟକ୍ଷ ଆକ୍ରମଣ। ଦସ୍ତାବିଜ ଜାଲିଆତି କରି ନାମ, ସିଲ୍ ଓ ଅଦାଲତୀ ରାୟର ଆପରାଧିକ ବ୍ୟବହାର ଏକ ଗମ୍ଭୀର ପ୍ରସଙ୍ଗ। ଏପରି ଆପରାଧିକ କାର୍ଯ୍ୟକୁ ଏକ ସାଧାରଣ ମାମଲା ରୂପେ ବିଚାର କରାଯାଇପାରିବ ନାହିଁ। ଏହା କେବଳ ଗୋଟିଏ ମାମଲା ନୁହେଁ, ଦେଶର ବିଭିନ୍ନ ଭାଗରେ ଏଭଳି ଘଟଣା ଘଟିଚାଲିଛି। ଗଣମାଧ୍ୟମରେ ଏପରି ସାଇବର ଅପରାଧକୁ ନେଇ ଅନେକ ରିପୋର୍ଟ ପ୍ରକାଶ ପାଉଛି। ତେଣୁ ସମନ୍ୱିତ ଓ ସାମୂହିକ ଉଦ୍ୟମ ବଳରେ କେନ୍ଦ୍ର ଓ ରାଜ୍ୟ ପୋଲିସ ଆପରାଧିକ ନେଟ୍‌ୱର୍କର ମୂଳକୁ ଯାଇ ଖୋଳତାଡ଼ କରିବା ଜରୁରୀ ହୋଇପଡ଼ିଛି ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ଆଟର୍ନି ଜେନେରାଲଙ୍କ ସହଯୋଗ ଲୋଡ଼ିବା ସହିତ ଆଲୋଚ୍ୟ ମାମଲାରେ ହରିୟାଣା ସରକାର ଏବଂ ଅମ୍ବାଲା ସାଇବର ଅପରାଧ ବିଭାଗକୁ ଅଦ୍ୟାବଧି କରାଯାଇଥିବା ତଦନ୍ତର ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି।

### ହାଇଦ୍ରାବାଦରେ ଓଡ଼ିଆ ...


ଜଣେ କର୍ମଚାରୀ ଫୋନ୍ କରିଥିଲେ। ଗୁରୁବାର ସକାଳେ ସେ ବିମାନ ଯୋଗେ ହାଇଦ୍ରାବାଦ ଯାଇ ସନ୍ଦେହଜନକ ଅବସ୍ଥାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲେ। ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ପେଟ୍-ବଶିରାବାଦ ଥାନାରେ ଅଭିଯୋଗ ହୋଇଛି। ଏଥିସହିତ ସେମାନେ ନିରପେକ୍ଷ ତଦନ୍ତ ଓ ତ୍ୱରିତ୍ ନ୍ୟାୟ ପାଇଁ ଖୋର୍ଦ୍ଧା ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ବିଦ୍ୟାଳୟ ପରିସରରେ ଜଳିଗଲେ ଛାତ୍ର

## ■ ଷ୍ଟଣ୍ଟ୍ ଦେଖାଉଥିବାବେଳେ ଅଘଟଣ ସନ୍ଦେହ
## ■ ସାଙ୍ଗ ପେଟ୍ରୋଲ ପିଆଇ ନିଆଁ ଲଗାଇଥିବା ଚର୍ଚ୍ଚା

ବ୍ରହ୍ମଗିରି,୧୭।୧୦(ସ୍ୱାଧୀନ ଚମ୍ପତିରାୟ)

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଖଜୁରିଆସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନବମ ଶ୍ରେଣୀ ଛାତ୍ର ଜଳିଯାଇ ଗୁରୁତର ହୋଇପଡ଼ିଛନ୍ତି। ସେ ହେଲେ ଖଜୁରିଆ ଗ୍ରାମ ବାସିନ୍ଦା ବିରାଟ ସାହୁଙ୍କ ପୁଅ ଓମ୍‌ପ୍ରକାଶ ସାହୁ। ସେ ବିଦ୍ୟାଳୟ ପରିସରରେ ଷ୍ଟଣ୍ଟ ଦେଖାଉଥିବାବେଳେ ପୋଡ଼ିଯାଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ତାଙ୍କୁ ଜଣେ ସହପାଠୀ ଚତୁରତାର ସହ ପେଟ୍ରୋଲ ପିଆଇ ନିଆଁ ଲଗାଇଦେଇଥିବା ଚର୍ଚ୍ଚା ହେଉଛି। ଓମ୍‌ପ୍ରକାଶଙ୍କ ବେକ ଓ ମୁହଁ ସମେତ ଶରୀରର କେତେକ ଅଂଶ ପୋଡ଼ିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି।


ଗୁରୁତର ଛାତ୍ର ଓମ୍‌ପ୍ରକାଶ ସାହୁ

ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନଭୋଜନ କରୁଥିବାବେଳେ କେତେଜଣ ପିଲା ଖେଳପଡ଼ିଆରେ ବୁଲୁଥିଲେ। ଏହି ସମୟରେ କେତେଜଣ ଛାତ୍ର ଓମ୍‌ପ୍ରକାଶଙ୍କୁ କୋଲ୍ଡ୍ରିଙ୍କ୍ସ ପିଇବାକୁ କହି ଏକ ବୋତଲରେ ଆଣିଥିବା ପେଟ୍ରୋଲ ପିଇବାକୁ ଦେଇଥିଲେ। ଓମ୍‌ପ୍ରକାଶ କୋଲ୍ଡ୍ରିଙ୍କ୍ସ ଭାବି ତାହାକୁ ପିଇବାବେଳେ ପେଟ୍ରୋଲ ବୋଲି ଜାଣିପାରି ଥୁ ଥୁ କରି ପାଟିରୁ ଫିଙ୍ଗିଥିଲେ। ଏହି ସମୟରେ ସମ୍ପୃକ୍ତ ଛାତ୍ର ଦିଆସିଲି କାଠି ଜଳାଇ ଓମ୍‌ପ୍ରକାଶଙ୍କ ଉପରକୁ ଫିଙ୍ଗିଦେଇଥିଲେ ବୋଲି ଶୁଣିବାକୁ ମିଳୁଛି। ଫଳରେ ଓମ୍‌ପ୍ରକାଶ ପୋଡ଼ିଯାଇଥିଲେ। ଅନ୍ୟପକ୍ଷରେ ଓମ୍‌ପ୍ରକାଶ ପେଟ୍ରୋଲରେ ନିଆଁ ଲଗାଇ ଷ୍ଟଣ୍ଟ ଦେଖାଉଥିବାବେଳେ ଏଭଳି ଅଘଟଣ ଘଟିଥିବା କେତେଜଣ ଛାତ୍ରୀଛାତ୍ର ଓ ଶିକ୍ଷକ ସନ୍ଦେହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଶିକ୍ଷକମାନେ ଜାଣିବାକୁ ପାଇବା ମାତ୍ରେ ଓମ୍‌ପ୍ରକାଶଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପ୍ରଧାନ ଶିକ୍ଷକ ଶିବରାମ ମହାପାତ୍ର ଏଭଳି ଅଘଟଣକୁ ସ୍ୱୀକାର କରିଛନ୍ତି। କୋଲ୍ଡ୍ରିଙ୍କ୍ସ ବୋତଲରେ ପେଟ୍ରୋଲ ପୂରାଇ କେହି ଛାତ୍ର ଓମ୍‌ପ୍ରକାଶଙ୍କୁ ଦେବା ସହ ସେଥିରେ ଦିଆସିଲି ଲଗାଇଥିବା ସେ କହିଛନ୍ତି। ସେହିପରି ସାଧନକେନ୍ଦ୍ର ସଂଯୋଜକ ଶୁକଦେବ ସାହୁ କହିଛନ୍ତି, ଛାତ୍ରଜଣକ ଷ୍ଟଣ୍ଟ ଦେଖାଇବାବେଳେ ପୋଡ଼ିଯାଇଥିବା ଶୁଣିବାକୁ ପାଉଛି। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକୃତ କଥା କହିପାରିବେ। ଅନ୍ୟପଟେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଘଟଣା ସମ୍ପର୍କରେ ସୂଚନା ପାଇଥିବା କହିଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଘଟଣା ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି। ସମ୍ପୃକ୍ତ ଛାତ୍ର କାହିଁକି ଓ କିପରି ବିଦ୍ୟାଳୟକୁ ପେଟ୍ରୋଲ ନେଲେ ତାହା ଏବେ ପ୍ରଶ୍ନବାଚୀ ହୋଇଛି। ବିଦ୍ୟାଳୟର ଘାସମରା ଯନ୍ତ୍ର ପାଇଁ ରଖାଯାଇଥିବା ପେଟ୍ରୋଲକୁ ଉପରୋକ୍ତ କାର୍ଯ୍ୟରେ ବ୍ୟବହାର କରାଯାଇଥିବା ସନ୍ଦେହ କରାଯାଉଛି। ସେହିପରି ଅନେକ ସମୟରେ ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ ଅଗ୍ନି ନିରାକରଣ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ଛାତ୍ରୀଛାତ୍ର କାହିଁକି ସଚେତନ ହେଉନାହାନ୍ତି, ତାହା ବୁଝାପଡୁନାହିଁ ବୋଲି କେତେଜଣ ଶିକ୍ଷାବିତ୍ କହିବା ସହ ଏ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ଓଡ଼ିଶାରେ ଅନେକ ସମୟରେ ଛାତ୍ରୀଛାତ୍ର ପୋଡ଼ିଯିବା ଭଳି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସୁଛି। ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ମତ ପ୍ରକାଶ ପାଇଛି।



ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଶୁକ୍ରବାର ଆୟୋଜିତ ଆଦି କର୍ମଯୋଗୀ ଅଭିଯାନ ସଂକ୍ରାନ୍ତ ଜାତୀୟ କର୍ମଶାଳାରେ କୋରାପୁଟ ଜିଲାର ଏଡିଡବ୍ଲ୍ୟୁଓ ରାକେଶ ବିଶ୍ୱାଳଙ୍କୁ ଷ୍ଟେଟ ଲେଭଲ୍ ମାଷ୍ଟର ଟ୍ରେନର ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରସ୍କୃତ କରୁଛନ୍ତି। (ଫଟୋ-ଚମନ ଗୌତମ)

# ସୀମାନ୍ତରେ ୨୦୮ ମାଓବାଦୀଙ୍କ ଆତ୍ମସମର୍ପଣ


ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ପୁଷ୍ପ ଦେଇ ସ୍ୱାଗତ କରାଯାଉଛି।

ମାଲକାନଗିରି,୧୭।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ୨ ମାଓବାଦୀ ଡିଭିଜନର ୨୦୮ ମାଓବାଦୀ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ୪ଦିନ ତଳେ ଛତିଶଗଡ଼ର ୧୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଏକା ସାଙ୍ଗରେ ୩ ଅଞ୍ଚଳରେ ଆତ୍ମସମର୍ପଣ କରିଥିଲେ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଜଗଦଲପୁରକୁ ଗସ୍ତ କରିଥିବା ବେଳେ ତାଙ୍କ ସମ୍ମୁଖରେ ବସ୍ତର ମାଓ ଡିଭିଜନର ୫୦ ଓ ଦଣ୍ଡକାରଣ୍ୟ ଡିଭିଜନର ୧୫୮ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨୦୨୬ ମାର୍ଚ୍ଚ ସୁଦ୍ଧା ସମସ୍ତ ମାଓବାଦୀ ମୂଳପୋଛ କରିବା ନିଷ୍ପତ୍ତି ନେଇଛନ୍ତି। ଛତିଶଗଡ଼ରେ ବହୁମାତ୍ରାରେ ମାଓବାଦୀ ଏକାସଙ୍ଗେ ଆତ୍ମସମର୍ପଣ କରିଥିବା ପ୍ରଥମଥର ଦେଖିବାକୁ ମିଳିଛି। ସମସ୍ତ ମାଓବାଦୀଙ୍କୁ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା। ସମସ୍ତଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ରହିଛି।


# ଶଙ୍କରଙ୍କ ନିର୍ଦ୍ଦେଶରେ ଶ୍ରୀକାନ୍ତ, ମୁନା ରଚିଥିଲେ ପୂରା ଯୋଜନା

**ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା ଜାଲିଆତି**

## ■ ମୁନାଙ୍କ ସମେତ ୪ଜଣ ଜେଲ ଗଲେ
## ■ ଦଶପଲ୍ଲା ଫାର୍ମ ହାଉସ୍‌ରେ ଲୁଚିଥିଲେ

କଟକ,୧୭।୧୦(କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ବହୁ ରହସ୍ୟ ଉନ୍ମୋଚନ କରିଛି। ଅଭିଯୁକ୍ତ ମୁନା ମହାନ୍ତି(୩୨)ଙ୍କ ସମେତ ମୋଟ ୪ଜଣ ଗିରଫ ହୋଇ ଜେଲ ଯାଇଛନ୍ତି। ଅନ୍ୟ ୩ ଅଭିଯୁକ୍ତ ହେଲେ କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ଗ୍ରାମର ଶ୍ରୀକାନ୍ତ ମହାରଣା (୩୪) ଓରଫ ରିଙ୍କୁ, ଦଶପଲ୍ଲାର ଟି. ଅଭିମନ୍ୟୁ ଦୋରା (୪୯) ଓ ଢେଙ୍କାନାଳ ଜିଲା ମକୁନ୍ଦପୁରର ପ୍ରିୟଦର୍ଶିନୀ ସାମଲ (୨୫)। ଅଭିଯୁକ୍ତ ମୁନା ଓ ଶ୍ରୀକାନ୍ତ ସେମାନଙ୍କ ସହଯୋଗୀ ଅଭିଯୁକ୍ତ ଟି. ଅଭିମନ୍ୟୁଙ୍କ ଦଶପଲ୍ଲାସ୍ଥିତ ଫାର୍ମ ହାଉସ୍‌ରେ ଲୁଚିଥିବା ବେଳେ କ୍ରାଇମବ୍ରାଞ୍ଚ ବାନ୍ଧିଥିଲା। ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ନିର୍ଦ୍ଦେଶରେ ମୁନା ଓ ଶ୍ରୀକାନ୍ତ ପୁରା ଯୋଜନା ରଚିଥିଲେ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। ଅଭିଯୁକ୍ତଙ୍କ ନିକଟରୁ ପ୍ରାର୍ଥୀ ତାଲିକା, ଟ୍ରାଭେଲ ଏଜେନ୍ସି ବୁକିଂ ଦେୟ ରସିଦ, ଆପରାଧିକ କାର୍ଯ୍ୟରେ ନିୟୋଜିତ ୨ଟି ଟିପର, ଗୋଟିଏ ସ୍କର୍ପିଓ, ଗୋଟିଏ ମହିନ୍ଦ୍ରା ଥାର୍, ୧.୨୦ ଲକ୍ଷ ଟଙ୍କା ଓ ୧୫୦ରୁ ଅଧିକ ଡିଜିଟାଲ ଡିଭାଇସ୍ ଜବତ କରିଛି। ଅଦ୍ୟାବଧି ମୋଟ ଗିରଫଦାରି ସଂଖ୍ୟା ୧୨୩ରେ ପହଞ୍ଚିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


ଗିରଫ ହୋଇଥିବା ୩ ଅଭିଯୁକ୍ତ ।

କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଜି ମିଶ୍ରଙ୍କ ସୂଚନାନୁସାରେ, ପଟିଆସ୍ଥିତ ପଞ୍ଚସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ନିର୍ଦ୍ଦେଶକ ଶଙ୍କର ପୃଷ୍ଟିଙ୍କ ମାଧ୍ୟମରେ ଅଭିଯୁକ୍ତମାନେ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତିର ଅପରାଧ ସାମ୍ରାଜ୍ୟ ଚଳାଇଥିଲେ। ସରକାରୀ ବ୍ୟବସ୍ଥାକୁ ଭାଙ୍ଗିବାର ଉଦ୍ୟମ କରି ୨୦ରୁ ୨୫ ଲକ୍ଷ ଭଳି ମୋଟା ଅଙ୍କର ଅର୍ଥ ବଦଳରେ ପୋଲିସ ଏସ୍‌ଆଇ ଚାକିରି ଦେବାର ପ୍ରତିଶ୍ରୁତି ଆଶାୟୀମାନଙ୍କୁ ଦେଇଥିଲେ। ମୁନା ଓ ଶ୍ରୀକାନ୍ତ ପୂରା ଯୋଜନାକୁ ରଚିଥିଲେ। ଶ୍ରୀକାନ୍ତ ଆଶାୟୀ ପ୍ରାର୍ଥୀମାନଙ୍କୁ ଯୋଗାଡ଼ କରି ସେମାନଙ୍କୁ ବସ୍ ଯୋଗେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ନେବାର ବନ୍ଦୋବସ୍ତ କରିଥିଲେ। ଭୁବନେଶ୍ୱରରୁ ବସ୍ ଛାଡ଼ିବା ପୂର୍ବରୁ ସେମାନଙ୍କଠାରୁ ଯାତାୟାତ, ରହିବା ବାବଦ ଅର୍ଥ ଓ ଚାକିରି ନିମନ୍ତେ ସାର୍ଟିଫିକେଟ ଆଦି ଆଦାୟ କରିଥିଲେ। ଶ୍ରୀକାନ୍ତ ହିଁ ଟି. ଅଭିମନ୍ୟୁଙ୍କ ଦଶପଲ୍ଲା ଫାର୍ମ ହାଉସ୍‌ରେ ଆତ୍ମଗୋପନ କରିବାର ଯୋଜନା କରିଥିଲେ। ଅପରପକ୍ଷରେ ମୁନା ଭୁବନେଶ୍ୱରର ଏକ ଟ୍ରାଭେଲ ଏଜେନ୍ସିରୁ ୩ଟି ବସ୍ ଠିକ୍ କରିଥିଲେ। ସେଥିପାଇଁ ୨.୩୦ ଲକ୍ଷ ଟଙ୍କା ମଧ୍ୟ ନିଜ ତଥା ତାଙ୍କ ମା'ଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପୈଠ କରିଥିଲେ। ଏଥିସହ ମୁନା ନିଜେ ଆଶାୟୀଙ୍କ ବସ୍‌ରେ ଯିବାକୁ ବୁଝୁଥିଲେ। ସେ ମଧ୍ୟ ତିନିଟି ବସ୍‌ରେ ଆଶାୟୀ ପ୍ରାର୍ଥୀମାନଙ୍କ ଗତିବିଧି ନଜର ରଖିବା ପାଇଁ ୩ଜଣ ଏଜେଣ୍ଟ ନିଯୁକ୍ତ କରିଥିଲେ। ଏହି ଆପରାଧିକ କାର୍ଯ୍ୟରେ ସେ ନିଜ ଭଉଣୀଙ୍କ ପରିଚିତ ପ୍ରିୟଦର୍ଶିନୀ ସାମଲଙ୍କୁ ସାମିଲ କରିଥିଲେ। ହେଲେ ଏ ରାକେଟ ଧରାପଡ଼ିବା ପରେ ପ୍ରିୟଦର୍ଶିନୀଙ୍କ ମାଧ୍ୟମରେ ପ୍ରାର୍ଥୀମାନଙ୍କ ମାତାପିତାଙ୍କୁ ସାର୍ଟିଫିକେଟ ଫେରାଇ ପ୍ରମାଣ ନଷ୍ଟ କରିବାର ପ୍ରୟାସ କରିଥିଲେ। ପ୍ରିୟଦର୍ଶିନୀ ମଧ୍ୟ ପ୍ରାର୍ଥୀମାନଙ୍କଠାରୁ ଅର୍ଥ ଆଦାୟ କରିବାରେ ସକ୍ରିୟ ଭୂମିକା ନେଇଥିଲେ। ଏଥିସହ ସେ ମଧ୍ୟ ମୁନା ଓ ଶ୍ରୀକାନ୍ତଙ୍କୁ ଆଇନ ପଞ୍ଝାରୁ ଗିରଫଦାରିରୁ ଖସିଯିବା ପାଇଁ ସହଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଯିବା ପରେ ଏ ସଂକ୍ରାନ୍ତରେ ଶ୍ରୀକାନ୍ତ, ମୁନା ସମସ୍ତ ଘଟଣା ଟି. ଅଭିମନ୍ୟୁଙ୍କ ଆଗରେ ପ୍ରକାଶ କରିଥିଲେ। ଟି. ଅଭିମନ୍ୟୁ ସବୁ ଜାଣିବା ପରେ ବି ସେମାନଙ୍କୁ ଫାର୍ମ ହାଉସ୍‌ରେ ଆଶ୍ରୟ ଦେଇଥିଲେ। ପୁଣି ପୋଲିସର ଗତିବିଧି ସଂକ୍ରାନ୍ତରେ ପ୍ରିୟଦର୍ଶିନୀଙ୍କଠାରୁ ଖବର ପାଇ ଟି. ଅଭିମନ୍ୟୁ ମୁନା ଓ ଶ୍ରୀକାନ୍ତଙ୍କୁ ଦେଉଥିଲେ। ମୁଖ୍ୟ ଅଭିଯୁକ୍ତ ଶଙ୍କର ଏବେ ବି ଫେରାର ଅଛନ୍ତି। ତଦନ୍ତ ଚାଲିଛି, ଆଗକୁ ଗିରଫଦାରି ସଂଖ୍ୟା ଆହୁରି ବଢ଼ିପାରେ ବୋଲି କ୍ରାଇମବ୍ରାଞ୍ଚ ଡିଜି ସୂଚନା ଦେଇଛନ୍ତି।

# କଂଗ୍ରେସର ୪୦ ଜଣିଆ ତାରକା ପ୍ରଚାରକ

ଭୁବନେଶ୍ୱର,୧୭।୧୦
(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ୪୦ଜଣିଆ ତାରକା ପ୍ରଚାରକ ତାଲିକା ପ୍ରକାଶ ପାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଜାରି କରିଥିବା ତାଲିକାରେ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସହିତ ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଭୂପେଶ ବଘେଲ, ସଚିନ ପାଇଲଟ, ସପ୍ତଗିରି ଉଲାକା, ଏ. ରେଭନ୍ଥ ରେଡ୍ଡୀ, ମଲ୍ଲୁ ଭାଟି ବିକ୍ରମାର୍କ, ଡ. ଗିରିଧର ଗମାଙ୍ଗ, କହ୍ନେୟା କୁମାର, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ଶାହନୱାଜ୍ ଚୌଧୁରୀ, କିଶୋର ପଟେଲ, ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀପତି, ଡ. ସି.ଏସ୍. ରାଜନ ଏକ୍କା, ସନ୍ତୋଷ ସିଂ ସାଲୁଜା, ସସ୍ମିତା ବେହେରା, ଦ୍ୱାରିକା ପ୍ରସାଦ ଯାଦବ, ଜନକ ଧ୍ରୁବ, ତାମ୍ରଧ୍ୱଜ ସାହୁ, ଜଗନ୍ନାଥ ପଟ୍ଟନାୟକ, ଶିବକୁମାର ଡହରିଆ, ସୁରେଶ କୁମାର ରାଉତରାୟ, ଶରତ ରାଉତ, ଗୁରୁ ରୁଦ୍ରକୁମାର, ସତ୍ୟଭୂଷଣ ସାହୁ, ରାମଚନ୍ଦ୍ର ଖୁଣ୍ଟିଆ, ୱାଇଏନଏସ୍ ଲାଗୁରୀ, ଅଳକା ଲାମ୍ବା, ଉଦୟଭାନୁ ଚିବ୍, ବରୁଣ ଚୌଧୁରୀ, ମୀନାକ୍ଷୀ ବାହିନୀପତି, ଅରବିନ୍ଦ ଦାସ, ମନୋଜ ମିଶ୍ର ଓ ଅମିତା ବିଶ୍ୱାଳ ପ୍ରମୁଖ ରହିଛନ୍ତି।

# ପ୍ରକାଶ ପାଇଲା ବିଜେଡିର ୪୦ ଜଣିଆ ଷ୍ଟାର୍ କ୍ୟାମ୍ପେନର ତାଲିକା

ଭୁବନେଶ୍ୱର, ୧୭।୧୦
(ସୁନିତ୍ ମିଶ୍ର)

ବିଜେଡିର ୪୦ ଜଣିଆ ଷ୍ଟାର କ୍ୟାମ୍ପେନର ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ବିରୋଧୀ ଦଳ ନେତା ତଥା ଦଳର ସଭାପତି ନବୀନ ପଟ୍ଟନାୟକ ତାଲିକାର ଏକ ନମ୍ବରରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, ଅରୁଣ କୁମାର ସାହୁ, ପ୍ରତାପ ଦେବ, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ଦିବ୍ୟଶଙ୍କର ମିଶ୍ର, କଳିକେଶ ନାରାୟଣ ସିଂ ଦେଓ, ପ୍ରୀତିରଞ୍ଜନ ଘଡ଼େଇ, ଟୁକୁନି ସାହୁ, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାରାଣ୍ଡି, ଦେବେଶ ଆଚାର୍ଯ୍ୟ, ପ୍ରଦୀପ କୁମାର ଦିଶାରୀ, ସରୋଜ କୁମାର ମେହେର, ରୋହିତ ପୂଜାରୀ, ମୁଜିବୁଲ୍ଲା ଖାନ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ଯୋଗେଶ ସିଂ, ନିରଞ୍ଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝୀ, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁବାସିନୀ ଜେନା, ବର୍ଷା ସିଂ ବରିହା, ଦୀପାଳୀ ଦାସ, ମନୋରମା ମାହାନ୍ତି, ଚିନ୍ମୟ ସାହୁ ଏବଂ ଈପ୍ସିତା ସାହୁଙ୍କ ନାଁ ଏହି ତାଲିକାରେ ରହିଛି।

# ଏସ୍‌ଆଇ କେଳେଙ୍କାରୀରେ ବଡ଼ମୁଣ୍ଡଙ୍କୁ ଖସାଇଦେବାକୁ କ୍ରାଇମବ୍ରାଞ୍ଚ ଉଦ୍ୟମ କରୁଛି: ବିଜେଡି

ଭୁବନେଶ୍ୱର, ୧୭।୧୦ (ସୁନିତ୍ ମିଶ୍ର)

ପୋଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ କେବଳ ବଡ଼ମୁଣ୍ଡମାନଙ୍କୁ ଖସାଇଦେବାକୁ ଉଦ୍ୟମ କରୁଛି। ପ୍ରାୟ ୨୫୦ କୋଟି ଟଙ୍କାର ଏହି ନିଯୁକ୍ତି ସ୍କାମ୍‌ରେ ସରକାରୀ ଦଳର ଓ ପୋଲିସ ବିଭାଗର ଅନେକ ବଡ଼ମୁଣ୍ଡ ସାମିଲ ଥିବାବେଳେ କ୍ରାଇମବ୍ରାଞ୍ଚ ତଳତଳିଆଙ୍କୁ ଧରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖଭବନଠାରେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଏହି ନିଯୁକ୍ତି କେଳେଙ୍କାରୀର ଜଣେ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କ ୨ ସହଯୋଗୀ ଯଥା ମୁନା ମହାନ୍ତି ଓ ରିଙ୍କୁ ମହାରଣାଙ୍କୁ ଘଟଣାର ୩ ସପ୍ତାହ ପରେ କ୍ରାଇମବ୍ରାଞ୍ଚ ଗିରଫ କରିବା ପରେ ଉଲ୍ଲସିତ। କ୍ରାଇମବ୍ରାଞ୍ଚର ଅନୁସନ୍ଧାନ କେବଳ ତଳତଳିଆଙ୍କୁ ଧରି ଘଟଣାକୁ ଚପାଇଦେବା ପାଇଁ ଉଦ୍ଦିଷ୍ଟ ବୋଲି ଲେନିନ୍ କହିଛନ୍ତି।

# ମାଓବାଦୀଙ୍କୁ ଧରାଇଦେଲେ ପୁରସ୍କାର


ଖଣ୍ଡିକନ୍‌ପାଠାରେ ପୋଲିସ ପକ୍ଷରୁ ଲଗାଯାଇଥିବା ପୋଷ୍ଟର ।

ବୌଦ୍ଧ/ କନ୍ଧମାଳ,୧୭।୧୦
(ଅଜିତ କୁମାର ବାରିକ/ ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲାରେ ମାଓବାଦୀଙ୍କୁ ଦମନ ପାଇଁ ପୋଲିସର ପ୍ରୟାସ ଆରମ୍ଭ ହୋଇଛି । ମାଓବାଦୀଙ୍କୁ ଧରାଇଲେ ପୁରସ୍କାର ଦିଆଯିବ ବୋଲି ପୋଷ୍ଟର ମାଧ୍ୟମରେ ସୂଚିତ କରାଯାଇଛି । ଏନେଇ ଗୁରୁବାର ଦିନ ଜିଲାର ମାଓବାଦୀ ଚଳପ୍ରଚଳ କରୁଥିବା ଅଞ୍ଚଳରେ ପୋଷ୍ଟର ଲଗାଯାଇଛି । ବୌଦ୍ଧ ଜିଲାରେ କେକେବିଏନ୍ ମାଓବାଦୀ ସଂଗଠନ ନିଜର ସ୍ଥିତି ଜାହିର କରି ଆସୁଥିବା ବେଳେ ବର୍ତ୍ତମାନ ଉକ୍ତ ସଂଗଠନର ୧୦ ଜଣ ମାଓବାଦୀଙ୍କୁ ଧରାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଛି । ଏହି ପରିପ୍ରେକ୍ଷୀରେ ଜିଲା ପୋଲିସ ପକ୍ଷରୁ ବୌଦ୍ଧ, କନ୍ଧମାଳ, ମନମୁଣ୍ଡା ଥାନା ଅଞ୍ଚଳର ସିଗାଡ଼ି, ଶଗଡ଼ା, ତିଲପଙ୍ଗା, ଉଡାମୁଣ୍ଡା, ମାତାଗାଡୁ, ଖଣ୍ଡିକନ୍‌ପା, ଲୁହାରପଡ଼ା, ନଳିକୁମ୍ପା, ନାରାୟଣ ପ୍ରସାଦ, ନୁରୁ, ଲାଦେନ ଆଦି ଗ୍ରାମଗୁଡ଼ିକର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଛି। ପୋଷ୍ଟରରେ ଉଲ୍ଲେଖ ରହିଛି ହାଡକୋର ମାଓବାଦୀଙ୍କୁ ଧରାନ୍ତୁ, ପୁରସ୍କାର ପାଆନ୍ତୁ। ରାଜ୍ୟ ଓଡ଼ିଶା ପୋଲିସର ନିର୍ଦ୍ଦେଶକ୍ରମେ ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳରେ ଏହି ପୋଷ୍ଟର ଲଗାଯାଇଛି । ଏହାସହ ମାଓବାଦୀମାନେ ଯଦି ଆତ୍ମସର୍ମପଣ କରନ୍ତି, ସେମାନଙ୍କୁ ମଧ୍ୟ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଦର୍ଶାଯାଇଛି ।

# ଏକ୍ ପେଡ୍ ମା'କେ ନାମ୍ ୨.୦ର ସମୀକ୍ଷା

ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)

ଏକ୍ ପେଡ୍ ମା'କେ ନାମ୍ ୨.୦ କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ଚାରାରୋପଣର ସୁରକ୍ଷା, ବଞ୍ଚିବା ଓ ସୁସ୍ଥ ଅଭିବୃଦ୍ଧି ପାଇଁ ସ୍ଥିରୀକୃତ ବିସ୍ତୃତ ନିୟମାବଳୀ ଆଧାରରେ ରାଜ୍ୟସ୍ତରୀୟ ତଦାରଖ କମିଟିର ବୈଠକ ଶୁକ୍ରବାର ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରି କହିଛନ୍ତି, ଚାରା ବଞ୍ଚିବା ଏବଂ ଏହାର ବୃଦ୍ଧି ଉପରେ 'ଏକ୍ ପେଡ୍ ମା କେ ନାମ୍' ୨.୦ ର ସଫଳତା ନିର୍ଭରକରେ। ମାର୍ଗଦର୍ଶିକା ଅନୁଯାୟୀ ଚାରାରୋପଣର ସୁରକ୍ଷା, ବଞ୍ଚିବା ଓ ସୁସ୍ଥ ଅଭିବୃଦ୍ଧି ପାଇଁ ସରକାରୀ ଭାବେ ଆମେ ସମସ୍ତେ ଯତ୍ନବାନ୍ ହେବା ଦରକାର। ଗତ ସେପ୍ଟେମ୍ବର ୧୭ରେ ବ୍ୟାପକ ଚାରାରୋପଣର ମାସକ ପରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଚାରାରୋପଣ ପରେ ତ୍ରିସ୍ତରୀୟ ନିରୀକ୍ଷଣ ଓ ଦାୟିତ୍ୱ ବ୍ୟବସ୍ଥା ମାଧ୍ୟମରେ ଦୃଢ଼ ନିରୀକ୍ଷଣ ଏବଂ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଗତ ମାସ ୨୨ରେ ମିଳିତ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ବୈଠକରେ ଗାଇଡ୍‌ଲାଇନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଓଆର୍‌ଏସ୍‌ଏସି ଆଧାରିତ ମନିଟରିଂ ୱେବ୍ ପୋର୍ଟାଲର ଏକ ପ୍ରଦର୍ଶନ କରାଗଲା। ଚାରାଗୁଡ଼ିକ ବଞ୍ଚିବା ଉପରେ ନଜର ରଖିବା ପାଇଁ ଏହି ପୋର୍ଟାଲ ଏକକ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ।



"ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। –ଶ୍ରୀଅରବିନ୍ଦ



# ଯୋଗ୍ୟଙ୍କୁ ଖୋଜାଚାଲିଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏବେ କ୍ଷମତା ପରିସରରେ ପୁନର୍ବାର ଯେଉଁ ଗୁଞ୍ଜରଣ ଉଠିଛି ତାହା ଟିକସ ଓ ବଜେଟକୁ ନେଇ ନୁହେଁ। କିଏ ବୃହତ୍ ନିୟାମକ ସେବିକୁ ନିୟନ୍ତ୍ରଣ କରିବେ ତା'ଉପରେ ଏବେ ସମସ୍ତଙ୍କ ନଜର । ସରକାର ବର୍ତ୍ତମାନ ପୁଞ୍ଜିବଜାରର ସଂସ୍ଥା ସେବି ପାଇଁ ଜଣେ ପୂର୍ଣ୍ଣକାଳୀନ ସଦସ୍ୟ ଖୋଜୁଛନ୍ତି। ଦୁଇଜଣଙ୍କ ନାମ ସାମ୍ନାକୁ ଆସୁଥିବା ସୂତ୍ରରୁ ଜଣାପଡ଼ିଛି। ଜଣେ ହେଉଛନ୍ତି ସେବିରେ କାର୍ଯ୍ୟରତ ଭି.ଏସ୍. ସୁନ୍ଦରେସାନ ଏବଂ ଅନ୍ୟ ଜଣେ ଭାରତୀୟ ରାଜସ୍ୱ ସେବା (ଆଇଆର୍ଏସ୍)ର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ। କୌତୂହଳର ବିଷୟ ହେଉଛି, ଅଧିକ ସଂଖ୍ୟକ ଆଇଆର୍ଏସ୍ ଅଧିକାରୀ ମଧ୍ୟ ଏହି ଦୌଡ଼ରେ ସାମିଲ ରହିଛନ୍ତି। ସୁନ୍ଦରେସାନ ଜଣେ ଅଭିଜ୍ଞ ବ୍ୟକ୍ତି ଏବଂ ସେ ସେବିର ସ୍ଥିରତା ତଥା ପୂର୍ବାନୁମାନ ଭଳି ପାରମ୍ପରିକ ନୀତି ସମ୍ପର୍କରେ ଭଲ ଭାବେ ଅବଗତ। ସେ ନିୟମପୁସ୍ତିକା ଏବଂ ସେବିକୁ ନିୟନ୍ତ୍ରଣ କରିବାର କୌଶଳ ଭଲ ଭାବେ ଜାଣନ୍ତି। ଅନ୍ୟପକ୍ଷରେ ପ୍ରଧାନ ଟ୍ୟାକ୍ସ ସର୍ଭିସ୍‌ରେ ପ୍ରବର୍ତ୍ତନ ସକ୍ରିୟତା ଆଣିପାରିଛନ୍ତି। ବହୁ ସମୟରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବା ସହ କଠୋର ବି ହୋଇଛନ୍ତି। ପ୍ରଶ୍ନ ହେଉଛି ସେବି କ'ଣ ଅନ୍ୟ ଜଣେ ବାବୁଙ୍କ କ୍ଷେତ୍ର ହେବାକୁ ଯାଉଛି କି। ପ୍ରାରମ୍ଭିକ ବର୍ଷଗୁଡ଼ିକରେ ମାର୍କେଟ ଓ ଶିକ୍ଷା କ୍ଷେତ୍ରରୁ ବୃତ୍ତିଧାରୀଙ୍କୁ ସେବିକୁ ଅଣାଯାଉଥିଲା। ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଥିବା ବାବୁମାନେ ନିଯୁକ୍ତ ହେଉଥିବା ଦେଖାଯାଉଛି। ଫଳରେ ସୂକ୍ଷ୍ମ ଭାବେ ନିୟାମକର ସ୍ୱଭାବ ଉଦ୍ୟୋଗିତାରୁ ପ୍ରଶାସନିକ ଆଡ଼କୁ ପରିବର୍ତ୍ତନ ହୋଇଛି। ଏଆଇ ଚାଳିତ ବାଣିଜ୍ୟ, ଜଟିଳ ବିତ୍ତୀୟ ଚୁକ୍ତି ଏବଂ ବୈଶ୍ୱିକ ପୁଞ୍ଜିପ୍ରବାହ ସହ ସେବି ତାଳଦେଇ ଚାଲିବାକୁ ଯଦି ସରକାର ଚାହୁଁଛନ୍ତି, ତେବେ ବ୍ୟବସ୍ଥାରେ ପଦାନୁକ୍ରମରେ ରହିଆସିଥିବା ଶକ୍ତିଶାଳୀ ଅଧିକାରୀଙ୍କଠାରୁ ଅଧିକ ଦକ୍ଷ ବା ଯୋଗ୍ୟ ବ୍ୟକ୍ତି ଆବଶ୍ୟକ। ବରିଷ୍ଠତା କିମ୍ବା ସେବା ପୃଷ୍ଠଭୂମିକୁ ଦେଖି ନିଯୁକ୍ତ କରାଯିବା ଉଚିତ ନୁହେଁ, ବରଂ ଦକ୍ଷତା, ଏ କ୍ଷେତ୍ରରେ ବିଶେଷ ଜ୍ଞାନ ଥିବା ତଥା ଦଲାଲମାନଙ୍କ ପଞ୍ଝାରୁ ସ୍ୱାଧୀନ ରହିବାର ସାହସ ଥିବା ବ୍ୟକ୍ତିଙ୍କୁ ବଛାଯିବା ଦରକାର।

### ନ୍ୟାୟିକ ରିଲେ ରେସ୍

ଭାରତୀୟ ବନସେବା( ଆଇଏଫ୍ଏସ୍) ଅଧିକାରୀ ସଞ୍ଜୀବ ଚତୁର୍ବେଦୀଙ୍କ ମାମଲାର ବିଚାରକରିବା ପାଇଁ ୧୬ ଜଣ ବିଚାରପତି ମନା କରିଦେଇଛନ୍ତି। ମାମଲାଟି ଏବେ ଏକ ପ୍ରକାର ଲମ୍ବା ନ୍ୟାୟିକ ରେସ୍ ହୋଇଯାଇଛି। ବିଚାରର ଦାୟିତ୍ୱକୁ କେହି ଜଣେ ମଧ୍ୟଗ୍ରହଣ କରୁନାହାନ୍ତି କି ରିଲେ ରେସ୍ ଶେଷ ହେଉନାହିଁ। ଏବେ ନିକଟରେ ବିଚାର ପ୍ରକ୍ରିୟାରୁ ଉତ୍ତରାଖଣ୍ଡ ହାଇକୋର୍ଟର ବିଚାରପତି ଆଲୋକ ବର୍ମା ଚତୁର୍ବେଦୀଙ୍କ ବିବାଦୀୟ ପିଟିଶନର ଶୁଣାଣି କରିବାକୁ ମନା କରିଦେଇଥିଲେ ଏବଂ ଏହାର କୌଣସି କାରଣ ଦର୍ଶାଇନାହାନ୍ତି । ତେବେ ଚତୁର୍ବେଦୀ କେବଳ ବାବୁ ନୁହନ୍ତି, ସେ ଭାରତର ଜଣେ ଜଣାଶୁଣା ହ୍ୱିସିଲବ୍ଲୋୟର। ସେ ହରିୟାଣାର ବନ ବିଭାଗର ଯୋଜନାଗୁଡ଼ିକ ଠାରୁ ଆରମ୍ଭକରି ଏଆଇଆଇଏମ୍ଏସ୍‌ରେ ହୋଇଥିବା ଅନିୟମିତତାକୁ ସାମ୍ନାକୁ ଆଣିଛନ୍ତି। ଏଥିପାଇଁ ତାଙ୍କୁ ବାରମ୍ବାର ବଦଳି କରାଯାଇଛି। ସେ ମଧ୍ୟ ତଦନ୍ତର ସମ୍ମୁଖୀନ ହୋଇଛନ୍ତି ଏବଂ ଏବେ ସ୍ପଷ୍ଟ ଭାବେ ନ୍ୟାୟିକ ଅନିଶ୍ଚିୟତାକୁ ସାମ୍ନା କରୁଛନ୍ତି। ଏହା ସ୍ପଷ୍ଟ ଯେ, ବିଚାରପତିମାନେ ଯଦି କୌଣସି ବିବାଦ କିମ୍ବା ପକ୍ଷପାତର ଆଶଙ୍କା ଦେଖନ୍ତି, ତେବେ ସେମାନେ ଶୁଣାଣି କରିବାକୁ ମନା କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। କିନ୍ତୁ ଏ କ୍ଷେତ୍ରରେ ଯଦି ସଂକ୍ଷେପରେ କାରଣ ଦର୍ଶାଯାଇଥାଆନ୍ତା, ତେବେ ଲୋକଙ୍କ ବିଶ୍ୱାସ ବଢ଼ିଥାଆନ୍ତା। ଆମେ ସମସ୍ତେ କଥାରେ ହ୍ୱିସିଲବ୍ଲୋୟରଙ୍କ କାର୍ଯ୍ୟ ବା ପଦକ୍ଷେପକୁ ପ୍ରଶଂସା କରୁଛୁ , କିନ୍ତୁ ଯେତେବେଳେ ସମସ୍ୟାରେ ପଡୁଛନ୍ତି ସେମାନଙ୍କୁ ସମର୍ଥନ କରୁନାହୁଁ। ଚତୁର୍ବେଦୀଙ୍କ ଲମ୍ବା ଲଢ଼େଇ ତାଙ୍କ ବ୍ୟକ୍ତିଗତ ସଂଗ୍ରାମଠାରୁ ଅଧିକ କିଛି ସୂଚିତ କରେ। ତେବେ ବ୍ୟବସ୍ଥାରେ ସଚ୍ଚୋଟତା ପାଇଁ ଜାଗା ରହିଛି କି ନାହିଁ ତାହା ପାଇଁ ଏହା ଏକ ପରୀକ୍ଷା।

### ଇସ୍ତଫାର ପ୍ରଶ୍ନ ନାହିଁ

ଅନ୍ୟ ଦେଶଗୁଡ଼ିକରେ ରହିଥିବା କୌଣସି ରାଷ୍ଟ୍ରର ବ୍ୟକ୍ତିଙ୍କ ଜୀବନକୁ ଗୁରୁତ୍ୱ ଦିଆଯାଇଥାଏ, ଯାହା ଦେଖିବାକୁ ମିଳିଛି ପର୍ତ୍ତୁଗାଲରେ। ଜଣେ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ପର୍ତ୍ତୁଗାଲର ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଏହା କେବଳ ଏକ ରାଜନୈତିକ ସଙ୍କେତ ନୁହେଁ, ବରଂ ଏହା ଉତ୍ତରଦାୟିତ୍ୱକୁ ପ୍ରତୀତ କରେ। ଏହା ଆମ ଦେଶରେ ଏଠାରେ ଘଟିବା କଷ୍ଟକର। ଭାରତରେ, ନିକଟରେ ସରକାରୀ ଯାଞ୍ଚ ବ୍ୟବସ୍ଥା ଦେଇ ବଜାରରେ ବିକ୍ରି ହେଉଥିବା ବିଷାକ୍ତ କଫ୍ ସିରପ ସେବନକରି ପାଖାପାଖି ୨ ଡଜନ ପିଲାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ କୌଣସି ଜଣେ ବାବୁ କିମ୍ବା ମନ୍ତ୍ରୀଙ୍କ ଗାଦି ଯିବା ଦେଖାଯାଇନାହିଁ। ଯେତେବେଳେ ସବୁ ଠିକ୍‌ଠାକ୍ ଚାଲିଥାଏ ସେତେବେଳେ ବାବୁମାନେ ଢେର ପ୍ରଶଂସିତ ହେଉଛନ୍ତି । ଯେତେବେଳେ କିଛି ବିଭ୍ରାଟ ଘଟେ ସେତେବେଳେ ସେମାନେ ତଦନ୍ତ ଜାରି ରଖନ୍ତି। କଫ୍ ସିରପ କେବଳ ପିଲାଙ୍କୁ ମାରିନାହିଁ, ବରଂ ତାହା କାଗଜପତ୍ରରେ ଚାଲିଥିବା ତଥା ଉତ୍ତରଦାୟିତ୍ୱ ନ ଥିବା ଏକ ନିୟାମକ ବ୍ୟବସ୍ଥାର ଛବିକୁ ସାମ୍ନାକୁ ଆଣିଛି। ଏଯାବତ କେହି ଇସ୍ତଫା ଦେଇନାହାନ୍ତି, କେହି ଜଣେ ବି ଉତ୍ତରଦାୟିତ୍ୱକୁ ସ୍ୱୀକାର କରିନାହାନ୍ତି। ଏଠାରେ ମନ୍ତ୍ରୀ ତାଙ୍କ ସ୍ଥାନରେ ରହନ୍ତି, ନିୟାମକ ବି ତା' ସ୍ଥାନରେ ରହେ ଏବଂ ଫାଇଲଗୁଡ଼ିକ ଯେଉଁଠି ପୂର୍ବରୁ ଥିଲା ସେଇଠ ପଡ଼ିରହେ। ସମ୍ଭବତଃ କିଛି ସାମ୍ପଲ ଔଷଧ ଉପରେ ଧୂଳି ଜମି ଯାଏ। ପର୍ତ୍ତୁଗାଲରେ ଜଣଙ୍କ ମୃତ୍ୟୁକୁ ନେଇ ମନ୍ତ୍ରୀ ଇସ୍ତଫା ଦେଇଦେଲେ । ହେଲେ ଏଠାରେ ଏଯାବତ ଆମେ କେବଳ ମୃତଦେହ ଗଣୁଛେ, କେହି ବି ଜଣେ ପ୍ରତିରୋଧ କରୁନାହାନ୍ତି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | 8 | | | 1 | | | 2 |
| | 1 | | | | | 3 | | |
| | 3 | 5 | 4 | | | | | |
| 7 | | | | | | | 5 | |
| 8 | | | | 2 | 3 | 1 | 7 | |
| 2 | | | 5 | | | | | |
| 1 | 9 | 4 | | 5 | | | | |
| | | | | | | | 9 | |
| | | | 8 | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 4 | 3 | 1 | 8 | 6 | 7 | 5 |
| 8 | 5 | 6 | 7 | 9 | 4 | 3 | 2 | 1 |
| 3 | 7 | 1 | 5 | 2 | 6 | 8 | 4 | 9 |
| 4 | 8 | 7 | 6 | 5 | 3 | 1 | 9 | 2 |
| 5 | 3 | 2 | 1 | 4 | 9 | 7 | 6 | 8 |
| 6 | 1 | 9 | 8 | 7 | 2 | 5 | 3 | 4 |
| 1 | 4 | 5 | 9 | 3 | 7 | 2 | 8 | 6 |
| 7 | 2 | 8 | 4 | 6 | 5 | 9 | 1 | 3 |
| 9 | 6 | 3 | 2 | 8 | 1 | 4 | 5 | 7 |

ଗତକାଲିର ଉତ୍ତର

# ଅନୁଭୂତିଭିତ୍ତିକ ଶିକ୍ଷା ବ୍ୟବସ୍ଥା



ହୃଷୀକେଶ ପ୍ରଧାନ

ପିଲାମାନେ ବିଭିନ୍ନ ମାଧ୍ୟମରେ ଶିଖନ୍ତି ଓ ବୁଝନ୍ତି। ଗାର୍ଡନରଙ୍କ ବହୁବିଧ ବୁଦ୍ଧିମତ୍ତା ତତ୍ତ୍ୱ ଅନୁଯାୟୀ, ସେମାନଙ୍କର ଦକ୍ଷତା ମଧ୍ୟ ପରସ୍ପରଠାରୁ ଭିନ୍ନ ହୋଇଥାଏ। କିଛି ବିଦ୍ୟାର୍ଥୀ ଚାକ୍ଷୁଷ ଶିକ୍ଷାକୁ ପସନ୍ଦ କରନ୍ତି, ଯେଉଁମାନେ ଜଣଙ୍କୁ ଦେଖି ବା ଅନୁକରଣ କରି ଶିଖନ୍ତି; ଅନ୍ୟ କେତେକ ଲିଖିତ ଲିପିକୁ ପଢ଼ି ଶିକ୍ଷାଲାଭ କରନ୍ତି; ପୁଣି କେତେକ ବ୍ୟବହାରିକ ଜୀବନରେ ହେଉଥିବା ପ୍ରୟୋଗରୁ ଶିକ୍ଷାର ଉପାଦାନ ପାଇଯାଆନ୍ତି। ଏଭଳି ସ୍ଥଳେ ଅନୁଭୂତିଭିତ୍ତିକ ଶିକ୍ଷା ଜାଣିବା ଓ ବୁଝିବାର ଏକ ମହତ୍ୱପୂର୍ଣ୍ଣ ମାର୍ଗ। ଏହା ଶିକ୍ଷାଲାଭ ପାଇଁ ଏକ ସୁସ୍ଥ ବାତାବରଣ ପ୍ରଦାନ କରେ। କହିବା ବାହୁଲ୍ୟ, ଏ ପ୍ରକାର ଶିକ୍ଷାର ଚାବିକାଠି ହେଉଛି ଅନୁଭୂତି। ବୁଝାଇ କହିଲେ, ଏହା ହେଉଛି 'କରି ଶିଖିବା'। ଏଥିରେ ଶିକ୍ଷାର ଫଳାଫଳ ଅପେକ୍ଷା ଶିକ୍ଷାର ପ୍ରକ୍ରିୟା ଉପରେ ଅଧିକ ଧ୍ୟାନ ଦିଆଯାଏ। ଅନୁଭୂତିଭିତ୍ତିକ ଶିକ୍ଷଣ ହେଉଛି ଜ୍ଞାନ ସଂଗଠନ, ବିଘଟନ ଓ ପୁନର୍ଗଠନର ଏକ ନିରନ୍ତର, ଜୀବନବ୍ୟାପୀ ପ୍ରକ୍ରିୟା।

ଶୈକ୍ଷିକ ତତ୍ତ୍ୱବିତ୍ ଡେଭିଡ କୋଲବ ପ୍ରଥମେ ଅନୁଭୂତିଭିତ୍ତିକ ଶିକ୍ଷଣ ତତ୍ତ୍ୱ ବିକଶିତ କରିଥିଲେ, ଏହାର ମୂଳଦୁଆ ପକାଇଥିଲେ କର୍ଟ ଲେୱିନ, ଜିନ ପିଆଜେ ଓ ଜନ ଡେୱିଙ୍କ ଭଳି ମନସ୍ତତ୍ତ୍ୱବିତ୍‌ଗଣ। ବର୍ତ୍ତମାନର ପରୀକ୍ଷା କୈନ୍ଦ୍ରିକ ଶିକ୍ଷା ବ୍ୟବସ୍ଥାରେ କେବଳ ମୁଖସ୍ଥ କରାଯାଇଥିବା ପାଠ(ସୂଚନା ବା ତଥ୍ୟ) ଗୁରୁତ୍ୱ ପାଉଛି। ଏହା ଫଳରେ ଛାତ୍ରୀଛାତ୍ରଙ୍କଠାରେ ଚିନ୍ତନ କରିବାର ଦକ୍ଷତା ଦୁର୍ବଳ ହୋଇଯାଉଛି। କେବଳ ମୌଳିକସ୍ତରୀୟ ଚିନ୍ତନର ସାମର୍ଥ୍ୟ ରହୁଛି, ଉଚ୍ଚସ୍ତରୀୟ ଚିନ୍ତନ ଓ ବିଚାର ଦୃଷ୍ଟିଗୋଚର ହେଉନାହିଁ। ସତ କହିଲେ, ପିଲାମାନଙ୍କ ଭିତରେ ଚିନ୍ତନ କରିବାର ଦକ୍ଷତା ବିକଶିତ ହେବା ଆବଶ୍ୟକ, ଯାହା ବିଭିନ୍ନ ଜଟିଳ ସମସ୍ୟାର ସମାଧାନଠାରୁ ନେଇ ଆବିଷ୍କାର ଓ ଉଦ୍ଭାବନ ପାଇଁ ବାଟ ଫିଟାଇବ। ସେମାନେ ପ୍ରାପ୍ତ ସୂଚନା ବିଷୟରେ ପ୍ରଶ୍ନ କରି ସେଗୁଡ଼ିକର ପାରସ୍ପରିକ ସମ୍ପର୍କକୁ ଦେଖି ସହଜରେ ଶିଖିପାରିବେ। ଏହି ଦକ୍ଷତା ବ୍ଲୁମଙ୍କ ବର୍ଗୀକରଣ ଅନୁଯାୟୀ, ବିଶ୍ଳେଷଣ, ମୂଲ୍ୟାୟନ ଓ ସୃଷ୍ଟି ଭଳି ଉଚ୍ଚସ୍ତରୀୟ ଚିନ୍ତନ କୌଶଳକୁ ସମାନ୍ତରାଳ ଭାବେ ଗ୍ରହଣ କରେ। ଏହି ସ୍ତରଗୁଡ଼ିକ ବିଦ୍ୟାର୍ଥୀମାନଙ୍କର ତୁଳନା, ପ୍ରଭେଦ ନିର୍ଣ୍ଣୟ ଓ ଉଦ୍ଭାବନ କରିବାର ଦକ୍ଷତାକୁ ବଢ଼ାଏ।

ଅନୁଭୂତିଭିତ୍ତିକ ଶିକ୍ଷଣରେ ଛାତ୍ରୀଛାତ୍ରମାନେ ସୂଚନାର ନିଷ୍କ୍ରିୟ ଗ୍ରହୀତା ପରିବର୍ତ୍ତେ ସକ୍ରିୟ ଓ ଲିପ୍ତ ଶିକ୍ଷାର୍ଥୀ ସାଜିଥା'ନ୍ତି। ଗୁଣାତ୍ମକ ଓ ବ୍ୟବହାରିକ ପରୀକ୍ଷଣ ସେମାନଙ୍କ ଇନ୍ଦ୍ରିୟଗୁଡ଼ିକୁ ନିୟୋଜିତ କରେ। ଫଳରେ ସେମାନେ ବୈଶ୍ୱିକ ଧାରଣା ସମ୍ପର୍କରେ ଚିନ୍ତନ କରି ପ୍ରୟୋଗ କରିବାକୁ ଉତ୍ସାହିତ ହୋଇଥାନ୍ତି। ଏହି ମାଧ୍ୟମରେ ଶିଖି, ପିଲାମାନେ



ବିଭିନ୍ନ ପ୍ରସଙ୍ଗରେ ପ୍ରୟୋଗ କରିବାର ଦକ୍ଷତା ହାସଲ କରନ୍ତି । ନୂଆ ଶିକ୍ଷାଗ୍ରହଣ ପ୍ରଣାଳୀ ସମ୍ପର୍କରେ ଅବଗତ ହୁଅନ୍ତି। ବ୍ୟକ୍ତି ଓ ପରିବେଶ ମଧ୍ୟରେ ପାରସ୍ପରିକ କ୍ରିୟା-ପ୍ରତିକ୍ରିୟା ହେଉଛି ଅନୁଭୂତିଭିତ୍ତିକ ଶିକ୍ଷାର ମୂଳଦୁଆ। ପରିବେଶ ସହ ପାରସ୍ପରିକ କ୍ରିୟାନ୍ୱୟନ କରି ଛାତ୍ରୀଛାତ୍ରମାନେ ନୂତନ ତତ୍ତ୍ୱର ସୃଷ୍ଟି କରନ୍ତି। ଶିକ୍ଷଣ ଓ ପୁନଃ ଶିକ୍ଷଣ ସହ ଏହି ପର୍ଯ୍ୟାୟଗୁଡ଼ିକ ଚକ୍ରାକାର ଭାବେ ଅଗ୍ରଗତି କରେ।

କୋଲବଙ୍କ ଅନୁଭୂତିଭିତ୍ତିକ ଶିକ୍ଷାଚକ୍ରର ପର୍ଯ୍ୟାୟଗୁଡ଼ିକ ହେଉଛି ବାସ୍ତବ ଅନୁଭୂତି, ପ୍ରତିଫଳିତ ପର୍ଯ୍ୟବେକ୍ଷଣ, ଧାରଣାର ସାରାଂଶ ଓ ସକ୍ରିୟ ପରୀକ୍ଷଣ। ଏହି ପର୍ଯ୍ୟାୟଗୁଡ଼ିକ ପରସ୍ପର ସହ ସଂଯୁକ୍ତ। ଏହା ଏକ ପୁନଃ ସଂଗଠିତ ପ୍ରକ୍ରିୟା, ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନକାଳ ମଧ୍ୟରେ ଘଟିଥାଏ। ଶିକ୍ଷାର ପ୍ରତ୍ୟେକ ଚକ୍ର ଛାତ୍ରୀଛାତ୍ରଙ୍କ ବୋଧଗମ୍ୟତାକୁ ଆହୁରି ସୁଦୃଢ଼ କରିଥାଏ । ଏକ ନିର୍ଦ୍ଦିଷ୍ଟ ଅନୁଭୂତି/ ଘଟଣା ମାଧ୍ୟମରେ, ଛାତ୍ରୀଛାତ୍ରମାନେ ନିଜ ଇନ୍ଦ୍ରିୟକୁ ନିୟୋଜିତ କରିଥାନ୍ତି। ଫଳରେ ସେମାନଙ୍କ ମାଂସପେଶୀୟ ଦକ୍ଷତାରେ ବୃଦ୍ଧି ହେବା ସହ ପରିବେଶର ବିଭିନ୍ନ ତଥ୍ୟକୁ ଆତ୍ମସାତ କରନ୍ତି। ପରବର୍ତ୍ତୀ ପର୍ଯ୍ୟାୟ ପ୍ରତିଫଳିତ ପର୍ଯ୍ୟବେକ୍ଷଣରେ, ଶିକ୍ଷାର୍ଥୀମାନେ ଅନୁଭୂତି ମାଧ୍ୟମରେ ପ୍ରାପ୍ତ ସୂଚନାକୁ ବୁଝି ନିଜେ ବ୍ୟାଖ୍ୟା କରିବାକୁ ଚେଷ୍ଟା କରନ୍ତି। ନୂଆ ତଥ୍ୟ ସେମାନଙ୍କ ବିଦ୍ୟମାନ ମାନସିକ ଢାଞ୍ଚାରେ ଉପଯୁକ୍ତ ସ୍ଥାନ ନ ପାଇବା ଦ୍ୱାରା ସେମାନଙ୍କ ଆଶା ଓ ଅନୁଭୂତି ମଧ୍ୟରେ ଜ୍ଞାନାତ୍ମକ ବିଭେଦ ସୃଷ୍ଟି ହୋଇଥାଏ। ଅର୍ଥାତ୍, ଏହି ପ୍ରକ୍ରିୟାରେ ଘଟୁଥିବା ଘଟଣାବଳୀ ଆଶା କରାଯାଇଥିବା ଆଚରଣ ସହ ମେଳ ଖାଏ ନାହିଁ। ଧାରଣାର ସାରାଂଶ ଦିଗରେ ଅଗ୍ରସର ହୋଇ, ଛାତ୍ରୀଛାତ୍ରମାନେ ନୂତନ ତଥ୍ୟକୁ ଯୁକ୍ତିଯୁକ୍ତ ମନେକରନ୍ତି, ଏହାକୁ ସେମାନଙ୍କର ପୂର୍ବ ବିଦ୍ୟମାନ ମାନସିକ ଢାଞ୍ଚାସହ ଯୋଡ଼ିଥା'ନ୍ତି। ଏହିପରି ଭାବେ ନୂତନ ତଥା ଦ୍ୱନ୍ଦ୍ୱପୂର୍ଣ୍ଣ ତଥ୍ୟ ସହ ଧାରଣାଗୁଡ଼ିକର ପରିବର୍ତ୍ତନ ଅଥବା ନୂଆ ତତ୍ତ୍ୱର ସୃଷ୍ଟି କରାଯାଏ। ସକ୍ରିୟ ପରୀକ୍ଷଣର ଶେଷ ପର୍ଯ୍ୟାୟରେ, ଶିକ୍ଷାର୍ଥୀମାନେ ପ୍ରାପ୍ତ ଜ୍ଞାନକୁ ବ୍ୟବହାର କରି ଅନୁଶୀଳନ କରନ୍ତି ଓ ବିଭିନ୍ନ ସମସ୍ୟାର ସମାଧାନ କରନ୍ତି। ଏକ ନୂତନ ଅନୁଭୂତି ହାସଲ କରି ସେମାନେ ପୂର୍ବ ବିଦ୍ୟମାନ ଜ୍ଞାନକୁ ନୂଆ ଆକୃତି ଦେଇଥା'ନ୍ତି।

ଅନୁଭୂତିଭିତ୍ତିକ ଶିକ୍ଷା ହେଉଛି ଏକ ଶିକ୍ଷା-ଶିକ୍ଷଣ ଦର୍ଶନ, ଯାହା ଅନେକ ଶୈକ୍ଷିକ ପଦ୍ଧତିକୁ ନେଇ ଗଠିତ। ଏହାକୁ ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟକାରୀ କରାଯାଇପାରିବ। ଏକ ନିର୍ଦ୍ଦିଷ୍ଟ ବିଷୟ ସହ ଜଡ଼ିତ ପରୀକ୍ଷଣ ଓ ଛାତ୍ରୀଛାତ୍ରଙ୍କ ପ୍ରଶ୍ନକୁ ସହଜସାଧ୍ୟ କରିବା ହେଉଛି ଅନୁଭୂତିଭିତ୍ତିକ ଶିକ୍ଷାର ଏକ ସ୍ୱରୂପ। ପ୍ରକଳ୍ପ ଓ ସମସ୍ୟାର ସମାଧାନ ପାଇଁ ଦଳୀୟ କାର୍ଯ୍ୟ ଯଥା ସହଯୋଗୀ ଶିକ୍ଷା ବିଭିନ୍ନ ଦୃଷ୍ଟିକୋଣକୁ ସୁଦୃଢ଼ କରିବାରେ ସହାୟକ ହୁଏ। ପାରସ୍ପରିକ ଖେଳ, ସମୂହ ଆଲୋଚନା, ଦାୟିତ୍ୱ ନିର୍ବାହ, କଳା ଓ ହସ୍ତଶିଳ୍ପ ପ୍ରଭୃତି ଏହାର ଅଂଶବିଶେଷ। ବାହ୍ୟ ଶିକ୍ଷା ଓ ବିଭିନ୍ନ ସ୍ଥାନ ଭ୍ରମଣ ଦ୍ୱାରା ବାସ୍ତବ ଦୁନିଆରେ ନିମଜ୍ଜନ ବିଦ୍ୟାର୍ଥୀମାନଙ୍କ ପାଇଁ ମଧ୍ୟ ସମ ଆକର୍ଷଣୀୟ।

'ଫ୍ଲିପ୍ଡ କ୍ଲାସରୁମ' ଅନୁଭୂତିଭିତ୍ତିକ ଶିକ୍ଷା ବ୍ୟବସ୍ଥାର ଅଂଶବିଶେଷ। ଏହା ଶିକ୍ଷାର୍ଥୀକେନ୍ଦ୍ରିକ ଶିକ୍ଷା ପଦ୍ଧତିର ଉଦାହରଣ। ଶିକ୍ଷାର୍ଥୀମାନେ ପାଠ୍ୟ ସାମଗ୍ରୀ ଓ ସଞ୍ଚାର ସାଧନ ମାଧ୍ୟମରେ ଘରେ ବସି ପ୍ରଥମେ ଏକ ବିଷୟ ଅନୁସନ୍ଧାନ କରନ୍ତି। ପରେ ସେମାନେ ଧାରଣାଗୁଡ଼ିକୁ ଶିକ୍ଷୟିତ୍ରୀଶିକ୍ଷକ ଓ ସମଗ୍ର ଶ୍ରେଣୀ ସହ ଏକାଠି ଆଲୋଚନା କରନ୍ତି। ଏହି ପ୍ରକାରର ଶିକ୍ଷାଦାନ ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କ ଶୈକ୍ଷିକ ଦାୟିତ୍ୱ ନେବାର ସୁଯୋଗ ଦିଏ ଓ ଅର୍ଥପୂର୍ଣ୍ଣ ପାରସ୍ପରିକ କ୍ରିୟା ମାଧ୍ୟମରେ ଉନ୍ନତ ଶିକ୍ଷାର ପ୍ରସାର ଦିଗରେ ଅଗ୍ରସର କରାଏ।

ଅନୁଭୂତିଭିତ୍ତିକ ଶିକ୍ଷା ବ୍ୟବସ୍ଥାରେ ଶ୍ରେଣୀଗୃହ ପ୍ରସଙ୍ଗ ଭିନ୍ନ ଛାତ୍ରୀଛାତ୍ରଙ୍କ କାର୍ଯ୍ୟଧାରା ମଧ୍ୟ ବଳବତ୍ତର ରହିଥାଏ। ସହପାଠୀ, ପରିବାର ଓ ସାଂସ୍କୃତିକ ପୃଷ୍ଠଭୂମି ଭଳି କାରକଗୁଡ଼ିକ ମଧ୍ୟ ଶିକ୍ଷାକୁ ପ୍ରଭାବିତ କରେ, ଯାହା ବିଚାରକୁ ନିଆଯାଏ ନାହିଁ। ଅନୁଭୂତିଭିତ୍ତିକ ଶିକ୍ଷାର କାର୍ଯ୍ୟାନ୍ୱୟନ ଏକ ତାତ୍ତ୍ୱିକ ଦୁଃସ୍ୱପ୍ନ ମଧ୍ୟ ହୋଇପାରେ। ଏଥିପାଇଁ କର୍ମଚାରୀବର୍ଗ, ଶୈକ୍ଷିକ ଉପକରଣ, ସ୍ୱତନ୍ତ୍ର ପ୍ରଶିକ୍ଷଣ ତଥା ଉନ୍ନତ ସମ୍ବଳର ଆବଶ୍ୟକତା ଅଛି। ଭାରତରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ ବିବିଧତାକୁ ଦୃଷ୍ଟିରେ ରଖି ଏହା ହିଁ ସତ୍ୟ। ଅନୁଭୂତି ଭିତ୍ତିରେ ଶିଖିବା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତିକୁ ମଧ୍ୟ ଆକଳନ କରାଯାଇପାରେ। ଉଦାହରଣ ସ୍ୱରୂପ, ଦ୍ୱିତୀୟ ଶ୍ରେଣୀ ଇଂଲିଶ ପାଠ ସହିତ ସଂଘର୍ଷ କରୁଥିବା ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ସମାଲୋଚନାମୂଳକ ଚିନ୍ତନ ନିମନ୍ତେ କେତେଦୂର ପ୍ରସ୍ତୁତ, ତାହା ବିଚାର୍ଯ୍ୟ।

ଅନୁଭୂତିଭିତ୍ତିକ ଶିକ୍ଷା ପାଇଁ ବ୍ୟବସ୍ଥାରେ ମୋଟାମୋଟି ପରିବର୍ତ୍ତନ ଆବଶ୍ୟକ; ଯାହା ସାମଗ୍ରିକ ବିକାଶ ପାଇଁ ସମୟୋପଯୋଗୀ ହୋଇପାରିବ। ସୁତରାଂ ଅନୁଭୂତିଭିତ୍ତିକ ଶିକ୍ଷଣ ଶୈଳୀରେ ଛାତ୍ରୀଛାତ୍ରମାନଙ୍କୁ ସଶକ୍ତ କରିବାର ଯଥେଷ୍ଟ ଆବଶ୍ୟକତା ଅଛି।

**ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ**
**(ଏନ.ସି.ଇ.ଆର୍.ଟି), ଭୁବନେଶ୍ୱର**
**ମୋ: ୮୦୧୮୧୭୨୩୦୧**

# ଗଣଯୋଗାଯୋଗ ଗବେଷଣା



ଡ. ସନ୍ତୋଷ କୁମାର ବିଶ୍ୱାଳ

ଭାରତର ସୁପ୍ରିମକୋର୍ଟ ସାମାଜିକ ଗଣମାଧ୍ୟମ ଇନ୍‌ଫ୍ଲୁଏନସର ସମୟ ରୈନା ଓ ରଣବୀର ଆଲ୍ଲାବାଦିଆଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରି ଭିନ୍ନକ୍ଷମଙ୍କ ବିଷୟରେ ଅପମାନଜନକ ମନ୍ତବ୍ୟ ଦେବା ପାଇଁ ସାଧାରଣରେ କ୍ଷମାପ୍ରାର୍ଥନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନ୍ୟାୟାଳୟ ଜୋରଦେଇ କହିଥିଲେ ଯେ ସ୍ୱାଧୀନତା ଅଭିବ୍ୟକ୍ତିର ଅର୍ଥ ନୁହେଁ ଅବହେଳିତ ସମ୍ପ୍ରଦାୟଗୁଡ଼ିକୁ ଅପମାନିତ କରିବା । ଏହା ବ୍ୟତୀତ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ଏସ୍‌ଇବିଆଇ) ଅନ୍‌ଲାଇନରେ ଆର୍ଥିକ ଇନ୍‌ଫ୍ଲୁଏନସର ବା ପ୍ରଭାବଶାଳୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଭ୍ରମ ବିଷୟରେ ଏକ ଚେତାବନୀ ଜାରି କରିଛି। ଏହା ସହ ଭାରତୀୟ ପୁଞ୍ଜିବଜାର ବୋର୍ଡ ମଧ୍ୟ ଅନ୍‌ଲାଇନ ଅର୍ଥନୈତିକ ପ୍ରଭାବକାରୀଙ୍କ ଦ୍ୱାରା କରାଯାଇଥିବା ଭ୍ରାନ୍ତିଜନକ ଦାବି ଉପରେ ଚେତାବନୀ ଜାରି କରିଛି। ଏମାନେ ସାଧାରଣ ନିବେଶକଙ୍କୁ ଭ୍ରମିତ କରିଛନ୍ତି। ଏହି ସମସ୍ତ ଘଟଣାର ସ୍ୱଚ୍ଛତା ପାଇଁ ଗଣମାଧ୍ୟମ ଏବଂ ଯୋଗାଯୋଗର ଗବେଷଣା ଅତ୍ୟାବଶ୍ୟକ।

ଏହା ଏକ ଯୁଗ ଯେଉଁଠାରେ ଏକ ଟ୍ୱିଟ୍ ବ୍ୟକ୍ତିଗତ ପ୍ରତିଷ୍ଠାକୁ ନଷ୍ଟ କରିପାରେ, ଏକ ରିଲ୍ ଲକ୍ଷ ଲକ୍ଷ ଲୋକଙ୍କୁ ଏକତ୍ରିତ କରିପାରେ ଏବଂ ନକଲି ଖବର ହିଂସାକୁ ଜନ୍ମ ଦେଇପାରେ। ଏ କ୍ଷେତ୍ରରେ ଗଣମାଧ୍ୟମ ଓ ଯୋଗାଯୋଗକୁ ବୁଝିବା ଆବଶ୍ୟକ। ଦ୍ୱିତୀୟ ବୃହତ୍ତମ ଇଣ୍ଟରନେଟ୍ ଉପଭୋକ୍ତା ପୃଷ୍ଠଭୂମି ସହିତ ଭାରତ ଏକ ଯୋଗାଯୋଗ ବିପ୍ଳବର ସନ୍ଧିରେ ଠିଆ ହୋଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ସୂଚନା ଉତ୍ପାଦନ, ପ୍ରସାରଣ ଏବଂ ବ୍ୟବହାର କରିବାର ଉପାୟ ନାଟକୀୟ ଭାବରେ ପରିବର୍ତ୍ତନ ହୋଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗଣମାଧ୍ୟମ ଯୋଗାଯୋଗରେ ଗବେଷଣାର ଆବଶ୍ୟକତା ପୂର୍ବରୁ ଏତେ ଜରୁରୀ ହୋଇ ନ ଥିଲା। ଏହା କେବଳ ଖବରକାଗଜ, ଟେଲିଭିଜନ କିମ୍ବା ଡିଜିଟାଲ ପ୍ଲାଟଫର୍ମ ଅଧ୍ୟୟନ କରିବା ବିଷୟରେ ନୁହେଁ, ଏହା ସମାଜ, ଗଣତନ୍ତ୍ର, ସଂସ୍କୃତି ଏବଂ ଅର୍ଥନୀତିକୁ ଗଣମାଧ୍ୟମ କିପରି ଆକାର ଦିଏ ତାହା ବିଷୟରେ ବିକ୍ଷେପଣ କରିବା ।

ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଗଣମାଧ୍ୟମ ସହିତ ଗଭୀର ଭାବରେ ଜଡ଼ିତ। ୧୯୭୦ର ଜରୁରିକାଳୀନ ପରିସ୍ଥିତିଠାରୁ ଡିଜିଟାଲ ସେନ୍‌ସରଶିପ୍ ସମ୍ପର୍କିତ ବର୍ତ୍ତମାନର ବିତର୍କ ପର୍ଯ୍ୟନ୍ତ ଗଣମାଧ୍ୟମ ସର୍ବଦା ଜନମତ ଗଠନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଗଣମାଧ୍ୟମ ଯୋଗାଯୋଗ ଗବେଷଣା ଆମକୁ ବୁଝିବାରେ ସାହାଯ୍ୟ କରିପାରିବ ଯେ କିପରି କାହାଣୀ ତିଆରି ହୁଏ, ଭୁଲ ସୂଚନା କିପରି ବ୍ୟାପିଥାଏ ଏବଂ ରାଜନୈତିକ ଆଲୋଚନା କିପରି ଆଲଗୋରିଦମ ଦ୍ୱାରା ପ୍ରଭାବିତ ହୁଏ। ଯେଉଁ ଦେଶରେ ସାମାଜିକ ଗଣମାଧ୍ୟମ ନିର୍ବାଚନ ପାଇଁ ଯୁଦ୍ଧଭୂମି ପାଲଟିଛି, ସେଠାରେ ଡିଜିଟାଲ




ଅଭିଯାନର ପ୍ରଭାବକୁ ଟ୍ରାକ୍ କରିବା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ବିପଦ ଚିହ୍ନଟ କରିବା ପାଇଁ ପ୍ରତ୍ୟକ୍ଷ ଶୈକ୍ଷିକ ଗବେଷଣା ହେବା ଗୁରୁତ୍ୱପୂର୍ଣ୍ଣ।

ଭାରତ ଭୁଲ ସୂଚନାର ଭୟଙ୍କର ପରିଣାମ ଦେଖିଛି – ହ୍ୱାଟ୍ସଆପ୍ ଫରୱାର୍ଡ ଦ୍ୱାରା ସୃଷ୍ଟି ହୋଇଥିବା ହିଂସାଠାରୁ ଆରମ୍ଭ କରି କୋଭିଡ୍-୧୯ ମହାମାରୀ ସମୟରେ ଭୁଲ ଔଷଧ ବ୍ୟବହାର ଦ୍ୱାରା ଜନସ୍ୱାସ୍ଥ୍ୟ ସଙ୍କଟ ଆହୁରି ଖରାପ ହୋଇଯାଇଥିଲା। ସଞ୍ଚାର ଗବେଷଣା ଭୁଲ ସୂଚନା ଚିହ୍ନଟ, ଯାଞ୍ଚ ଏବଂ ମୁକାବିଲା ପାଇଁ ନୀତି ବିକଶିତ କରିପାରିବ। ବିଶ୍ୱବିଦ୍ୟାଳୟଗୁଡ଼ିକ ଟେକ୍ କମ୍ପାନୀ, ସାମାଜିକ ସଂସ୍ଥା ଏବଂ ନୀତି ନିର୍ଦ୍ଧାରକଙ୍କ ସହିତ ସହଯୋଗ କରି ଗବେଷଣା ଉପରେ ଆଧାରିତ ରଣନୀତି ପ୍ରସ୍ତୁତ କରିପାରିବେ।

ଭାରତର ଜନସଂଖ୍ୟାର ୬୫% ଲୋକ ୩୫ ବର୍ଷରୁ କମ୍ ଏବଂ ସେମାନଙ୍କର ସାମାଜିକୀକରଣ, ପରିଚୟ ଗଠନ ତଥା ରାଜନୈତିକ ସଚେତନତାର ଅଧିକାଂଶ ବିଷୟ ବର୍ତ୍ତମାନ ଅନ୍‌ଲାଇନରେ ଘଟେ। ଇନ୍‌ଷ୍ଟାଗ୍ରାମ୍ ଟ୍ରେଣ୍ଡ, ୟୁଟ୍ୟୁବ ପ୍ରଭାବଶାଳୀ, ଗେମିଂ ସଂସ୍କୃତି ଏବଂ ପ୍ରବାହ ପ୍ଲାଟଫର୍ମ କେବଳ ମନୋରଞ୍ଜନର ରୂପ ନୁହେଁ, ଏଗୁଡ଼ିକ ମୂଲ୍ୟବୋଧ, ଆକାଂକ୍ଷା ଏବଂ ଭୋଟ ଦେବାର ଢାଞ୍ଚାକୁ ଗଢ଼ୁଛନ୍ତି। ସଞ୍ଚାର ଗବେଷଣା, ଯୁବ ଭାରତୀୟମାନେ କିପରି ଗଣମାଧ୍ୟମ ବ୍ୟବହାର କରନ୍ତି ଏବଂ ଉତ୍ପାଦନ କରନ୍ତି, ଡିଜିଟାଲ ପ୍ଲାଟଫର୍ମ କିପରି ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଛି ଏବଂ ବିଶ୍ୱ ସାଂସ୍କୃତିକ ପ୍ରବାହ କିପରି ସ୍ଥାନୀୟ ପରମ୍ପରା ସହିତ ମିଶେ ସେ ବିଷୟରେ ତଥ୍ୟ ଦେଇପାରିବ।

ଗଣମାଧ୍ୟମ ବିକାଶର ଏକ ମାଧ୍ୟମ। ଯୋଗାଯୋଗ ଗବେଷଣା ସ୍ୱାସ୍ଥ୍ୟ, ପରିମଳ କିମ୍ବା ଶିକ୍ଷା ଉପରେ ସରକାରୀ ଅଭିଯାନଗୁଡ଼ିକୁ କିପରି ଗ୍ରହଣ କରାଯାଏ ଏବଂ ସେଗୁଡ଼ିକ ଆଚରଣ ପରିବର୍ତ୍ତନ ସୃଷ୍ଟି କରେ କି ନାହିଁ ତାହା ମୂଲ୍ୟାଙ୍କନ କରିପାରିବ। ଭାରତରେ ଅଧିକାଂଶ ଗଣମାଧ୍ୟମ ଶିକ୍ଷାଦକ୍ଷତା କେନ୍ଦ୍ରିକ ରହିଛି – କିପରି ସୁଟିଂ କରିବେ, ସମ୍ପାଦନା କରିବେ, ଲେଖିବେ କିମ୍ବା ଉପସ୍ଥାପନା କରିବେ। ଏହି ଦକ୍ଷତାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଗବେଷଣା ବିନା ଗଣମାଧ୍ୟମ ଶିକ୍ଷା ଅଗଭୀର ହୋଇଯାଏ। ଦୃଢ଼ ଯୋଗାଯୋଗ ଗବେଷଣା ଶ୍ରେଣୀଗୃହଗୁଡ଼ିକୁ ସମାଲୋଚନାତ୍ମକ ଦୃଷ୍ଟିକୋଣ, ବିଶ୍ୱ ତୁଳନା ଏବଂ ପ୍ରାୟୋଗିକ ସାକ୍ଷ୍ୟ ସହିତ ସମୃଦ୍ଧ କରିଥାଏ। ଗଣମାଧ୍ୟମ ଗବେଷଣା ଶିକ୍ଷାଦାନ ଏବଂ ବୃତ୍ତିଗତ ଅଭ୍ୟାସ ଉଭୟକୁ ସୁଦୃଢ଼ କରିଥାଏ।

ବିଶ୍ୱବିଦ୍ୟାଳୟଗୁଡ଼ିକୁ ସାମ୍ବାଦିକ କିମ୍ବା ସାମାଜିକ ସମ୍ପର୍କ ବିଶେଷଜ୍ଞ ଉତ୍ପାଦନ କରିବା ବ୍ୟତୀତ ଅନ୍ୟ କୌଣସି ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ଉଚିତ। ସେମାନଙ୍କୁ ଏପରି ଜ୍ଞାନ ସୃଷ୍ଟି କରିବାକୁ ପଡିବ ଯାହା ବ୍ୟାଖ୍ୟା କରେ, ସମାଲୋଚନା କରେ ଏବଂ ସଂଯୋଗ ପରିବେଶକୁ ଆକାର ଦିଏ। ଯଦି ଭାରତ ତା'ର ଗଣତନ୍ତ୍ରକୁ ସୁରକ୍ଷା ଦେବାକୁ ତା'ର ଯୁବପିଢ଼ିକୁ ସଶକ୍ତ କରିବ ଏବଂ ବିଶ୍ୱ ଜ୍ଞାନ ଅର୍ଥନୀତିରେ ନିଜକୁ ପ୍ରତିପାଦିତ କରିବାକୁ ଚାହେଁ ତେବେ ଗଣମାଧ୍ୟମ ଯୋଗାଯୋଗ ଗବେଷଣାକୁ ଏକ ଜାତୀୟ ପ୍ରାଥମିକତା ଭାବରେ ସ୍ୱୀକୃତି ଦିଆଯିବା ଉଚିତ।

**ସହଯୋଗୀ ପ୍ରାଧ୍ୟାପକ, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**
**ମୋ: ୮୩୩୧୮୧୪୫୮୨**

## ଏଇ ଭାରତରେ

କର୍ନାଟକର ଆଙ୍କେ ଗୌଡ଼ା ତାଙ୍କ ଗାଁ ହରଲାହାଲ୍ଲିରେ ଏକ ଲାଇବ୍ରେରି କରିଛନ୍ତି, ଯେଉଁଥିରେ ୨୦ ଲକ୍ଷ ବହି ରହିଛି। ଏହି ଲାଇବ୍ରେରି ପାଇଁ ତାଙ୍କୁ ୫ ଦଶନ୍ଧି ଲାଗିଯାଇଛି। ଏହାର ନାଁ ରହିଛି 'ପୁସ୍ତକ ମାନେ' ଅର୍ଥାତ୍ ବୁକ୍ ହାଉସ। ଆଙ୍କେଙ୍କ ବୟସ ୭୫। ସେ ଅର୍ଥାଭାବରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ପରେ ବସ୍ କଣ୍ଡକ୍ଟର କାମ କରି ସେହି ରୋଜଗାରରେ କନ୍ନଡ ସାହିତ୍ୟରେ ସ୍ନାତକୋତ୍ତର ହାସଲ କରିଥିଲେ। ଏହି ସମୟରେ ଜଣେ ପ୍ରାଧ୍ୟାପକ ତାଙ୍କୁ ଲାଇବ୍ରେରିର ଆବଶ୍ୟକତା ସମ୍ପର୍କରେ କହିଥିଲେ। ପରେ ଆଙ୍କେ ଲାଇବ୍ରେରି କରିବାର ନିଷ୍ପତ୍ତି ନେଇଥିଲେ ଏବଂ ବହି ସଂଗ୍ରହ କିମ୍ବା କିଣିବା ଆରମ୍ଭ କରିଦେଇଥିଲେ। ଏବେ ଲାଇବ୍ରେରିରେ ୨୦ରୁ ଅଧିକ ଭାରତୀୟ ଭାଷା ଓ ବିଦେଶୀ ଭାଷାର ସାହିତ୍ୟ, ପ୍ରାଚୀନ ଦର୍ଶନ, ଟେକ୍‌ନୋଲୋଜି ସମ୍ପର୍କିତ ବହି ସହିତ ବିଭିନ୍ନ କାବ୍ୟ, ପାଣ୍ଡୁଲିପି ଏବଂ ବିଭିନ୍ନ ଭାଷାର ୫,୦୦୦ରୁ ଅଧିକ ଡିକ୍ସନାରି ରହିଛି। ସେ ବ୍ୟକ୍ତିଗତ ଭାବେ ଏହାକୁ ପରିଚାଳନା କରୁଛନ୍ତି। ଏଥିପାଇଁ ସେ ମହୀଶୂରରେ ଥିବା ତାଙ୍କର ଏକ ଘରକୁ ବିକ୍ରି କରିଦେଇଛନ୍ତି। ଏହି ଲାଇବ୍ରେରିର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ।

## ୫୦ ବର୍ଷ ତଳର ଧରିତ୍ରୀ

### ୧୮ ଅକ୍ଟୋବର ୧୯୭୬

- ଗହମଜାତ ଦ୍ରବ୍ୟ ଯଥା ମଇଦା, ସୁଜି ଓ ଅଟା ପ୍ରଭୃତିର କାରବାର ଓ ବ୍ୟବସାୟ ସୁବିଧା ପାଇଁ ସରକାର ସମଗ୍ର ଦେଶକୁ ୪ଟି ଜୋନ୍‌ରେ ବିଭକ୍ତ କରିଛନ୍ତି।
- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧିଙ୍କ ବିରୁଦ୍ଧରେ ଲାଞ୍ଚ ଗ୍ରହଣ ଓ କ୍ଷମତା ଅପବ୍ୟବହାର ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ କୋର୍ଟରେ ଏକ ମକଦ୍ଦମା ଦାଏର କରିଛନ୍ତି।

## ଚିରନ୍ତନୀ

କାଟିଦେବି ବେଳ ଦୂରୁ ଚାହିଁ ରହି
ସେ ରୂପ ସୁଷମା ମୁଁ ଚିର ବିରହୀ
ଜୀବନ-ମରୁରେ ମରଣ ବିରହ
ଶତ ଶୋକ ପରିହରି
ଚମ୍ପକ-ହାସ ହସିଯାଅ ତୁମେ
ଆଗୋ ଗୋରଚନା-ଗୋରି !

–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭଦ୍ରକ କାଳୀପୂଜା ଅବଧି କମୁଛି

ମହାଶୟ,

ଭଦ୍ରକ ଅଞ୍ଚଳର ଜଣେ ବ୍ୟକ୍ତି ଭଦ୍ରକ କାଳୀପୂଜାକୁ ୧୧ ଦିନ କରିବା ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି 'ଧରିତ୍ରୀ'ରେ ଏକ ପତ୍ର ପ୍ରକାଶ କରିଥିଲେ। ତାଙ୍କର ଯୁକ୍ତି ଗୁଡ଼ିକ ଅକାଟ୍ୟ ଥିଲା । ଆମେ ମାନେ ଭାବି ଥିଲୁ ଯେ, ଚଳିତ ବର୍ଷ ଜିଲା ପ୍ରଶାସନ ମେଳାକୁ ୧୧ ଦିନ ପାଇଁ ଅନୁମତି ପ୍ରଦାନ କରି ସେହି ଅନୁଯାୟୀ ସମସ୍ତ ବ୍ୟବସ୍ଥା କରିବେ । ତେବେ ଗତ ୯ ଅକ୍ଟୋବର ୨୦୨୫ରେ କାଳିପୂଜା ସମ୍ପର୍କରେ ଜିଲା ପ୍ରଶାସନର ବୈଠକରେ ଏହି ମେଳା ୨୦.୧୦.୨୦୨୫ରୁ ( ଯଦିଓ କାଳୀପୂଜା ୨୧.୧୦,୨୦୨୫ରୁ ଆରମ୍ଭ) ହୋଇ ୨୮ ତାରିଖରେ ଭସାଣୀ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ମୋଟାମୋଟି ମେଳା ୯ ଦିନ । ସୂଚନା ଥାଉକି ୨୦୧୯ ମସିହାଠାରୁ ଏହା ୧୧ ଦିନକୁ ବର୍ଦ୍ଧିତ କରାଯାଇଥିଲା ଏବଂ ୨୦୨୦-୨୦୨୧ ଦୁଇବର୍ଷ କରୋନା ପାଇଁ ପୂଜା ସଂପୂର୍ଣ୍ଣ ବନ୍ଦ ଥିଲା। ଆଗାମୀ ଦିନରେ ପୂଜାକୁ ପୁନର୍ବାର ୧୧ ଦିନ କରାଯାଉ।

**–କୀର୍ତ୍ତନ ବିହାରୀ ଦାସ, ଅପର୍ତ୍ତିବିନ୍ଧା ଛକ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଫେବୃଆରୀ ତୃତୀୟ ସପ୍ତାହରୁ ଯୁକ୍ତ ୨ ପରୀକ୍ଷା

**ଭୁବନେଶ୍ୱର, ୧୭।୧୦ (ସୁଚିସ୍ମିତା ସାହୁ)**

ଯୁକ୍ତ୨ ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପ୍ରସ୍ତୁତି ଆରମ୍ଭ କରିଛି। ଏକ୍ସ ରେଗୁଲାର୍ ଛାତ୍ରୀଛାତ୍ରଙ୍କ ପାଇଁ ଫର୍ମ ପୂରଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୦ ତାରିଖରୁ ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ହେବ। ସେହିପରି ଡିସେମ୍ବର ୨୨ରୁ ଇଣ୍ଟରନାଲ୍ ପରୀକ୍ଷା କରିବା ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ ବୋଲି ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଫେବୃଆରୀ ୧୪ ତାରିଖ ସୁଦ୍ଧା ଛାତ୍ରୀଛାତ୍ରଙ୍କୁ ଆଡ୍‌ମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ରୁ ୨୫ ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ। ତେବେ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏଚ୍ଏସ୍ଇ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ଏକ୍ସ-ରେଗୁଲାର ପିଲାଙ୍କ ଫର୍ମ ପୂରଣ ଜାରି ରହିଥିବାବେଳେ ଆସନ୍ତା ୨୨ ତାରିଖ ଯାଏ ଚାଲିବ। ସେହିପରି ରେଗୁଲାର୍ ଛାତ୍ରୀଛାତ୍ର ଆସନ୍ତା ୨୦ରୁ ନଭେମ୍ବର ୬ ମଧ୍ୟରେ ଫର୍ମ ପୂରଣ କରିବେ। ଏହି ଅବଧି ମଧ୍ୟରେ ଫର୍ମ ପୂରଣ କରିପାରି ନ ଥିବା ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରୀଛାତ୍ର ନଭେମ୍ବର ୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିପାରିବେ। ଡିସେମ୍ବର ୨୨ରୁ ଯୁକ୍ତ ୨ ଇଣ୍ଟରନାଲ ପରୀକ୍ଷା ଆରମ୍ଭ ହେବ। ଦୁଇଟି ସ୍ଲଟ୍‌ରେ ଜାନୁଆରୀ ୧୫ ତାରିଖ ଯାଏ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ। ପ୍ରଥମ ସ୍ଲଟ୍‌ରେ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ ଆସେସ୍‌ମେଣ୍ଟ, ପ୍ରୋଜେକ୍ଟ ମୂଲ୍ୟାଙ୍କନ ଓ ମୌଖିକ ପରୀକ୍ଷା ସରିବ। ଏହାପରେ ଦ୍ୱିତୀୟ ସ୍ଲଟରେ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଏହି ସମୟରେ ପରୀକ୍ଷା ଦେଇପାରି ନ ଥିବା ଛାତ୍ରୀଛାତ୍ରଙ୍କୁ ଜାନୁଆରୀ ୧୦ରୁ ୧୫ ତାରିଖ ମଧ୍ୟରେ ପରୀକ୍ଷା ଦେବାକୁ ଆଉ ଏକ ସୁଯୋଗ ମିଳିବ। ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗ ରୁମ୍ ସମେତ ପରୀକ୍ଷା ହଲ୍, ଲାବରେଟୋରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏଚ୍ଏସ୍ଇ ଗୁରୁତ୍ୱ ଦେଇଛି। ବିଶେଷକରି ପ୍ରଥମଥର ପାଇଁ ସେଣ୍ଟର ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ମଧ୍ୟ ନଭେମ୍ବର ୨୯ ସୁଦ୍ଧା ସିଏଚ୍ଏସ୍ଇକୁ ପ୍ରଦାନ କରିବାକୁ କୁହାଯାଇଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧାପ୍ରସାରଣ ଦେଖିବା ସହ ସିଏଚ୍ଏସ୍ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି।



ମହାରାଷ୍ଟ୍ର ନାଶିକ୍‌ସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ ପରିସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଉପସ୍ଥିତିରେ ଶୁକ୍ରବାର ଭାରତ ନିର୍ମିତ ପ୍ରଥମ ତେଜସ୍ ଏମ୍‌କେ୧ଏ ଫାଇଟର ଜେଟ୍‌ର ଉଦ୍‌ଘାଟନ ।

# ମହିଳା ହିଂସା | ସମାଧାନ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା: ରାଜ୍ୟପାଳ

**ଭୁବନେଶ୍ୱର, ୧୭।୧୦ (ରବିନାରାୟଣ ଜେନା)**

ରାଜ୍ୟରେ ଅନେକ ସମୟରେ ମହିଳା ହିଂସାକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏସବୁର ସ୍ଥାୟୀ ସମାଧାନ ଲାଗି ସାମୂହିକ ଉଦ୍ୟମ ଲୋଡ଼ା ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ରାଜଭବନର ନ୍ୟୁ-ଅଭିଷେକ ପ୍ରେକ୍ଷାଳୟରେ ଖବରଦାତାଙ୍କ ସହିତ ଭାବବିନିମୟ ଅବସରରେ ରାଜ୍ୟପାଳ କହିଛନ୍ତି, ମହିଳା ହିଂସା କ୍ଷେତ୍ରରେ ପୋଲିସ ଅଭିଯୋଗ ପାଇବା ମାତ୍ରେ ଏତଲା ରୁଜୁ କରି ଘଟଣାର ତଦନ୍ତ କରିବା ଆବଶ୍ୟକ ; ଯାହାଫଳରେ ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଯାଇପାରିବ।

ନିକଟରେ ଘଟିଥିବା କେତେକ ମହିଳା ବିରୋଧୀ ହିଂସା ଘଟଣାକୁ ନେଇ ରାଜ୍ୟପାଳ କହିଛନ୍ତି, ବାଲେଶ୍ୱରରେ ଛାତ୍ରୀ ଆତ୍ମାହୁତି ଘଟଣା ହେଉ କି ବଳଙ୍ଗା ଛାତ୍ରୀ ପୋଡ଼ି, ଗୋପାଳପୁରରେ ଗଣବଳାତ୍କାର ଘଟଣା ଏବଂ ପଶ୍ଚିମବଙ୍ଗରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ଏସବୁ କ୍ଷେତ୍ରରେ ସାମୂହିକ ଭାବେ ସରକାର, ପୋଲିସ ଓ ସମାଜର ଗୁରୁଦାୟିତ୍ୱ ରହିଛି। ପୋଲିସ ଏହିସବୁ ଘଟଣାରେ ଏତଲା ରୁଜୁ କରି ତା'ର ପଦକ୍ଷେପ ନେବା ଆବଶ୍ୟକ। ଏପରି କରାଗଲେ ପୀଡ଼ିତା ପୋଲିସ ପ୍ରଶାସନ ଉପରେ ଭରସା ରଖିପାରିବେ। ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ହେଲେ ରାଜ୍ୟରେ ଅପରାଧକୁ ଦମନ କରିହେବ। ଏହାସହିତ ଲୋକେ ମଧ୍ୟ ସଚେତନ ହେବା ଜରୁରୀ। ଏନେଇ ସରକାର ଏବଂ ଗଣମାଧ୍ୟମ ବ୍ୟାପକ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ଶିକ୍ଷାନୁଷ୍ଠାନରେ ଥିବା ଇଣ୍ଟରନାଲ କମ୍ପ୍ଲେନ କମିଟି(ଆଇସିସି)ଗୁଡ଼ିକ ଏକ୍ଷେତ୍ରରେ ତ୍ୱରିତ୍ ପଦକ୍ଷେପ ନେବା ଆବଶ୍ୟକ। ଯଦି କୌଣସି କ୍ଷେତ୍ରରେ ଆଇସିସି ଏହାର ସମାଧାନ କରିବାରେ ଅସମର୍ଥ ହେଉଛି, ତେବେ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ଅବଗତ କରାଇଲେ ଏହାର ତ୍ୱରିତ ସମାଧାନ ଦିଗରେ ଆମେ ପଦକ୍ଷେପ ଗ୍ରହଣ କରିପାରିବୁ। ସେହିପରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ନିଶାମୁକ୍ତ ହେବା ଜରୁରୀ, ଯାହାଫଳରେ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଭାବେ ଅଧ୍ୟୟନ ଓ ଗବେଷଣା କରିପାରିବେ।

ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟପାଳ କହିଛନ୍ତି, ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲିଥିବା କୁଳପତି ପଦବୀ ପୂରଣ ଦିଗରେ ସରକାର ପଦକ୍ଷେପ ନେଉଛନ୍ତି। ଏସଂକ୍ରାନ୍ତରେ ସରକାରଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ସରକାର ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟପାଳ କହିଛନ୍ତି।



ରାଜଭବନର ନ୍ୟୁ-ଅଭିଷେକ ପ୍ରେକ୍ଷାଳୟରେ ଶୁକ୍ରବାର ଖବରଦାତା ସମ୍ମିଳନୀ ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ରାଜ୍ୟପାଳଙ୍କ ସଚିବ ରୂପାରୋଶନ ସାହୁ।

## ଜନସାଧାରଣଙ୍କ ନିକଟରେ ଯୋଜନା ପହଞ୍ଚାଇବାର ଦାୟିତ୍ୱ ଗଣମାଧ୍ୟମ ନେଉ

**ଭୁବନେଶ୍ୱର, ୧୭।୧୦ (ରବିନାରାୟଣ ଜେନା)**

ରାଜ୍ୟର ସୀମା ବିବାଦଠାରୁ ଆରମ୍ଭ କରି ମହାନଦୀର ଜଳବିବାଦ ପର୍ଯ୍ୟନ୍ତ, ପ୍ରତ୍ୟେକ ସମସ୍ୟାର ସମାଧାନ କେବଳ ଉଭୟ ପକ୍ଷର ସହମତିରେ ହିଁ ସମ୍ଭବ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ରାଜଭବନର ନ୍ୟୁ-ଅଭିଷେକ ପ୍ରେକ୍ଷାଳୟରେ ଖବରଦାତାଙ୍କ ସହିତ ଭାବବିନିମୟ ଅବସରରେ ରାଜ୍ୟପାଳ କହିଛନ୍ତି, ଜନସାଧାରଣଙ୍କ କଲ୍ୟାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରୁଛନ୍ତି। ସେମାନଙ୍କ ପାଖରେ ଯୋଜନା ପହଞ୍ଚାଇବାର ଗୁରୁ ଦାୟିତ୍ୱ ଗଣମାଧ୍ୟମ ନେଉ ବୋଲି ସେ ଆହ୍ୱାନ ଦେଇଛନ୍ତି। ଖବରଦାତାଙ୍କ କୋରାପୁଟ ସୀମା ବିବାଦ ପ୍ରଶ୍ନକୁ ନେଇ ରାଜ୍ୟପାଳ ହରିବାବୁ କହିଛନ୍ତି, ସୀମାବର୍ତ୍ତୀ ଅଞ୍ଚଳର ଲୋକେ ଦୁଇ ରାଜ୍ୟର ସମସ୍ତ ସୁବିଧା ପାଉ ଥାଇପାରନ୍ତି। କିନ୍ତୁ ସୀମା ବିବାଦର ସମାଧାନ କେବଳ ଉଭୟ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ମଧ୍ୟରେ ହିଁ ସମ୍ଭବ ହୋଇପାରିବ। ସେହିପରି ମହାନଦୀର ଜଳବିବାଦକୁ ନେଇ ରାଜ୍ୟପାଳ କହିଛନ୍ତି, ନିକଟରେ ଏସଂକ୍ରାନ୍ତରେ ଛତିଶଗଡ଼ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। ଏକ୍ଷେତ୍ରରେ ମଧ୍ୟ ଉଭୟ ରାଜ୍ୟ ସରକାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ଦିଗରେ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

ରାଜ୍ୟରେ ୨୯% ପରିବାର ନିକଟରେ ବିଦ୍ୟୁତ୍ ପହଞ୍ଚି ନ ଥିବା ପ୍ରଶ୍ନର ଉତ୍ତରରେ ରାଜ୍ୟପାଳ କହିଛନ୍ତି, ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହାକୁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ସମସ୍ତ ପରିବାର ନିକଟରେ ଯେପରି ବିଦ୍ୟୁତ୍ ସେବା ପହଞ୍ଚିପାରିବ ସେନେଇ ସରକାରଙ୍କ ସହିତ ଆଲୋଚନା କରାଯିବ। ସେହିପରି ପ୍ରତ୍ୟେକ ପରିବାରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ନେଇ ବିଭାଗୀୟ ସମୀକ୍ଷା କରାଯାଇଛି। ଏହି ଅବସରରେ ରାଜ୍ୟରେ ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ୍ ହାର ରୋକିବା ପ୍ରଶ୍ନର ଉତ୍ତରରେ ରାଜ୍ୟପାଳ କହିଛନ୍ତି, ବିଶେଷକରି ୧୦ମ ଶ୍ରେଣୀ ପରେ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ନ କରି ରହିଯାଉଛନ୍ତି। ତେଣୁ ଡ୍ରପ୍‌ଆଉଟ ହାର ବଢୁଛି। ଆଗାମୀ ଦିନରେ ୧୦ମ ଶ୍ରେଣୀକୁ ଉନ୍ନୀତ କରି ଯୁକ୍ତ୨ ବିଦ୍ୟାଳୟ ଖୋଲାଗଲେ ଏହାକୁ ରୋକାଯାଇପାରିବ। ସେହିପରି ଦାଦନ ସମସ୍ୟାକୁ ନେଇ ସେ କହିଛନ୍ତି, ଦୁଇପ୍ରକାର ଦାଦନ ରହିଛନ୍ତି। କେତେଜଣ ଦାଦନ ଯେଉଁମାନେ ନିଜର ବୃତ୍ତି ପାଇଁ ବାହାର ରାଜ୍ୟକୁ ଯାଇଛନ୍ତି ଏବଂ ଆଉ କେତେକ କାମଧନ୍ଦା ନ ପାଇ ବାହାର ରାଜ୍ୟକୁ ଯାଇଥାନ୍ତି, ସେମାନଙ୍କୁ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ଅନେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରାଯାଉଛି।

ରାଜ୍ୟରେ ଖାଲିପଡ଼ିଥିବା ମନ୍ତ୍ରୀପଦ ଓ ବିଭିନ୍ନ ନିଗମ ଅଧ୍ୟକ୍ଷ ପଦକୁ ନେଇ ରାଜ୍ୟପାଳ କହିଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ମାତ୍ର ଏଠାରେ ଗୋଟିଏ କଥା କହିପାରିବି, ରାଜ୍ୟରେ ବିଭିନ୍ନ ନିଗମ ବୋର୍ଡ ଏବଂ କମିଶନରେ ଖାଲି ଥିବା ପଦବୀ ପୂରଣ କରିବା ଦିଗରେ ସରକାର ପଦକ୍ଷେପ ନେବାକୁ ମୋର ପରାମର୍ଶ ରହିବ। ସେହିପରି ରାଜ୍ୟରେ ପେସା ଆଇନକୁ ନେଇ ରାଜ୍ୟପାଳ କହିଛନ୍ତି, ଏନେଇ ୨ଠା ପ୍ରସ୍ତାବ ପ୍ରସ୍ତୁତ ହୋଇସାରିଛି। ମାତ୍ର କାହିଁକି ବିଜ୍ଞପ୍ତି ହେଉନାହିଁ ସେନେଇ ସରକାର ଗୁରୁତ୍ୱ ଦେବାର ରହିଛି।

୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଗଠନ ଲକ୍ଷ୍ୟ ହାସଲ କରିବାର ସମ୍ଭାବନା ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି, ସରକାରଙ୍କ ପକ୍ଷରୁ ଭିତ୍ତିଭୂମି ନିର୍ମାଣ ଓ ଶିଳ୍ପ ବିକାଶକୁ ଗୁରୁତ୍ୱ ଦିଆଯାଉଛି। ରେଳ ସଂଯୋଗୀକରଣ ଓ ଗମନାଗମନକୁ ତ୍ୱରାନ୍ୱିତ କରିବା ଲାଗି ୮୦ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ରହିଛି। ଏହାସହିତ ସରକାରଙ୍କ ପକ୍ଷରୁ ହୋଇଥିବା ଶିଳ୍ପ ମହାକୁମ୍ଭରେ ୧୨ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ରହିଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ବିକଶିତ ଓଡ଼ିଶା ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ରାଜ୍ୟପାଳ ଆଶା ପୋଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ ସଞ୍ଚାଳନା କରିଥିଲେ।

# ଇଞ୍ଜିନିୟରିଂ ଛାତ୍ରୀଙ୍କୁ କଲେଜମେଟ୍‌ଙ୍କ ବଳାତ୍କାର

**ବେଙ୍ଗାଲୁରୁ, ୧୭।୧୦**

ଦକ୍ଷିଣ ବେଙ୍ଗାଲୁରୁର ଏକ ଘରୋଇ ଇଞ୍ଜିନିୟରିଂ କଲେଜ କ୍ୟାମ୍ପସ୍‌ରେ ଜଣେ ଛାତ୍ରୀଙ୍କୁ ତାଙ୍କ କଲେଜ ସାଥୀ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଅଭିଯୁକ୍ତ ୨୧ ବର୍ଷୀୟ ଜୀବନ ଗୌଡ଼ା ଷଷ୍ଠ ସେମିଷ୍ଟର ଛାତ୍ର। ପୋଲିସ ତାଙ୍କୁ ରିମାଣ୍ଡରେ ନେଇ ତଦନ୍ତ ଚଳାଇଛି। ପୀଡ଼ିତା ସପ୍ତମ ସେମିଷ୍ଟର ଛାତ୍ରୀଙ୍କୁ ଗତ ୧୦ ତାରିଖରେ ବଳାତ୍କାର କରାଯାଇଥିବା ନେଇ ସେ ୧୫ ତାରିଖରେ ଅଭିଯୋଗ ଦାଏର କରିଥିଲେ। ଭାରତୀୟ ନ୍ୟାୟ ସଂହିତାର ଧାରା ୬୪ରେ ମାମଲା ରୁଜୁ ହୋଇଛି। ଏତଲା ଅନୁଯାୟୀ, ପୀଡ଼ିତା ଏବଂ ଅଭିଯୁକ୍ତ ପରସ୍ପରର ଜଣାଶୁଣା। ପୂର୍ବ ଶିକ୍ଷାବର୍ଷରେ ଗୌଡ଼ା ଫେଲ୍ ହେବା ପୂର୍ବରୁ ଉଭୟ ସହପାଠୀ ଥିଲେ। ଘଟଣା ଦିନ ଛାତ୍ରୀ ଜଣଙ୍କ କିଛି ସାମଗ୍ରୀ ସଂଗ୍ରହ କରିବା ପାଇଁ ଗୌଡ଼ାଙ୍କୁ ଭେଟିଥିଲେ। ମଧ୍ୟାହ୍ନଭୋଜନ ଛୁଟି ସମୟରେ ଗୌଡ଼ା ତାଙ୍କୁ ଡାକି ସପ୍ତମ ମହଲାର ଆର୍କିଟେକ୍ଟର ବ୍ଲକ୍‌ରେ ଭେଟିବାକୁ କହିଥିଲେ। ଛାତ୍ରୀ ଜଣକ ସେଠାରେ ପହଞ୍ଚିବା ପରେ ଗୌଡ଼ା ତାଙ୍କୁ ଜବରଦସ୍ତ ଚୁମ୍ବନ ଦେଇଥିଲେ। ଲିଫ୍ଟ ଦେଇ ଛାତ୍ରୀ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତ ତାଙ୍କୁ ଷଷ୍ଠ ମହଲାର ପୁରୁଷ ୱାଶ୍‌ରୁମ୍‌କୁ ନେଇଯାଇ ବଳାତ୍କାର କରିଥିଲେ। ଗୌଡ଼ା ୱାଶ୍‌ରୁମ୍ ଡୋର୍‌କୁ ଲକ୍ କରିଦେଇଥିଲେ। ପରେ ସେ ପୀଡ଼ିତାଙ୍କୁ ଫୋନ୍ କରି ବଟିକା ଆବଶ୍ୟକ କି ବୋଲି ପଚାରିଥିବା ଏତଲାରେ ଦର୍ଶାଯାଇଛି।

# ଦୁର୍ଘଟଣାରେ ଦିନକୁ ହାରାହାରି ୧୬ ମୃତ୍ୟୁ

**ଯାଜପୁର, ୧୭।୧୦ (ହର୍ଷବର୍ଦ୍ଧନ ବେହେରା)**

ପ୍ରତିବର୍ଷ ଭାରତରେ ପ୍ରାୟ ୧.୭୦ ଲକ୍ଷ ଲୋକ ସଡ଼କ ଦୁର୍ଘଟଣା ଯୋଗୁ ପ୍ରାଣ ହରାଉଛନ୍ତି। ଅନେକ ଲୋକ ଗୁରୁତର ଆହତ ହେଉଛନ୍ତି। ଏହା ପ୍ରଭାବିତ ପରିବାର ପାଇଁ ଆର୍ଥିକ କ୍ଷତି ଏବଂ ଭାବପ୍ରବଣର କାରଣ ହେଉଛି। ଗତ ୩ ବର୍ଷ ମଧ୍ୟରେ ଓଡ଼ିଶାରେ ୩୬,୦୩୦ ଦୁର୍ଘଟଣାରେ ୧୭,୩୪୮ ଜଣଙ୍କ ମୃତ୍ୟୁ ଘଟିଛି। ସାରା ଭାରତବର୍ଷରେ ସଡ଼କ ଦୁର୍ଘଟଣା ମୃତ୍ୟୁରେ ଏହା ସର୍ବାଧିକ। କେବଳ ୨୦୨୪ରେ ଓଡ଼ିଶାରେ ୧୨,୩୭୫ ଦୁର୍ଘଟଣାରେ ୬,୧୪୨ ଜଣଙ୍କ ମୃତ୍ୟୁ ଘଟିଛି। ଏହିକ୍ରମରେ ଓଡ଼ିଶାରେ ଗୋଟିଏ ଦିନରେ ପ୍ରାୟ ୧୬ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଥିବା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତଥ୍ୟରୁ ଜଣାପଡ଼ିଛି। ତେବେ ଏହାକୁ ହ୍ରାସ କରିବା ଲକ୍ଷ୍ୟରେ ଆସନ୍ତା ନଭେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ପକ୍ଷ ତଥା ଜିରୋ ଫାଟାଲିଟି ଫର୍ଟନାଇଟ ପାଳନ କରିବାକୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ବିଭାଗ ପକ୍ଷରୁ ପ୍ରିନ୍ସିପାଲ ସେକ୍ରେଟାରି ଉଷା ପାଢ଼ୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଡିସିପି ଏବଂ ଆରଟିଓମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ପ୍ରତିବର୍ଷ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିଲେ ହେଁ ରାଜ୍ୟରେ କାହିଁକି ତାହା ସଫଳ ହୋଇପାରୁନାହିଁ ସେ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି।

ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଦର୍ଶାଯାଇଛି ଯେ, ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଯୋଗୁ ୪୮ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ ପାଇଁ ସରକାରଙ୍କ ଦ୍ୱାରା ଅନେକ ପଦକ୍ଷେପ ନିଆଯାଇଛି। ସେଥିମଧ୍ୟରୁ ଶୂନ୍ୟ ଦୁର୍ଘଟଣାଜନିତ ସପ୍ତାହ ପାଳନ ଅନ୍ୟତମ। ରାଜ୍ୟରେ ସମସ୍ତ ଜିଲାରେ ଏହା ଦୁଇଥର କରାଯାଇଥିଲା। ଏହାର ଫଳାଫଳ ବହୁତ ଉତ୍ସାହଜନକ ରହିଥିଲା। ଏହି ସମୟ ମଧ୍ୟରେ ଦୁର୍ଘଟଣା ଏବଂ ମୃତ୍ୟୁହାରରେ ଯଥେଷ୍ଟ ହ୍ରାସ ଘଟିଥିଲା। ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ଓଡ଼ିଶା ଗସ୍ତ ସମୟରେ ଏହାକୁ ଉଚ୍ଚ ପ୍ରଶଂସା କରିଥିଲା। ଜିଲାସ୍ତରୀୟ ଅଧିକାରୀଙ୍କ ଆନ୍ତରିକ ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି। ତେଣୁ ଏହାର ସକାରାତ୍ମକ ଫଳାଫଳ ଦ୍ୱାରା ଅନୁପ୍ରାଣିତ ହୋଇ ଏଥର ନଭେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଏକ ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ପକ୍ଷ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ବୈଠକ ତୁରନ୍ତ କରାଯାଇ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବାକୁ ବିଭାଗୀୟ ନିର୍ଦ୍ଦେଶ ହୋଇଛି।

ବିଶେଷକରି ହେଲମେଟ ପରିଧାନ ନ କରି ଗାଡ଼ି ଚଳାଇବା, ମଦ୍ୟପାନ ଓ ମୋବାଇଲ ଫୋନ ଧରିବା ସହ ଅଧିକ ବେଗରେ ଗାଡି ଚଳାଇବା ଆଦି ଦୁର୍ଘଟଣାର କାରଣ ବୋଲି ପୂର୍ବ କମିଟି ବୈଠକରେ ମତପ୍ରକାଶ ପାଇଛି। ଯାଜପୁର ଜିଲା ଦେଇ ଯାଇଥିବା ୨୦, ୧୬ ଓ ୫୩ ନମ୍ବର ଜାତୀୟ ରାଜପଥ(ଏନ୍ଏଚ୍)ରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଅଧିକ ହେଉଥିବା ରିପୋର୍ଟକୁ ଅବଲୋକନ କଲେ ଏହା ସ୍ପଷ୍ଟ ହେଉଛି।

## ଦିନକରେ ଗଲା ୭ ଜୀବନ

**କାମାକ୍ଷାନଗର (ସୁଧୀର କୁମାର ପରିଡ଼ା)/ ବରଗଡ଼ (ପ୍ରେମାନନ୍ଦ ଖମାରୀ), ୧୭।୧୦**

ରାଜ୍ୟର ଦୁଇଟି ସ୍ଥାନରେ ଶୁକ୍ରବାର ଦୁର୍ଘଟଣା ଘଟି ୭ଜଣଙ୍କ ଜୀବନ ହାନି ହୋଇଛି। ଢେଙ୍କାନାଳ ଜିଲା କାମାକ୍ଷାନଗରରେ ବାଇକ୍‌କୁ ଏକ ଗାଡ଼ି ଧକ୍କା ଦେବାରୁ ୪ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବରଗଡ଼ରେ ଏକ କାର୍ ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହେବାରୁ ୩ ଜଣଙ୍କ ପ୍ରାଣ ଯାଇଛି। କାମାକ୍ଷାନଗରଠାରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୪ ଜଣଙ୍କ ମଧ୍ୟରୁ ଗୋଟିଏ ପରିବାରର ୩ ଜଣ ରହିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଆନନ୍ଦପୁର ବଡ଼ଦାଣ୍ଡ ସାହିର ଭାବଗ୍ରାହୀ କାରୁଆ (୩୦) ଯାଜପୁର ଜିଲା କାଳିଆପାଣିଠାରେ ଥିବା ଏକ କମ୍ପାନୀର ଗେଷ୍ଟ ହାଉସ୍‌ରେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସକାଳେ ବାଇକ୍ (ଓଡି ୦୬ ୪୭୨୫ ନମ୍ବର) ଯୋଗେ ସ୍ତ୍ରୀ ଜାନକୀ (୨୬), ଝିଅ ଗୀତାଞ୍ଜଳି (୭) ଓ ଶାଳକଙ୍କ ଝିଅ (ଝିଆରୀ) ନାଣ୍ଡି (୫)ଙ୍କୁ ଧରି କାମାକ୍ଷାନଗର ଆସୁଥିଲେ। କିନ୍ତୁ ୫୩ ନମ୍ବର ଜାତୀୟ ରାଜପଥର ମାଳପୁରା ଓଭରବ୍ରିଜ ନିକଟରେ ଏକ ଗାଡ଼ି ତାଙ୍କ ବାଇକ୍‌କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଭାବଗ୍ରାହୀ ଓ ଝିଅ ଗୀତାଞ୍ଜଳି, ଝିଆରୀ ନାଣ୍ଡିଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ଜାନକୀଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ଓ ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାର ଲୋକ କାମାକ୍ଷାନଗର ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଥାନା ଅଧିକାରୀ ଆଶିଷ କୁମାର ଜେନା ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ସେହିପରି ବରଗଡ଼-ଭଟଲି ଫୋର୍‌ଲେନ୍ ରାସ୍ତାର ଓଭରବ୍ରିଜ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ (ନଂ.ଓଡି୧୭ପି/୮୪୭୮) ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହେବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବରଗଡ଼ର ସୌରଭ ଅଗ୍ରୱାଲ(୨୬), ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ବଇଦୁପାଲିର ଲୁସେନେରୀ ଦିଶେରୀ(୨୬) ଏବଂ ଭୁବନେଶ୍ୱରର ଜ୍ଞାନରଞ୍ଜନ ସାହୁ (୨୭)। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ କାରରେ ବସିଥିବା ଅନ୍ୟ ଜଣେ ଯୁବତୀ ଭୁବନେଶ୍ୱରର ରିଜିତା ସେଠୀ(୨୫) ସୌଭାଗ୍ୟବଶତଃ ରକ୍ଷା ପାଇଯାଇଛନ୍ତି। ବରଗଡ଼ ଟାଉନ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ଅଧିକ ତଦନ୍ତ ଚଳାଇଛି। ସୌରଭଙ୍କ ବରଗଡରେ ଏକ ହାର୍ଡୱେର ଦୋକାନ ରହିଛି। ସେହିପରି ଅନ୍ୟ ମୃତକ ଏବଂ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିବା ଯୁବତୀ ଏକ ପେଣ୍ଟ୍‌ସ କମ୍ପାନୀରେ କାମ କରନ୍ତି। ସେମାନେ କମ୍ପାନୀ କାମରେ ବରଗଡ଼ ଆସିଥିଲେ ଏବଂ ସ୍ଥାନୀୟ ଏକ ହୋଟେଲରେ ରହୁଥିଲେ। ଗୁରୁବାର ସେମାନେ ସୌରଭଙ୍କ ସହିତ କୌଣସି କାମରେ ସମ୍ବଲପୁର ପଟକୁ ଯାଇଥିଲେ। ବିଳମ୍ବିତ ରାତିରେ ବରଗଡ଼ ଫେରୁଥିବାବେଳେ ସ୍ଥାନୀୟ ବରଗଡ଼-ଭଟଲି ରାସ୍ତାର ଫୋରଲେନ ଓଭରବ୍ରିଜ ନିକଟ ରୋଡ୍ ଡିଭାଇଡରରେ କାର୍‌ଟି ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ କାର୍‌ର ସମ୍ମୁଖ ଭାଗ ଚୂରମାର ହୋଇଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଭିତରୁ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ସୌରଭ, ଲୁସେନେରୀ ଏବଂ ଜ୍ଞାନରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।



କାମାକ୍ଷାନଗର: ଡାକ୍ତରଖାନାରେ ମୃତବ୍ୟକ୍ତିଙ୍କ ପରିବାରବର୍ଗ।

# ଭାଇ ଭାଉଜଙ୍କୁ ଅପମାନିତ କରୁଥିବାରୁ ନେଇଥିଲେ ପ୍ରତିଶୋଧ

**ଶୈଳଶ୍ରୀବିହାରରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣା**

- ୫ ଦିନ ପରେ ରହସ୍ୟ ଉନ୍ମୋଚନ
- ଗଞ୍ଜାମରୁ ଅଭିଯୁକ୍ତ ଶ୍ରମିକ ଗିରଫ


ଅଭିଯୁକ୍ତ ଶଙ୍କର

ଭୁବନେଶ୍ୱର,୧୭।୧୦(ସତ୍ୟଜିତ ରାଉତ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ପାୱାର ଗ୍ରୀଡ୍ ସବ୍‌ଷ୍ଟେଶନ ପଛପାର୍ଶ୍ୱରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣାର ୫ଦିନ ପରେ ରହସ୍ୟ ଉନ୍ମୋଚନ କରିଛି କମିଶନରେଟ୍ ପୋଲିସ। ମୃତ ଯୁବକ ଜଣକ କେନ୍ଦୁଝର ଜିଲା ବାଂଶପାଳ ଥାନା ଅନ୍ତର୍ଗତ କଡ଼ଖସଡ଼ା ଗ୍ରାମର ଅଜୁ ଓରଫ ଅନାଦି ଦେହୁରି ହୋଇଥିବାବେଳେ ସେ ନୀଳାଦ୍ରିବିହାର ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିଲେ। ତେବେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗଞ୍ଜାମରୁ ଗିରଫ କରିଛି। ସେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଗୁଜୁରାଳି ଗ୍ରାମର ଶଙ୍କର ନାୟକ ଓରଫ ଶଙ୍କର ବେହେରା (୨୦)। ସେ ମଧ୍ୟ ଜଣେ ଶ୍ରମିକ। ତେବେ ଶଙ୍କରଙ୍କ ଭାଇ ଓ ଭାଉଜଙ୍କୁ ଅଜୁ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରୁଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ଅଜୁଙ୍କୁ ଶଙ୍କର ହତ୍ୟା କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତ ଶଙ୍କରଙ୍କୁ ଶୁକ୍ରବାର କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ନୀଳାଦ୍ରିବିହାର ଅଞ୍ଚଳର ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ମୃତ ଅଜୁ ଶ୍ରମିକ ଭାବେ କାମ କରୁଥିଲେ। ଅଭିଯୁକ୍ତ ଶଙ୍କର ଓ ତାଙ୍କ ଭାଇ ପଞ୍ଚାନନ ବେହେରା ଏବଂ ଭାଉଜ ମଧ୍ୟ ସେଠାରେ କାମ କରୁଥିଲେ। ଅଜୁ ଅଧିକାଂଶ ସମୟରେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ପଞ୍ଚାନନ ଓ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରି ଅପମାନିତ କରୁଥିଲେ। ଏଥିପାଇଁ ଅଜୁଙ୍କୁ ହତ୍ୟା କରିବାକୁ ଶଙ୍କର ଯୋଜନା କରିଥିଲେ। ଅକ୍ଟୋବର ୧୨ ରବିବାର ସନ୍ଧ୍ୟାରେ ମଦ ପିଇବାକୁ ଅଜୁଙ୍କୁ ଶଙ୍କର ପିତୁକୋଳି ବସ୍ତିକୁ ଡାକି ନେଇଥିଲେ। ଉଭୟ ସେଠାରେ ପ୍ରବଳ ଦେଶୀମଦ ପିଇ ରାତି ପ୍ରାୟ ୧୦ଟା ୩୦ରେ ଫେରିଥିଲେ। ବାଟରେ ଅଜୁ ନିଶାସକ୍ତ ଅବସ୍ଥାରେ ପଡିଯାଇଥିଲେ। ଅନ୍ଧାରର ସୁଯୋଗ ନେଇ ଶଙ୍କର ଏକ ବଡ଼ପଥର ଆଣି ଅଜୁଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଏହାପରେ ସେ ତାଙ୍କ ଭାଇ ଓ ଭାଉଜଙ୍କୁ ଘଟଣା ବିଷୟରେ କହିଥିଲେ। ସେମାନେ ସମସ୍ତେ ଭୟଭୀତ ହୋଇ ରାତ୍ରିକାଳୀନ ବସ୍‌ରେ ଗଞ୍ଜାମ ଚାଲିଯାଇଥିଲେ। ୧୩ ତାରିଖ ସୋମବାର ସକାଳେ ସ୍ଥାନୀୟ ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ଅଜୁଙ୍କ ମୁହଁ କ୍ଷତବିକ୍ଷତ ହୋଇଯାଇଥିବାରୁ କେହି ଚିହ୍ନି ପାରି ନ ଥିଲେ। ତେବେ ସ୍ଥାନୀୟ ୭ ନମ୍ବର କର୍ପୋରେଟର ଯଶୋଧାରା ପ୍ରଧାନଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (ନଂ.୬୩୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରିଚୟ ପାଇବାକୁ ପୋଲିସ ପୋଷ୍ଟର ମଧ୍ୟ ଜାରି କରିଥିଲା।

## ଅଭିଯୁକ୍ତଙ୍କୁ ଧରାଇଦେଲା ଚପଲ

ହତ୍ୟାକାଣ୍ଡ ଘଟାଇ ଶଙ୍କର ତରବରରେ ଚପଲ ଓ ରକ୍ତଲଗା ଶାର୍ଟକୁ ଛାଡି ଚାଲିଯାଇଥିଲେ। ତଦନ୍ତ ସମୟରେ ପୋଲିସ ସେଠାରୁ ଉକ୍ତ ଶାର୍ଟ ଓ ପଟେ ଚପଲ ଜବତ କରିଥିଲା। ଅଧିକ ଖୋଜାଖୋଜି କରିବା ପରେ କିଛିଦୂରରୁ ଆଉ ପଟେ ଚପଲ ମଧ୍ୟ ମିଳିଥିଲା। ତେବେ ଉକ୍ତ ଚପଲକୁ ପୋଲିସ ସ୍ଥାନୀୟ ଅଞ୍ଚଳରେ ଦେଖାଇବା ପରେ ତାହା ଶଙ୍କରଙ୍କର ବୋଲି ଶ୍ରମିକମାନେ କହିଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚରୁ ଶଙ୍କର ଓ ଅଜୁଙ୍କ ଯିବାଆସିବାର ପ୍ରମାଣ ମିଳିଥିଲା। ତେବେ ଶଙ୍କର ଧରାପଡ଼ିବା ପରେ ପୋଲିସକୁ ପୂରା ଘଟଣା କହିଥିଲେ।

## ପୋଖରୀରୁ ମୃତଦେହ ଉଦ୍ଧାର ଘଟଣାରେ ୩ ଗିରଫ

ମାଲକାନଗିରି,୧୭।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଥିଲି ଥାନା କତାପାଲ୍ଲୀ ପଞ୍ଚାୟତ ବଡାଗୁଡା ଗ୍ରାମ ନିକଟ କ୍ରସର ନିକଟ ଏକ ପୋଖରୀରୁ ଉଦ୍ଧାର ହୋଇଥିବା ମୃତଦେହ ଘଟଣାରେ ୩ଜଣଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିନୋଦ କୁମାର, ଶଙ୍କର ଇଣ୍ଡିଆ, ସାଗର ସୁନାମ ଓ ମନୋଜ ଗୌଡ଼। ସୂଚନାନୁଯାୟୀ, ବଡ଼ାଗୁଡ଼ା ଗାଁ ନିକଟ ଏକ ପୋଖରୀରୁ ୧୫ ଦିନ ତଳେ ଏକ ମୃତଦେହ ଜବତ ହୋଇଥିଲା। ଏହା ରେଙ୍ଗାବେଡା ଗ୍ରାମର ବିଜୟ ନାୟକଙ୍କ ପୁଅ ବିଷ୍ଣୁଙ୍କର ବୋଲି ଚିହ୍ନଟ ହୋଇଥିଲା। ଏ ନେଇ ବିଷ୍ଣୁଙ୍କ ପରିବାର ଲୋକେ ମାଥିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଏହାକୁ ଭିତ୍ତି କରି ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ମାଥିଲି ଥାନାଧିକାରୀ ଦିପାଳୀ ପ୍ରଧାନ ସୂଚନା ଦେଇଛନ୍ତି। ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ ନେଇ ହତ୍ୟା କରାଯାଇଥିବା ପୋଲିସ ସୂଚନା ଦେଇଛି। ୩ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ପରିତ୍ୟକ୍ତ ଘରୁ ମିଳିଲା ୫ ବର୍ଷର ଶିଶୁ ମୃତଦେହ

**ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ**

ନବରଙ୍ଗପୁର/ପାପଡ଼ାହାଣ୍ଡି, ୧୭।୧୦
(ସଦାଶିବ ପ୍ରହରାଜ/ ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଅଧୀନ ତେନ୍ତୁଳିଖୁଣ୍ଟି ବ୍ଲକ୍ କୃଷ୍ଣଗୁଡ଼ା ଗାଁର ଏକ ପରିତ୍ୟକ୍ତ ଘରୁ ଜଣେ ୫ ବର୍ଷର ଶିଶୁଙ୍କ ମୃତଦେହ ମିଳିଛି। ଏହି ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ପୋଲିସ ଜଣେ ୧୪ ବର୍ଷର ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତକ ହେଲେ ଶିବ ମହୁରିଆଙ୍କ ୫ ବର୍ଷର ପୁଅ ମଜେଶ। ମୃତଦେହର ବେକରେ କଳାଦାଗ ଓ ଦେହରେ କ୍ଷତ ଚିହ୍ନ ରହିଛି। ଘଟଣାସ୍ଥଳରେ ଏକ କତୁରି ପଡ଼ିଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ମୃତକଙ୍କ ବାପା ଶିବଙ୍କ ଅଭିଯୋଗ ଅନୁଯାୟୀ, ସକାଳ ୯ଟାରେ ମଜେଶ ନିଖୋଜ ହୋଇଯାଇଥିଲେ। ଗାଁ ସାରା ଖୋଜାଖୋଜି କରିବା ପରେ ମଧ୍ୟ ସେ ମିଳି ନ ଥିଲେ। ଘର ପାଖ ସମ୍ପର୍କୀୟଙ୍କ ଏକ ପରିତ୍ୟକ୍ତ ବଖରାରେ ମଧ୍ୟ ସେମାନେ ଖୋଜାଖୋଜି କରିବାକୁ ଯାଇଥିଲେ। ଘରଟି ଅନ୍ଧାର ଥିବାରୁ ମୋବାଇଲ ଲାଇଟ୍ ଲଗାଇ ଦେଖିବାବେଳକୁ ୧୪ ବର୍ଷର ନାବାଳକ ଜଣଙ୍କ ସେଠାରେ ଥିଲେ। ସେମାନଙ୍କୁ ଦେଖି ନାବାଳକ ଜଣଙ୍କ ସେଠାରୁ ଚାଲିଯାଇ ଘରର ଏକ ବଖରାରେ ପଶି ଭିତରୁ କବାଟ ଦେଇଥିଲେ। ଉକ୍ତ ପରିତ୍ୟକ୍ତ କୋଠରିରୁ ମଜେଶଙ୍କ ମୃତଦେହ ମିଳିଥିଲା। ମୃତଦେହ ଉପରେ ପଲିଥିନ୍ ପଡ଼ିଥିବାବେଳେ ପାଖରେ ଏକ କତୁରି ଥିଲା। ନାବାଳକ ଜଣଙ୍କ ହିଁ ଶିଶୁପୁତ୍ରଙ୍କୁ ହତ୍ୟା କରିଥିବା ମଜେଶଙ୍କ ମା' ବାପା ଅଭିଯୋଗ କରିଛନ୍ତି। କିଛିଦିନ ତଳେ ଶିବଙ୍କର ୪ହଜାର ଟଙ୍କା ଖେଳ ପଡ଼ିଆ ନିକଟରେ ପଡ଼ିଯାଇଥିଲା। ସେହି ଟଙ୍କାକୁ ନାବାଳକ ଜଣକ ନେଇଯାଇଥିବା ଶିବ ସନ୍ଦେହ କରିବାରୁ ୨ ପରିବାର ମଧ୍ୟରେ ତିକ୍ତତା ବଢ଼ିଯାଇଥିଲା। ଏଥିସହ ଶିଶୁ ମଜେଶ ଓ ନାବାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହା ହତ୍ୟାକାଣ୍ଡର କାରଣ ହୋଇପାରେ ବୋଲି ଗ୍ରାମବାସୀ କହିଛନ୍ତି। ହତ୍ୟାକାରୀ କିଏ ତାହା ଜଣାପଡ଼ିନାହିଁ। ପୋଲିସ ସମସ୍ତ ଦିଗକୁ ନେଇ ଯାଞ୍ଚ କରୁଛି ବୋଲି ଏସ୍‌ଡିପିଓ ସତ୍ୟଜିତ କଣ୍ଡେଲକର କହିଛନ୍ତି। ଥାନାଧିକାରୀ ଦୀପକ ଜେନାଙ୍କୁ ପଚାରିବାରୁ ଶିବଙ୍କ ହଜିଯାଇଥିବା ୪ହଜାର ଟଙ୍କାକୁ ନେଇ ୨ଜଣଙ୍କ ମଧ୍ୟରେ ଗଣ୍ଡଗୋଳରୁ ହତ୍ୟା ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ତେବେ ସାଇଟିଫିକ୍ ଟିମ୍‌ର ତଦନ୍ତ ଓ ବ୍ୟବଚ୍ଛେଦ ପରେ ହିଁ ସବୁ ସ୍ପଷ୍ଟ ହେବ। ନାବାଳକଙ୍କ ସମ୍ପୃକ୍ତି ସନ୍ଦେହ ଥିବାରୁ ଜୁଭେନାଇଲ ଆଇନ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କହିଥିବା ସେ କହିଛନ୍ତି।

## ମୋବାଇଲ ଦେଖାଇବା ବାହାନାରେ ଶିଶୁକନ୍ୟାଙ୍କୁ ବଳାତ୍କାର

**ଦୋଷୀଙ୍କୁ ୨୦ବର୍ଷ ଜେଲ**

କେନ୍ଦୁଝର, ୧୭।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ମୋବାଇଲ ଦେଖାଇବା ବାହାନାରେ ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲାର ବିଚାର କରି ଶୁକ୍ରବାର କେନ୍ଦୁଝର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ମୋନାଲିସା ମହାନ୍ତି ଅଭିଯୁକ୍ତ ସଚିନ ଓରାମଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୨୦ବର୍ଷ ଜେଲଦଣ୍ଡ ସହ ୨ହଜାର ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହିତ କୋର୍ଟ ପୀଡ଼ିତା ଶିଶୁକନ୍ୟାଙ୍କୁ ୧୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ରାୟରେ ଉଲ୍ଲେଖ କରିଛନ୍ତି।

କେନ୍ଦୁଝର ଜିଲା ରୁଗୁଡି ଥାନା ଅଞ୍ଚଳରେ ୨୦୨୨ ଅକ୍ଟୋବର ୩୧ରେ ପୀଡ଼ିତା ଶିଶୁକନ୍ୟା ଏବଂ ଅଭିଯୁକ୍ତ ସଚିନଙ୍କ ପୁଅ ଅଗଣାରେ ସାଙ୍ଗ ହୋଇ ଖେଳୁଥିଲେ। ଏହି ସମୟରେ ଶିଶୁକନ୍ୟାଙ୍କୁ ମୋବାଇଲ ଦେଖାଇବା ବାହାନାରେ ସଚିନ ଘର ଭିତରକୁ ଡାକି ନେଇ ବଳାତ୍କାର କରିଥିବା ରୁଗୁଡ଼ି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତ ସଚିନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

**ଜମି ଦଖଲକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣା**

# ୨ ଗାଁର ୧୮ ଜେଲଗଲେ

ଦିଗପହଣ୍ଡି/ପାଟପୁର,୧୭।୧୦
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)


ସିଙ୍ଗପୁର ଗ୍ରାମର ୧୦ ଅଭିଯୁକ୍ତ।


ରତ୍ନମଣିପୁର ଗ୍ରାମର ୮ ଅଭିଯୁକ୍ତ।

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ପଞ୍ଚାୟତ ରତ୍ନମଣିପୁର ମୌଜା ରାସ୍ତାକଡରେ ଥିବା ପଞ୍ଚାୟତର ବେବର୍ତ୍ତା ପୋଖରୀ ସଂଲଗ୍ନ ଜମି ଦଖଲକୁ ନେଇ ଗୁରୁବାର ସିଙ୍ଗପୁର ଏବଂ ରତ୍ନମଣିପୁର ଗ୍ରାମବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ବିବାଦୀୟ ଜମିରେ ସିମେଣ୍ଟ ପାଚେରି, ଅସ୍ଥାୟୀ ଟେଣ୍ଟ, ଯଜ୍ଞଶାଳାକୁ ସିଙ୍ଗପୁର ଗ୍ରାମର ଲୋକେ ଭଙ୍ଗାରୁଜା କରିଥିଲେ। ପରେ ଗଣ୍ଡଗୋଳ ଯୋଗୁ ଉଭୟ ଗ୍ରାମର ଏକାଧିକ ବ୍ୟକ୍ତି ଆହତ ହୋଇଥିଲେ। ଏ ନେଇ ଉଭୟ ପକ୍ଷ ପାଟପୁର ଥାନାରେ ଏତଲା ଦେଇଥିଲେ। ତହସିଲଦାର ମଧ୍ୟ ଏକ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ପୃଥକ ୩ ମାମଲା (ନଂ. ୪୬୭,୪୬୮ ଓ ୪୬୯/୨୫) ରୁଜୁ କରି ସିଙ୍ଗପୁରର ୧୦ ଏବଂ ରତ୍ନମଣିପୁର ଗ୍ରାମର ୮ ଏହିଭଳି ମୋଟ ୧୮ ଜଣଙ୍କୁ ଗିରଫ ସହ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପଞ୍ଚାୟତ ଜମିକୁ ଦଖଲମୁକ୍ତ କରିବା ଦାବି ନେଇ ସିଙ୍ଗପୁର ଗ୍ରାମର ବହୁ ଲୋକ ଗୁରୁବାର ପୂର୍ବାହ୍ନରେ ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଉକ୍ତ ବିବାଦୀୟ ଜମିକୁ ଖୁବ୍‌ଶୀଘ୍ର ଦଖଲମୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀ ଫେରିଯାଇ ଅପରାହ୍ନରେ ଉକ୍ତ ବିବାଦୀୟ ଜମିରେ ରତ୍ନମଣିପୁର ଗ୍ରାମବାସୀ କରିଥିବା ସିମେଣ୍ଟ ପାଚେରି ଇତ୍ୟାଦି ପୋଲିସ ଉପସ୍ଥିତିରେ ଭଙ୍ଗାରୁଜା କରିଥିଲେ। ରତ୍ନମଣିପୁର ଗ୍ରାମର କେତେଜଣ ଏହାର ପ୍ରତିବାଦ କରିବାରୁ ଉଭୟ ପକ୍ଷ ମଧ୍ୟରେ ଟେକାପଥର ମାଡ଼ ହୋଇଥିଲା। ପରେ ଡେଙ୍ଗାଓସ୍ତା ଗ୍ରାମ ଛକରେ ଉଭୟ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ପୋଲିସ ବୁଝାଶୁଝା କରିବାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଅଧିକ ଗଣ୍ଡଗୋଳ ଆଶଙ୍କାରେ ସନ୍ଧ୍ୟାରେ ଉକ୍ତ ସ୍ଥାନରେ ବିଏନ୍‌ଏସ୍ ୧୬୩ ଲାଗୁ କରାଯାଇଛି।

## Business

# ଗହଣା ବଜାର ଚଳଚଞ୍ଚଳ

**ଆଜି ଧନ୍‌ତେରସ୍**



ଭୁବନେଶ୍ୱର,୧୭।୧୦(ଅନୁରାଧା ମହାରଣା)

ଧନ୍‌ତେରସ୍ ଅବସରରେ ସୁନା, ରୁପା ଆଦି ଧାତୁ କିଣିବା ଶୁଭଙ୍କର ବୋଲି ଅନେକେ ବିଚାରକରନ୍ତି। ତେଣୁ ଗହଣା କିଣିବା ପାଇଁ ଧନ୍‌ତେରସ୍ ଉତ୍କୃଷ୍ଟ ସମୟ ହୋଇଥାଏ। ଅନ୍ୟପଟେ ସୁନା ଦରରେ ଅହେତୁକ ବୃଦ୍ଧି କାରଣରୁ ଗ୍ରାହକ ଅଳଙ୍କାର କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଅଳଙ୍କାର ପ୍ରତିଷ୍ଠାନ ବଢ଼ିଚାଲିଥିବାବେଳେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଓ ପୁରସ୍କାର ଘୋଷଣା କରାଯାଇଛି। ଗ୍ରାହକଙ୍କ ରୁଚିକୁ ଦୃଷ୍ଟିରେ ରଖି ଭଳିକି ଭଳି ଆକର୍ଷଣୀୟ ଡିଜାଇନର ଗହଣା ଉପଲବ୍ଧ କରାଯାଉଛି। ଧନ୍‌ତେରସ୍ ଦିନକ ପୂର୍ବରୁ ଗହଣା ଶୋ'ରୁମ୍‌ରେ ପ୍ରବଳ ଗହଳି ଦେଖିବାକୁ ମଧ୍ୟ ମିଳିଛି। ତେବେ ଅନେକ ଲୋକ ବୁକିଂ କରୁଥିବାବେଳେ କେତେକେ ବଜେଟ ଆଧାରରେ ମନଲାଖି ଗହଣା ପାଇପାରୁ ନ ଥିବାରୁ ସେମାନଙ୍କ ମଧ୍ୟରେ ନିରାଶ ଭାବ ଦେଖିବାକୁ ମିଳୁଛି। ଗୁରୁବାର ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପ୍ରତି ୧,୨୯,୪୪୯ ଟଙ୍କା ଥିବାବେଳେ ଏଥିରେ ୩୩୩୦ଟଙ୍କା ବୃଦ୍ଧି ପାଇଁ ଶୁକ୍ରବାର ଏହା ୧,୩୨,୭୭୦ଟଙ୍କା ହୋଇଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ୧୦ଗ୍ରାମ ପ୍ରତି ଗୁରୁବାର ୧,୧୮,୬୫୦ ଟଙ୍କାରୁ ୩,୦୫୦ଟଙ୍କା ବୃଦ୍ଧି ପାଇ ୧,୨୧,୭୦୦ଟଙ୍କାରେ ପହଞ୍ଚିଛି। ୧୮ କ୍ୟାରେଟ୍ ସୁନା ଦର ୯୭,୦୮୦ଟଙ୍କାରୁ ୨୫୦୦ଟଙ୍କା ବୃଦ୍ଧି ପାଇ ୯୯,୫୮୦ଟଙ୍କାରେ ପହଞ୍ଚିଛି। ମାତ୍ର ରୁପା ଦର ସାମାନ୍ୟ ହ୍ରାସ ହୋଇଛି। ଗୁରୁବାର ରୁପା କେଜି ପ୍ରତି ୨,୦୬,୦୦୦ଟଙ୍କା ଥିବାବେଳେ ଶୁକ୍ରବାର ୩୦୦୦ ଟଙ୍କା ହ୍ରାସ ପାଇ ୨,୦୩,୦୦୦ଟଙ୍କା ହୋଇଛି। ପ୍ଲାଟିନମ୍ ଦରରେ ମଧ୍ୟ ବୃଦ୍ଧି ହୋଇଛି। ଗୁରୁବାର ପ୍ଲାଟିନମ୍ ଦର ୪୬,୮୫୦ଟଙ୍କାରୁ ୧,୩୫୦ ବୃଦ୍ଧି ପାଇ ୪୮,୨୦୦ଟଙ୍କାରେ ପହଞ୍ଚିଛି।

| ବର୍ଷ | ସୁନା ଦର (ଟଙ୍କାରେ) |
|---|---|
| ଅକ୍ଟୋବର ୧୮, ୨୦୨୪ | ୭୭,୯୦୦ |
| ଅକ୍ଟୋବର ୧୮, ୨୦୨୩ | ୬୦,୧୮୦ |
| ଅକ୍ଟୋବର ୧୮, ୨୦୨୨ | ୫୦,୫୨୦ |
| ଅକ୍ଟୋବର ୧୮, ୨୦୨୧ | ୪୮,୪୧୦ |
| ଅକ୍ଟୋବର ୧୮, ୨୦୨୦ | ୫୨,୧୦୦ |



"ଧନ୍‌ତେରସ୍‌ରେ ସୁନା କିଣିଲେ ଘରକୁ ଲକ୍ଷ୍ମୀଙ୍କ ଆଗମନ ହୁଏ ବୋଲି ବିଶ୍ୱାସ ରହିଛି । ତେଣୁ ପ୍ରତିବର୍ଷ କିଛି ନା କିଛି ସୁନା ଅଳଙ୍କାର କିଣିଥାଏ। ମାତ୍ର ଗତ କିଛିଦିନ ଧରି ସୁନାର ଅହେତୁକ ଦର ବୃଦ୍ଧି ଚିନ୍ତା ବଢ଼ାଇଛି । ଏଥର ସୁନା କିଣିବି ନାହିଁ ବୋଲି ଭାବିଛି।
– ଅର୍ଚ୍ଚନା ବେହେରା, ଗୃହିଣୀ, ପୁରୀ



"ଆଗକୁ ବାହାଘର ଅଛି। ଯେତେ ଦାମ୍ ବଢ଼ିଲେ ବି ସେତେବେଳେ ସୁନା କିଣିବାକୁ ପଡ଼ିବ। ତେଣୁ ଆଗୁଆ ଧନ୍‌ତେରସ୍ ଅବସରରେ ସୁନା କିଣିବାକୁ ଚିନ୍ତାକରିଛି। ଅଧିକ ପରିମାଣର କିଣିବା ସମ୍ଭବ ନୁହେଁ, ତେଣୁ ଯେଉଁ ବଜେଟ ସ୍ଥିର କରିଛି ସେତିକିରେ ଯାହା କିଛି ହେଲା କିଣିନେବି।
– ଉତ୍କଳ କେଶରୀ ସାମଲ, କର୍ମଜୀବୀ, ଭଦ୍ରକ



"ଚଳିତବର୍ଷ ସୁନା ଦର ଖୁବ୍ ଅଧିକ ବୃଦ୍ଧି ପାଇଥିବାରୁ ଆମ ଭଳି ମଧ୍ୟବିତ୍ତ ପରିବାର ପାଇଁ ସୁନା କିଣିବା କଷ୍ଟକର। ଭାବିଥିଲି ଧନ୍‌ତେରସ୍‌ରେ କାନଫୁଲ ହଲେ କିଣିବି। ମାତ୍ର ଇଚ୍ଛା ଥିଲେ ବି କିଣି ହେବନି। ରୁପା ଦର ମଧ୍ୟ ବଢ଼ିଛି। ତଥାପି ବିଧି ରକ୍ଷା ପାଇଁ ରୁପାର କିଛି ଗହଣା କିଣିନେବି।
– ଆଶାଲତା ବାରିକ, ଗୃହିଣୀ, ଝାରସୁଗୁଡ଼ା

## ଓଡ଼ିଆ ସଂସ୍କୃତି, ପରମ୍ପରାକୁ ଅରୁନ୍ଧତୀର ଗୁରୁତ୍ୱ



ଭୁବନେଶ୍ୱର,୧୭।୧୦(ଅନୁରାଧା ମହାରଣା)

ଅରୁନ୍ଧତୀ ଜୁଏଲର୍ସ ୨୫ ବର୍ଷ ପୂର୍ତ୍ତି ନେଇ ଉତ୍ସବ ପାଳନ କରୁଥିବାବେଳେ ଏକ ନୂତନ ଟେଲିଭିଜନ ବିଜ୍ଞାପନ ଶୁକ୍ରବାର ଉନ୍ମୋଚନ କରାଯାଇଛି। ଏହି ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି, ସର୍ବଶ୍ରେଷ୍ଠ ଗ୍ରାହକ ସେବା ସହ ନିରନ୍ତର ଭାବରେ ସେହି ଶୁଦ୍ଧତା ଓ ସ୍ୱଚ୍ଛତାଭରା ସାଲିସବିହୀନ ଯାତ୍ରା କେବଳ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ବିଶ୍ୱାସ ଭରସା ଯୋଗୁ ସମ୍ଭବ ହୋଇପାରିଛି। ପବିତ୍ର ଧନ୍‌ତେରସ୍ ଆଉ ଦୀପାବଳି ଭଳି ଆଲୋକର ପର୍ବକୁ ପ୍ରାଧାନ୍ୟ ଦିଆଯାଇ ଅରୁନ୍ଧତୀ ଜୁଏଲର୍ସ ଓଡ଼ିଶାର ସଂସ୍କୃତିର ଗରିମାକୁ ଏକ ସୁନ୍ଦର ବିଜ୍ଞାପନ ମାଧ୍ୟମରେ ସମ୍ପୂର୍ଣ୍ଣ ଓଡ଼ିଶାର କଳା, ସଂସ୍କୃତି, ପର୍ବପର୍ବାଣି ଏବଂ ଐତିହାସିକ ପରମ୍ପରାକୁ ଦର୍ଶାଇବାକୁ ଚେଷ୍ଟା କରାଯାଇଛି। ଧନ୍‌ତେରସ୍ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଆକର୍ଷଣୀୟ ନୂତନ ଡିଜାଇନ ପ୍ରସ୍ତୁତ କରାଯିବା ସହ ସ୍ୱତନ୍ତ୍ର ଅଫର ରଖାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ରହିଛି। ସୁନାଗହଣାର ଗଢ଼ା ମଜୁରିରେ ଅପ୍ ଟୁ ଫ୍ଲାଟ୍ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ହୀରା ଗହଣା କ୍ରୟରେ ୨୦ ହଜାର ଟଙ୍କା ରିହାତି ପ୍ରତି କ୍ୟାରେଟ ହୀରା ମୂଲ୍ୟ ଉପରେ ପାଇବା ସହ ମାଗଣା ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଉଛି। ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଉପରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍ ବ୍ୟାକ୍ ପାଇପାରିବେ।

## ନବରତ୍ନ ଜୁଏଲର୍ସର ଲକ୍ଷପତି ଅଫର

ଭଦ୍ରକ,୧୭।୧୦ (ସନାତନ ରାଉତ)




ଭଦ୍ରକ ସହରର କଚେରି ବଜାରଠାରେ ଥିବା 'ନବରତ୍ନ ଜୁଏଲର୍ସ'ରେ ଧନ୍‌ତେରସ୍ ଓ ଦୀପାବଳି ପାଇଁ ଅଳଙ୍କାରର ବିଶେଷ ସମ୍ଭାର ରହିଛି। ଚଳିତବର୍ଷ ଧନ୍‌ତେରସ୍‌ଠାରୁ ସ୍ୱର୍ଣ୍ଣ ନିବେଶ ଯୋଜନା ଓ ଲକ୍ଷପତି ଅଫର ଆରମ୍ଭ ହେବ। ୨୫ ହଜାର ଟଙ୍କାର ଅଳଙ୍କାର କ୍ରୟ ଉପରେ ଲକ୍ଷପତି କୁପନ ଗ୍ରାହକମାନଙ୍କୁ ବର୍ଷରେ ୨ଥର ପ୍ରଦାନ କରାଯିବ। ସୁନା ଅଳଙ୍କାର କ୍ରୟ ଉପରେ ୫ ହଜାର ଟଙ୍କା ରିହାତି, ରୁପା ଅଳଙ୍କାରରେ ୫୦ ପ୍ରତିଶତ ଗଢ଼ା ମଜୁରି ରିହାତି ଓ ହୀରା ଅଳଙ୍କାର କ୍ରୟ ଉପରେ ୫ ପ୍ରତିଶତ ରିହାତି ପ୍ରଦାନ କରାଯିବ ବୋଲି ପ୍ରତିଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି। ଏଠାରେ ହଲ୍‌ମାର୍କ ସୁନା ଅଳଙ୍କାର ସହ ହୀରା, ପ୍ଲାଟିନମ୍, ରୁପା, ଜେମ୍‌ସ ଷ୍ଟୋନ ଆଦି ଉପଲବ୍ଧ। ବମ୍ବେ, ଦିଲ୍ଲୀ, ରାଜକୋଟ, କୋଲକାତା ଓ ଦକ୍ଷିଣ ଭାରତର ଗହଣା ସହ ଇଟାଲିଆନ, ତୁର୍କୀ, ସିଙ୍ଗାପୁର ଗହଣା ମଧ୍ୟ ରହିଛି। 'ନବରତ୍ନ ଜୁଏଲର୍ସ'ରେ ସବୁ ସମୟରେ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନାଗହଣା, ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ ମିଟର, ବାଏବ୍ୟାକ୍ ଗ୍ୟାରେଣ୍ଟି ରହିଛି। 'କ୍ୱାଲିଟି ଆଉ ଡିଜାଇନ, ଆମର ଗ୍ୟାରେଣ୍ଟି' ସହ ଗ୍ରାହକମାନଙ୍କ ବିଶ୍ୱାସ, ଭରସା ଆମ ପାଇଁ ବଡ଼ ସମ୍ପଦ ବୋଲି ପରିଚାଳନା ନିର୍ଦ୍ଦେଶକ ସାହୁ କହିଛନ୍ତି।

## ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଏମ୍‌ଡିଙ୍କ କିରିପସିରା ପଞ୍ଚାୟତ ଗସ୍ତ

ଭୁବନେଶ୍ୱର,୧୭।୧୦



ଆଦିତ୍ୟ ବିର୍ଲା ଗ୍ରୁପ୍, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଅଧୀନ ମୀନାକ୍ଷୀ କୋଇଲା ଖଣିକୁ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସତୀଶ ପାଇ ପରିଦର୍ଶନ କରିଛନ୍ତି। ମୀନାକ୍ଷୀ ଖଣି ସାମାଜିକ ଦାୟିତ୍ୱବୋଧ ଅନ୍ତର୍ଗତ ସୁନ୍ଦରଗଡ଼ ଜିଲା କିରିପସିରା ପଞ୍ଚାୟତକୁ ପରିଦର୍ଶନ କରିଛନ୍ତି। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ କ୍ରମାଗତ ଭାବେ ବିଭିନ୍ନ ସାମାଜିକ ତଥା ମହିଳାଙ୍କ ଉନ୍ନତି ପାଇଁ କୌଶଳଭିତ୍ତିକ ଅର୍ଥନୈତିକ ଉନ୍ନତୀକରଣ ପାଇଁ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ତଦାରଖ ତଥା ନୂତନ ପ୍ରକଳ୍ପ ଶୁଭାରମ୍ଭ ପାଇଁ ସତୀଶ ଏହାର ଅନୁଧ୍ୟାନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ସ୍ତ୍ରୀ ଭାନଭିମୋନ ପାଇ, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଖଣି ଓ ସମ୍ବଲପୁର କ୍ଲଷ୍ଟର ବ୍ୟବସାୟ ମୁଖ୍ୟ କୈଳାସ ପାଣ୍ଡେ, ବକ୍ସାଇଟ ଓ କୋଇଲା ଅଧକ୍ଷ ବିଜେଶ ଝା ଓ କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ କୃଷ୍ଣା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ ବେଳେ ମୀନାକ୍ଷୀ କୋଇଲା ଖଣି ସିଏସ୍‌ଆର୍ ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସତୀଶ ଯୋଗଦେଇଥିଲେ। ସ୍ଥାନୀୟ ମହିଳାଙ୍କୁ ଆତ୍ମନିର୍ଭରଶୀଳ ପାଇଁ ଉଦ୍ଦିଷ୍ଟ ରେଶମ ହସ୍ତତନ୍ତ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରିବା ସହ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଡେସ୍କବେଞ୍ଚ ପ୍ରଦାନ କରିଥିଲେ । ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନରତ ଶିଶୁଙ୍କୁ ବ୍ୟାଗ୍ ପ୍ରଦାନ କରିଥିଲେ। ଏହାପରେ ଟିବି ରୋଗୀଙ୍କ ପରିବାର ବର୍ଗଙ୍କୁ ଖାଦ୍ୟପୁଡ଼ିଆ ବିତରଣ କରିଥିଲେ। ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷ କୁନ୍ତୀ ପ୍ରଧାନ ଓ କିରିପସିରା ସରପଞ୍ଚ ରେବତୀ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମ ମୀନାକ୍ଷୀ କୋଇଲା ଖଣି ସିଏସ୍‌ଆର୍ ବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ୟୁନିଟ୍ ମୁଖ୍ୟ ମୁକେଶ ଝା ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ଫାବ୍ ଇଣ୍ଡିଆର ଦୀପାବଳି କଲେକ୍ସନ 'ସ୍ୱର୍ଣ୍ଣିମ'

ଭୁବନେଶ୍ୱର,୧୭।୧୦(ଅନୁରାଧା ମହାରଣା)



ଫାବ୍ ଇଣ୍ଡିଆ ପକ୍ଷରୁ ଦୀପାବଳି ୨୦୨୫ କଲେକ୍ସନକୁ 'ସ୍ୱର୍ଣ୍ଣିମ'ର ଶୁଭାରମ୍ଭ କରାଯାଇଛି । ଫାବ୍ ଇଣ୍ଡିଆର ଏହି ନୂଆ କଲେକ୍ସନ ଭାରତୀୟ ହସ୍ତଶିଳ୍ପ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଥିରେ ହସ୍ତତନ୍ତ, ଆଧୁନିକ ସୌନ୍ଦର୍ଯ୍ୟ ଉପକରଣ ଓ ଡିଜାଇନର ପୋଷାକ ଉପଲବ୍ଧ ରହିଛି। ଏହି କଲେକ୍‌ସନ ବ୍ୟକ୍ତିଗତ ବ୍ୟବହାର ଏବଂ ଉପହାର ଦେବା ପାଇଁ ଉପଯୋଗୀ ହେବ। ଗାଢ଼ ବାଇଗଣୀ ଓ ନୀଳ ରଙ୍ଗରୁ ପ୍ରେରିତ ଡିଜାଇନ ହୋଇଥିବା ଏହି ସଂଗ୍ରହରେ ପାରମ୍ପରିକ ହସ୍ତଶିଳ୍ପ ଓ ଆଧୁନିକ ଡିଜାଇନର ମିଶ୍ରଣ ଦେଖିବାକୁ ମିଳିବ । ଯାହା ପାର୍ବଣ ସାଜସଜ୍ଜା ଓ ଉପହାର ପାଇଁ ଖୁବ୍ ଉପଯୁକ୍ତ। ମହିଳାମାନଙ୍କ ପାଇଁ କୁର୍ତ୍ତା, ଟ୍ୟୁନିକ୍ ଓ ରେଶମି ଶାଢ଼ି ଆଦି ଥିବାବେଳେ ପୁରୁଷମାନେ କୁର୍ତ୍ତା ଓ ଜାକେଟରେ ଏବଂ ଶିଶୁମାନଙ୍କ ପାଇଁ ସ୍କର୍ଟ ସେଟ୍, ଧୋତି-କୁର୍ତ୍ତା ସେଟ୍ ଆଦି ରହିଛି। ଫାବ୍ ଇଣ୍ଡିଆର ହସ୍ତତନ୍ତ ଜୋତା, ବ୍ୟାଗ୍, ଓ ଅଳଙ୍କାର ସହିତ ଗ୍ରାହକମାନଙ୍କର ପାର୍ବଣ ଲୁକ୍ ସମ୍ପୂର୍ଣ୍ଣ ହୋଇପାରିବ, ଯାହାକି ଷ୍ଟାଇଲ, ଉପହାର ଓ ଉତ୍ସବ ପାଇଁ ପ୍ରସ୍ତୁତ କରାଯାଇଛି।

# ନିୟମଗିରିରୁ 'ଦୁଆରେ ପ୍ରଶାସନ' କାର୍ଯ୍ୟକ୍ରମ ଶୁଭାରମ୍ଭ

**ପିଏମ୍ ଜନମନ ସହ ସମନ୍ୱିତ ଲକ୍ଷ୍ୟ ହାସଲ ନେଇ ଏକ ଅନନ୍ୟ ପ୍ରୟାସ**

ବିଷମକଟକ, ୧୭।୧୦ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ପ୍ରଶାସନ, ଓଡ଼ିଶାର ପ୍ରଥମକରି (ପିଭିଟିଜି) ବିଶେଷ ଭାବେ ପ୍ରଭାବିତ ଜନଜାତିଙ୍କ ନିମନ୍ତେ ଘର ପର୍ଯ୍ୟନ୍ତ ସେବା ପହଞ୍ଚାଇବା ଲକ୍ଷ୍ୟରେ ଶୁକ୍ରବାର 'ଦୁଆରେ ପ୍ରଶାସନ' କାର୍ଯ୍ୟକ୍ରମ ଆରମ୍ଭ କରିଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ଖେମୁଣ୍ଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଷମକଟକ ବ୍ଲକ୍ ନିୟମଗିରିର କୁର୍ଲି ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଉଦ୍‌ଘାଟନ କରିଛନ୍ତି। ବିଷମକଟକ ବିଡିଓ ଶିବ ପଟ୍ଟନାୟକ ଏବଂ ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀଙ୍କ ମିଳିତ ଉଦ୍ୟମରେ ନିୟମଗିର ଖମ୍ବେସୀ ଗ୍ରାମରୁ 'ଦୁଆରେ ପ୍ରଶାସନ' କାର୍ଯ୍ୟକ୍ରମର ପ୍ରୟୋଗ ଆରମ୍ଭ କରାଯାଇଛି। ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅଧୀନରେ ଥିବା ପିଭିଟିଜି ପଞ୍ଚାୟତ ଓ ସେଥିରେ ବସବାସ କରୁଥିବା ହିତାଧିକାରୀଙ୍କୁ ଘର ପର୍ଯ୍ୟନ୍ତ ପେନ୍‌ସନ ପହଞ୍ଚାଇବା ପ୍ରୟାସ କରାଯାଇଛି। ଏହା କେବଳ ପେନ୍‌ସନ ବିତରଣ ନୁହେଁ ବରଂ ଲୋକଙ୍କ ସହ ଓ ଲୋକଙ୍କ ପାଇଁ ପ୍ରଶାସନ ଓ ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ସେବା ପହଞ୍ଚାଇବାର ଏକ ଉଦ୍ୟମ ବୋଲି ଜିଲାପାଳ କହିଛନ୍ତି।

ପ୍ରକାଶଯେ, ଏନ୍‌ଏସ୍‌ଏଫ୍ ଯୋଜନା ଅଧୀନରେ ଡିବିଟି ମାଧ୍ୟମରେ ପେନ୍‌ସନ ରାଶି ସିଧାସଳଖ ହିତାଧିକାରୀଙ୍କ ଖାତାକୁ ଯାଉଛି। କିନ୍ତୁ ମଧୁବାବୁ ପେନ୍‌ସନ ଯୋଜନା ହିତାଧିକାରୀଙ୍କୁ ପଞ୍ଚାୟତ ଅଫିସ ଯାଇ ଟଙ୍କା ଆଣିବାକୁ ପଡୁଛି। ଅନେକ ସ୍ଥାନରେ ଦୁର୍ଗମ ପାହାଡ଼, ଜଙ୍ଗଲ ଅଞ୍ଚଳ ଦେଇ ମାଇଲ୍ ମାଇଲ୍ ଚାଲି ଆସିବାକୁ ହିତାଧିକାରୀ ବାଧ ହେଉଥିଲେ। ଏବେ କିନ୍ତୁ 'ଦୁଆରେ ପ୍ରଶାସନ' କାର୍ଯ୍ୟକ୍ରମ ମାଧ୍ୟମରେ କୁର୍ଲି ପଞ୍ଚାୟତର ପ୍ରାୟ ୫୨୦, କାଙ୍କୁବାଡ଼ିର ୩୭୧, ଚାଙ୍ଗଡାଗୁଡ଼ାର ୨୮୦ ଏବଂ ଡାଲିଆକୁଜି ପଞ୍ଚାୟତର ୨୮୪ ହିତାଧିକାରୀ ଲାଭବାନ ହେବେ ବୋଲି ବିଡିଓ ଶିବ ପଟ୍ଟନାୟକ କହିଛନ୍ତି। ଏହାକୁ ବାସ୍ତବତାରେ ପରିଣତ ପାଇଁ ସରପଞ୍ଚ ସୁବର୍ଦ୍ଦନୀ ୱାଡକା ଜିଲା ଓ ବ୍ଲକ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ବିଷମକଟକ ସାମାଜିକ ସୁରକ୍ଷା ଅଧିକାରୀ ମୁନା ତାଡିଙ୍ଗି, ଡିଇଓ ସର୍ବଜିତ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅତିଥିମାନେ।

# ଉନ୍ନୟନ କାର୍ଯ୍ୟର ସଫଳ ରୂପାୟନ ନେଇ ଆଲୋଚନା

**ମୁନିଗୁଡ଼ା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ**

ମୁନିଗୁଡ଼ା, ୧୭।୧୦ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ପଞ୍ଚାୟତ ସମିତି ସଦ୍‌ଭାବନା ସଭାଗୃହରେ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁନ୍ଦ୍ରୁକାଙ୍କ ସଭାପତିତ୍ୱ ଓ ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ଜିଲା ପରିଷଦ ସଭ୍ୟା ମାଧବୀ କନ୍ଦପାଣି, ବ୍ଲକ ଉପାଧ୍ୟକ୍ଷ ଆଦର୍ଶ କୁସୁଲିଆ, ଏମ୍‌ପିଙ୍କ ପ୍ରତିନିଧି ରଜନୀକାନ୍ତ ପଡାଲ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରା, ସହକାରୀ ଯନ୍ତ୍ରୀ ରମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମନୋରଞ୍ଜନ ବେହେରା ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ବିଡିଓ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର ଆଭିମୁଖ୍ୟ ଉପରେ ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କୁ ବୁଝାଇଥିଲେ। ପଞ୍ଚାୟତ ସମିତିର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବିଭିନ୍ନ ପଞ୍ଚାୟତ ନିମନ୍ତେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ଗୃହ ନିର୍ମାଣ,ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପେନଶନ, ପିଡିଏସ୍ ସାମଗ୍ରୀ ଉପରେ ଆଲୋଚନା କରାଯାଥିଲା। ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଘରଗୁଡ଼ିକର ଉନ୍ନତି ପାଇଁ ଗ୍ରାମସ୍ତରୀୟ ବୈଠକରେ ଯୋଗଦେବାକୁ ସମସ୍ତ ପିଆରଆଇ ସଦସ୍ୟଙ୍କୁ ଅନୁରୋଧ କରାଯାଇଛି। ଆଗାମୀ ଦିନରେ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ କିପରି ଠିକ୍‌ଭାବେ କାର୍ଯ୍ୟକାରୀ ହେବ ସେ ନେଇ ସମସ୍ତେ ଆଲୋଚନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟ ରେଞ୍ଜର ପ୍ରବୀନ ଦାସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ବ୍ଲକ ଏଇ ଅମ୍ବିକା ଦାସ, ସନ୍ଧ୍ୟାରାଣୀ ମଲ୍ଲିକ, ଅଭିଷେକ ମୁଦି, ସଙ୍ଗମ ନାୟକ, ଫରେଷ୍ଟର ପ୍ରମୋଦିନୀ ମଣ୍ଡାଙ୍ଗୀ, ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ କଳ୍ପନା ସାହୁ ପ୍ରମୁଖଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମନୋରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଅଧିକାରୀ ଓ ଜନ ପ୍ରତିନିଧି ଆଲୋଚନା କରୁଛନ୍ତି।

## ଘର ତିଆରି ପାଇଁ ଫାଉଣ୍ଡେଶନ ଖୋଳିବାବେଳେ ଦୁର୍ଘଟଣା

# ପଡ଼ିଶା ଘର ମାଟି କାନ୍ଥ ଭୁଶୁଡ଼ି ୨ ଗୁରୁତର

ପଦ୍ମପୁର, ୧୭।୧୦(ପ୍ରଶାନ୍ତ କୁମାର କର)

ଘର ପାଇଁ ଫାଉଣ୍ଡେଶନ ଗାତ ଖୋଳିବାବେଳେ ପାଖ ଘରର ମାଟି କାନ୍ଥ ଭୁଶୁଡ଼ିବାରୁ ଜଣଙ୍କର ଗୋଡ଼ ଭାଙ୍ଗି ଯାଇଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ଶୁକ୍ରବାର ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅଧୀନ ନୂଆଗଡ଼ ପଞ୍ଚାୟତ ଗୋଇବନ୍ଧ ଗ୍ରାମରେ ଏହି ଘଟଣା ଘଟିଛି। ସୂଚନାନୁଯାୟୀ, ଶୁକ୍ରବାର ଅପରାହ୍ନ ୪ଟାରେ ମାନଜା ମାଝୀ ଓ ରାଜେନ୍ଦ୍ର ମାଝୀ ନିଜ ଘର ପାଇଁ ଫାଉଣ୍ଡେସନ ଗାତ ଖୋଳିବା ସମୟରେ ପାଖ ଗୃହର ମାଟି କାନ୍ଥ ଭୁଶୁଡି ପଡ଼ିଥିଲା। ଏଥିରେ ମାନଜାଙ୍କ ବାମ ଗୋଡ଼ଟି ଭାଙ୍ଗିଯାଇଛି। ରାଜନ୍ଦ୍ର ସାମାନ୍ୟ ଆହତ ହୋଇଛନ୍ତି। ଗ୍ରାମବାସୀ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସାନ୍ତନୁ



ଜେନା ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ତେବେ ଉଭୟ ଗରିବ ମୂଲିଆ ଶ୍ରେଣିର ଲୋକ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

# ୯ହଜାର ଗଞ୍ଜେଇ ଗଛ ନଷ୍ଟକଲା ପୋଲିସ

**ଗଞ୍ଜେଇ ଚାଷ ନ କରିବାକୁ ଗ୍ରାମବାସୀଙ୍କୁ ସଚେତନ**

ଗୁଡାରି, ୧୭।୧୦(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ଥାନା ଅଧୀନ କରଲାଗୁଡ଼ି, ନୂଆ ଗ୍ରାହୀବନ୍ଧ ଓ ଗୁମି ଅଞ୍ଚଳରେ ପ୍ରାୟ ଗୋଟିଏ ଏକର ଜମିରେ ବେଆଇନ ଭାବେ ଚାଷ ହୋଇଥିବା ୯ହଜାର ଗଞ୍ଜେଇ ଗଛକୁ ସ୍ଥାନୀୟ ପୋଲିସ ନଷ୍ଟ କରିଛି। ରାୟଗଡ଼ା ଏସପି ସ୍ୱାଥୀ ଏସ୍. କୁମାରଙ୍କ ନିର୍ଦ୍ଦେଶ, ଗୁଣୁପୁର ଏସ୍‌ଡିପିଓ ବାବୁଲି ନାୟକଙ୍କ ଉପସ୍ଥିତି ଓ ଗୁଡାରି ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ଏହି ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଗୁଡାରି ପୋଲିସ, ସ୍ଥାନୀୟ ଅବକାରୀ ବିଭାଗ, ବନ ବିଭାଗ ଏବଂ ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସ ମିଳିତ ଭାବେ ଗଞ୍ଜେଇ ଗଛଗୁଡ଼ିକୁ ନଷ୍ଟ କରିଥିଲେ। ଏ ସଂକ୍ରାନ୍ତରେ ଗୁଡାରି ଥାନାରେ କେସ୍ ନମ୍ବର ୧୧୦, ୧୧୧ ଓ ୧୧୨ ରୁଜୁ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଗୁଡାରି ତହସିଲଦାର ତଥା ମାଜିଷ୍ଟ୍ରେଟ ଏ. ସ୍ନେହଲତା ଉପସ୍ଥିତ ଥିଲେ। ଏହାଛଡା କଦମା ପଞ୍ଚାୟତର ମଧୁକୁପୁଡ଼ା ଓ ସେକେରବାଜୁ ଗ୍ରାମରେ ଗଞ୍ଜେଇ ଚାଷ ନ କରିବା ପାଇଁ ଏକ ସଚେତନ କାର୍ଯ୍ୟକ୍ରମ କରାଯାଇଛି। ଗଞ୍ଜେଇ ବଦଳରେ ବିଭିନ୍ନ ପ୍ରକାର ଅର୍ଥକାରୀ ଫସଲ ଚାଷ କରିବା ପାଇଁ ଏସ୍‌ଡିପିଓ ବାବୁଲି ନାୟକ ପରାମର୍ଶ ଦେଇଥିଲେ। ଆବଶ୍ୟକ ସ୍ଥଳେ ସ୍ଥାନୀୟ ପ୍ରଶାସନର ସମସ୍ତ ସହଯୋଗ ନେଇପାରିବେ ବୋଲି ସେ କହିଥିଲେ।


ସେକେରେବାଜୁ ଗାଁରେ ଗଞ୍ଜେଇ ଚାଷ ନ କରିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଉଛି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ, ମୃତଦେହ ଛାଡ଼ି ୨ ଆହତ ଫେରାର

ବିଷମକଟକ, ୧୭।୧୦ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡା ଜିଲା ବିଷମକଟକ ସଦରରେ ଶୁକ୍ରବାର ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଆହତ ହୋଇଛନ୍ତି। ଆହତମାନେ ମୃତଦେହ ଛାଡ଼ି ପଳାଇଛନ୍ତି। ତେଣୁ ଖବରଲେଖାଯିବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ।

ଘଟଣାରୁ ପ୍ରକାଶ ଯେ ଶୁକ୍ରବାର ପ୍ରାତଃ ୪ଟାରେ ବିଷମକଟକ ମାଁ ମାର୍କମା ମହାବିଦ୍ୟାଳୟ ନିକଟରେ ଜଣେ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ନେଇ ସ୍ଥାନୀୟ ପୋଲିସ ଖବରପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପାରିପର୍ଶ୍ୱିକ ସ୍ଥିତିରୁ କୌଣସି ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ପୋଲିସ ସ୍ପଷ୍ଟ କରିଛି। ଯୁବକଙ୍କ ପରିଚୟ ମିଳିନାହିଁ। ଏହା ମଧ୍ୟରେ କେହି ଜଣେ ମୃତ ଏବଂ ଆହତ ଯୁବକମାନଙ୍କ ଭିଡିଓ କରି ପୋଲିସ୍‌କୁ ପଠାଇଥିଲା। ଭୋରରେ ୩ ଜଣ ଯୁବକ ବାଇକ୍‌ରେ ଯାଉଥିବାବେଳେ ଏକ ଗାଡ଼ିକୁ ଧକ୍କା ଦେଇଥିଲେ। ସେଥିର ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ୨ ଜଣ ଆହତ ଅବସ୍ଥାରେ ଘଟଣାସ୍ଥଳରୁ ପଳାଇଥିବା ଭିଡିଓରୁ ଜଣାପଡୁଛି। ସେମାନଙ୍କର ମଧ୍ୟ ଖବର ଲେଖାଯିବା ସୁଦ୍ଧା କୌଣସି ଖବର ମିଳିନାହିଁ। ଆହତମାନଙ୍କ ପତ୍ତା ମିଳିଲେ ମୃତକଙ୍କ ପରିଚୟ ମିଳିବ ବୋଲି ପୋଲିସ କହିଛି। ସେମାନଙ୍କୁ ଖୋଜାଚାଲିଥିବା ପୋଲିସ ସୂଚନା ଦେଇଛି। ବିଷମକଟକ ପୋଲିସ ମୃତଦେହକୁ ସଂରକ୍ଷଣ ଗୃହରେ ରଖିଛି।

# ୩ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ

ରାୟଗଡ଼ା, ୧୭।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ ଜେକେପୁର ବି.ସି.ରୋଡସ୍ଥିତ ଏକ ଔଷଧ ଦୋକାନରୁ ୧୫ ହଜାର ଟଙ୍କା ସହ ମୋବାଇଲ ଫୋନ ଚୋରି ମାମଲାରେ ୩ ଅଭିଯୁକ୍ତଙ୍କୁ ଶୁକ୍ରବାର ରାୟଗଡ଼ା ଏସଡିଜେଏମ ବର୍ଷା ଦାସ ୨ ବର୍ଷ ଲେଖାଏ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଥିଲେ। ଅନାଦେୟରେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ରାୟ ପ୍ରକାଶ ପାଇଛି। ମିଳିଥିବା ସୂଚନାନୁଯାୟୀ, ଗତ ୨୦୨୪ ଅକ୍ଟୋବର ୧୭ରେ ଚାନ୍ଦିଲି ଥାନା ଅଧୀନ ବି.ସି.ରୋଡସ୍ଥିତ ବାଲାଜୀ ମେଡିକାଲ ଷ୍ଟୋରର ସଟର ଭାଙ୍ଗି ଦୋକାନରେ ଥିବା ୧୫ ହଜାର ଟଙ୍କା ସହ ଗୋଟିଏ ମୋବାଇଲ ଫୋନ ଚୋରି ହୋଇଥିଲା। ଏ ନେଇ ଦୋକାନୀ ମାଲିକ ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ଏହାର ଯାଞ୍ଚ ଆରମ୍ଭ କରିଥିଲା। ଅଭିଯୁକ୍ତ ହେମନ୍ତ କୁମାର ରାଓ, ଏସ୍.କେ.ବସା, ଭି.ଭେଙ୍କେଟେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଜଜ୍ ଉପରୋକ୍ତ ରାୟ ଶୁଣାଇଥିଲେ। ସରକାରୀ ଆଇନଜୀବୀ ସଚ୍ଚିଦାନନ୍ଦ ଖାଡଙ୍ଗା ଏହି ମାମଲା ପରିଚାଳନା କରୁଥିଲେ।

# ଭୈରବଙ୍କ ଝିଅ, ସ୍ତ୍ରୀଙ୍କ ବୟାନ ରେକର୍ଡ

**ଗୁଣି ଗାରେଡି ସନ୍ଦେହରେ ଭୈରବ ସାହୁଙ୍କୁ ହତ୍ୟା ମାମଲାର ବିଚାର ଆରମ୍ଭ**

ଗୁଣପୁର, ୧୭।୧୦( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ପଦ୍ମପୁର ଥାନା ଅଞ୍ଚଳର ଭୈରବ ସାହୁଙ୍କୁ ଗୁଣି ଗାରେଡି ସନ୍ଦେହରେ ହତ୍ୟା ଘଟଣାରେ ପଦ୍ମପୁର ପୋଲିସ ଥାନା କେସ ନମ୍ବର ୬୦/ ୨୦୨୫ ରେ ହୋଇଥିବା ମାମଲାରେ ଗୁଣପୁର ଏଡିଜେ କୋର୍ଟରେ ଶୁକ୍ରବାର ବିଚାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅଭିଯୋଗକାରୀ ତଥା ଭୈରବଙ୍କ ଝିଅ ରଶ୍ମିତା ସାହୁ ଏବଂ ତାଙ୍କ ସ୍ତ୍ରୀ ସଞ୍ଜୁ ସାହୁଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ଏହି ଘଟଣାରେ ୩୪ ଜଣଙ୍କୁ ଗିରଫ କରାଯାଇଥିଲା। ହାଇକୋର୍ଟରୁ ୧୮ ଜଣଙ୍କୁ ଜାମିନ ମିଳିଥିଲା। ଏହା ପରେ ଅଭିଯୁକ୍ତମାନଙ୍କୁ ଜାମିନ୍‌ରେ ଗୁଣପୁର ଏଡିଜେ ଦେବଦତ୍ତ ପଟ୍ଟନାୟକ ଛାଡ଼ିଥିଲେ। ସୂଚନାଯୋଗ୍ୟ ଯେ ୨୦୨୪ ଏପ୍ରିଲ ୨୧ ରାତିରେ ପଦ୍ମପୁର ଥାନା ଜୁମୁରୁଗୁଡା ତେଲି ସାହିରେ ଗୁଣି ଗାରେଡ଼ି ସନ୍ଦେହରେ ସଂଘବଦ୍ଧ ଆକ୍ରମଣରେ ଭୈରବ ସାହୁଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୂର୍ବରୁ ୨୨ ଓ ପରେ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଏଥିରେ ୭ ନାବାଳିକଙ୍କ ସମ୍ପୃକ୍ତି ଥିଲା। ନାବାଳକଙ୍କୁ ଛାଡ଼ି ଗିରଫ ୨୭ ଜଣଙ୍କ ମଧ୍ୟରୁ ହାଇକୋର୍ଟ ୧୮ ଜଣଙ୍କୁ ସର୍ତ୍ତ ମୂଳକ ଜାମିନ ପ୍ରଦାନ କରିଥିଲେ। ଅଭିଯୁକ୍ତଙ୍କ ପାଇଁ ଓକିଲ ପ୍ରଦୀପ ଦାସ ଓ ଗୌରୀ ଶଙ୍କର ଦାସ ମାମଲା ପରିଚାଳନା କରିଥିଲେ।

# ପ୍ରତିଭା ପ୍ରଦର୍ଶନକଲେ ୧୬୦ ଛାତ୍ରୀଛାତ୍ର

**ମୁନିଗୁଡ଼ାରେ ବ୍ଲକ୍‌ସ୍ତରୀୟ ସୁରଭି**

ମୁନିଗୁଡ଼ା, ୧୭।୧୦ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ସରକାରୀ ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ସୁବାସ କୁରା ଓ ଅକ୍ଷୟ ରଥଙ୍କ ମିଳିତ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ଗଣେଶ ଶବର, ଏବିଇଓ ସୁବାସ ସିଂ, ସରକାରୀ ନୋଲାଡ଼ ହାଇଅର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ମାଝୀ, ମୁନିଗୁଡ଼ା ପ୍ରେସ କ୍ଲବ ସଭାପତି ରାଜୀବ ଲୋଚନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଏହାର ଅଭିମୁଖ୍ୟ ଉପରେ ବିଇଓ ଶବର ଆଲୋକପାତ କରିଥିଲେ। ଆଦର୍ଶ ଜୀବନ ଶୈଳୀ ଓ ସଂସ୍କାରିତ ଦୈନନ୍ଦିନ ଦିନଚର୍ଯ୍ୟା ଆପଣାଇ ଉତ୍ତମ ଛାତ୍ରୀଛାତ୍ର ଓ ଭବିଷ୍ୟତରେ ଜଣେ ସୁନାଗରିକ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୧୬ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ୧୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ, ହସ୍ତାକ୍ଷର,ଶୃତ ଲିଖନ, ସୃଜନଶୀଳ ଲେଖନ, ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ଡିବେଟ, ହସ୍ତକଳା ଏବଂ ଚିତ୍ରକଳା ମାଧ୍ୟମରେ ଛାତ୍ରୀଛାତ୍ର ଉତ୍କୃଷ୍ଟତା ପ୍ରଦର୍ଶନ କରିଥିଲେ। ସମସ୍ତ ବିଭାଗରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବେ। କାର୍ଯ୍ୟକ୍ରମକୁ ସିଆରସିସି ବାଲାଜୀ ପଟ୍ଟନାୟକ, ଅଶ୍ୱିନୀ ବାରିକ, ସୁରେଶ ପଟ୍ଟନାୟକ, ସନ୍ତୋଷ ପାଠୀ, ରତିକାନ୍ତ ସେଠୀ, ଗୋପବନ୍ଧୁ ଦାସ, ମୋନାଲିସା ପଣ୍ଡା, ନନ୍ଦିନୀ ଦାସ, ପବିତ୍ର ଲିମା, ବିଆରଟି ଅଭିମନ୍ୟୁ ପ୍ରଧାନ ପ୍ରମୁଖଙ୍କ ସମେତ ଅନ୍ୟ ସିଆରସିସି, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପୁରସ୍କୃତ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

सूचना एवं प्रसारण मंत्रालय
MINISTRY OF INFORMATION AND BROADCASTING
सत्यमेव जयते

୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୪

ପ୍ରବେଶିକା ଆହ୍ୱାନ

ସିନେମା ଉପରେ ଚଳଚ୍ଚିତ୍ର ଓ ଲେଖା

ଯୋଗ୍ୟତା

❖ ଫିଚର୍ ଓ ଅଣ-ଫିଚର୍ ଚଳଚ୍ଚିତ୍ର
ସିବିଏଫ୍‌ସି ଦ୍ୱାରା ପ୍ରମାଣିତ ତଥା
ଇଂରାଜୀ ସବ୍‌ଟାଇଟଲ୍ ସହିତ

❖ ସିନେମା ଉପରେ ପ୍ରକାଶିତ
ପୁସ୍ତକ, ଆଲେଖ୍ୟ/ସମୀକ୍ଷା

ତା୦୧।୦୧।୨୦୨୪ରିଖଠାରୁ ତା୩୧।୧୨।୨୦୨୪ରିଖ ପର୍ଯ୍ୟନ୍ତ
(ଉଭୟ ଦିବସ ଅନ୍ତର୍ଭୁକ୍ତ)

କୌଣସି ପ୍ରଶ୍ନ ପାଇଁ କଲ୍ କରନ୍ତୁ ୦୧୧-୨୬୪୯୯୩୭୦/୭୮
(ପୂର୍ବାହ୍ନ ୦୯.୩୦ - ଅପରାହ୍ନ ୦୫.୦୦ ଘଟିକା)

ନିୟମାବଳୀ ଏବଂ ତା୩୧।୧୦।୨୦୨୫ରିଖ (ଅପରାହ୍ନ ୦୫.୦୦ ଘଟିକା ସୁଦ୍ଧା) ଅନ୍‌ଲାଇନ୍ ଦାଖଲ ପାଇଁ www.mib.gov.in ଏବଂ nfaindia.org ପରିଦର୍ଶନ କରନ୍ତୁ

ସମସ୍ତ ଦସ୍ତାବିଜ ନିମ୍ନପ୍ରଦତ୍ତ ଠିକଣାରେ ପଠାଯିବା ଆବଶ୍ୟକ:

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସେଲ୍
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ସିରି ଫୋର୍ଟ ଅଡିଟୋରିୟମ୍ କମ୍ପ୍ଲେକ୍ସ
ଅଗଷ୍ଟ କ୍ରାନ୍ତି ମାର୍ଗ
ନୂଆଦିଲ୍ଲୀ - ୧୧୦୦୪୯

ଇମେଲ୍: nfa.mib@gov.in | 72nfa2024@gmail.com
ୱେବ୍‌ସାଇଟ୍: www.mib.gov.in | nfaindia.org

CBC 22201/11/0017/2526

## ସଂକ୍ଷେପରେ

### ପାଣିବାଲ୍ଟିରେ ମୁହଁମାଡ଼ି ପଡ଼ିଯାଇ ବୃଦ୍ଧଙ୍କ ମୃତ୍ୟୁ

ପାପଡ଼ାହାଣ୍ଡି, ୧୭।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ବରଦେଇ ଗ୍ରାମରେ ପାଣି ବାଲ୍ଟିରେ ମୁହଁମାଡ଼ି ପଡି ଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗାଁର ବୋଲି ଭତରା (୭୦)। ପୋଲିସ ସୂଚନାନୁଯାୟୀ ବୋରଦେଇ ଗ୍ରାମର ବୋଲି ଭତରା ଅସୁସ୍ଥ ଥିଲେ। ସେ ଘର ବାହାରକୁ ଯାଇଥିବା ବେଳେ କୌଣସି କାରଣରୁ ମୁହଁମାଡ଼ି ପାଣି ବାଲ୍ଟି ଭିତରେ ପଡ଼ିଯାଇଥିଲେ। କିଛି ସମୟ ପରେ ଗ୍ରାମବାସୀ ଏହା ଦେଖିବା ପରେ ଘର ଲୋକଙ୍କୁ ଖବର ଦେଇଥିଲେ। ଘରଲୋକ ତାଙ୍କୁ ଉଦ୍ଧାର କରିବାବେଳକୁ ବୋଲିଙ୍କ ମୃତ୍ୟୁ ହୋଇଯାଇଥିଲେ। ଏନେଇ ବୋଲି ଙ୍କ ପୁତୁରା ଉଦୟ ଭତରା ପାପଡ଼ାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପାପଡ଼ାହାଣ୍ଡି ପୋଲିସ ଥାନା କେସ୍ ନ ୦୬/୨୫ରେ ମାମଲା ରୁଜୁ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତ ଅଧିକାରୀ ଶରତ ଚନ୍ଦ୍ର କୁଟୁରିକା ସୂଚନା ଦେଇଛନ୍ତି।

### ଆଧ୍ୟାତ୍ମିକ ରାସ୍ତା ଆପଣେଇଲେ ଶାନ୍ତି ପ୍ରତିଷ୍ଠା ସମ୍ଭବ
ମନ ଜିଣିନେଲେ କୁନି ପ୍ରବଚକ

ଉମରକୋଟ, ୧୭।୧୦ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହରର ଗୁଲିପାଟଣାସ୍ଥିତ କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ଓ ବାବା ବୈଦ୍ୟନାଥ ମନ୍ଦିର କମିଟି ପ୍ରଚେଷ୍ଟାରେ ୭ ଦିନ ଧରି ଚାଲିଥିବା ପ୍ରବଚନ କାର୍ଯ୍ୟକ୍ରମର ବୁଧବାର ଅନ୍ତିମ ଦିବସ ଥିଲା। ଏଥିରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। କୁନି ପ୍ରବଚକ ଶ୍ରୀକେଶବ ଦାସ ଦ୍ୱିତୀକୃଷ୍ଣଙ୍କ ପ୍ରବଚନ ଶୁଣିବା ପାଇଁ ଝରିଗାଁ, ରାଇଘର, ଧୋଡ୍ରା, ଡାବୁଗାଁରୁ ଲୋକେ ଆସିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକଙ୍କୁ ଦେଖିବାକୁ ମିଳିଛି। ଗୀତା, ଭାଗବତ କଥା ଏବଂ ଜଗନ୍ନାଥଙ୍କ ପୌରାଣିକ ବିଷୟବସ୍ତୁକୁ ନେଇ ପ୍ରବଚନ ଦେଇଥିଲେ। ଆଧ୍ୟାତ୍ମିକ ରାସ୍ତା ଆପଣେଇଲେ ଘରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ପ୍ରବଚକ କହିଥିଲେ। ନାଟକୀୟ ଢଙ୍ଗରେ କଂସବଧ, କୃଷ୍ଣ ସୁଦାମାଙ୍କ ଅପୂର୍ବ ମିଳନ, ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ବିବାହ କରାଯାଇଥିଲା। ମନ୍ଦିର କମିଟି ସଭାପତି ଜୟଦେବ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଣେ ଶିକ୍ଷୟିତ୍ରୀରେ ଚାଲିଛି ଲମତାଗୁଡ଼ା ପ୍ରାଥମିକ ବିଦ୍ୟାଳୟ

ତେନ୍ତୁଳିଖୁଣ୍ଟି, ୧୭।୧୦(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଲମତାଗୁଡ଼ା ପଞ୍ଚାୟତ ସଦରରେ ଥିବା ପ୍ରାଥମିକ ବିଦ୍ୟାଳୟ ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କ ଭରସାରେ ଚାଲିଛି। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପ୍ରକାଶ ଥାଉକି ଉକ୍ତ ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୬୧୮ ଜଣ ଛାତ୍ରୀଛାତ୍ର ପଢ଼ନ୍ତି। ଏଠାରୁ ଗତ ଜୁଲାଇ ୩୦ରେ ଶିକ୍ଷୟିତ୍ରୀ ପାର୍ବତୀ ତ୍ରିପାଠୀ ଅବସର ଗ୍ରହଣ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ଗତ ମାର୍ଚ୍ଚ ୧୦ରେ ଶିକ୍ଷୟିତ୍ରୀ ସୌଦାମିନୀ ନାୟକ ଯୋଗଦେଇଥିଲେ। ତାଙ୍କୁ ସେପ୍ଟେମ୍ବର ୨୦ରେ ଇନ୍ଦ୍ରାବତୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ବିଦ୍ୟାଳୟଟି ସଦର ପଞ୍ଚାୟତରେ ଥିବା ସତ୍ତ୍ୱେ କାହିଁକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗୁରୁତ୍ୱ ଦେଉନାହିଁ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେଶ୍ୱରୀ ନାୟକ ପ୍ରଶ୍ନ କରିଛନ୍ତି। ଗତ ସେପ୍ଟେମ୍ବର ୨୨ରେ ତେନ୍ତୁଳିଖୁଣ୍ଟି ବିଇଓଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୮୦୦/୨୫ ପ୍ରକାରେ ମନୋଜ କୁମାର ବାଘଙ୍କୁ ଚରାମୂଳା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରୁ ଏହି ସ୍କୁଲକୁ ଅଣାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଶିକ୍ଷକ ଏଠାରେ ଯୋଗଦେଇନାହାନ୍ତି। ଏବେ ସ୍କୁଲର ୬୮ ଜଣ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଶ୍ରେଣୀରେ ବସାଇ ଶିକ୍ଷୟିତ୍ରୀ ବେଦମତି ବେହେରା ପଢ଼ାଉଛନ୍ତି। କେତେଦିନ ମଧ୍ୟରେ ଲମତାଗୁଡା ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ ଦାସଙ୍କୁ ପଚାରିବାରୁ ଦିନେ ଦୁଇ ଦିନ ମଧ୍ୟରେ ଉକ୍ତ ବିଦ୍ୟାଳୟର ଶିକ୍ଷକ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।



ଶିକ୍ଷୟିତ୍ରୀ ଜଣଙ୍କ ପିଲାମାନଙ୍କୁ ପଢ଼ାଉଛନ୍ତି।

# ନାମ ପଞ୍ଜୀକରଣ ସହ ସ୍ୱାସ୍ଥ୍ୟ ପରୀକ୍ଷାକଲେ ୧୪୦ ଦିବ୍ୟାଙ୍ଗ

### ତେନ୍ତୁଳିଖୁଣ୍ଟିରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ତେନ୍ତୁଳିଖୁଣ୍ଟି, ୧୭।୧୦(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇଛି। ନବରଙ୍ଗପୁର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ ରଞ୍ଜନ ପାତ୍ର, ତେନ୍ତୁଳିଖୁଣ୍ଟି ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ସାହୁଙ୍କ ସହଯୋଗକ୍ରମେ ବିଡିଓ ମନୋଜ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ତେନ୍ତୁଳିଖୁଣ୍ଟି ବ୍ଲକ ଅଧକ୍ଷା ନିଲେନ୍ଦ୍ରୀ ନାୟକ ତଦାରଖ କରିଥିଲେ। ବ୍ଲକ ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ସକ୍ଷମ ସମେତ ବ୍ଲକ୍‌ର ସମସ୍ତ ବିଭାଗୀୟ କର୍ମଚାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏଥିରେ ସହଯୋଗ କରିଥିଲେ। ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୪୦ ଦିବ୍ୟାଙ୍ଗ ପଞ୍ଜୀକରଣ ସହ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆଖି ସମସ୍ୟା ଯୋଗୁ ଆଧାର କାର୍ଡ ହୋଇ ନ ଥିବା କେତେଜଣ ଦିବ୍ୟାଙ୍ଗ ରେଜିଷ୍ଟ୍ରେଶନ କରାଇ ନ ପାରି ଫେରିଯାଇଥିଲେ। ଏଥିରେ ୮ଜଣଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ଶିବିରରେ ଚକ୍ଷୁ ବିଶେଷଜ୍ଞ ସ୍ୱର୍ଣ୍ଣଲତା ସାଗରିକା ପ୍ରଧାନ, ଅସ୍ଥି ବିଶେଷଜ୍ଞ ଶିବାନନ୍ଦ ବୁଦ୍ଧିଆ, ଡା. ବିଭୁକଲ୍ୟାଣ ତ୍ରିପାଠୀ (ଇଏନ୍‌ଟି), ଶିବପ୍ରସାଦ ସାହୁ ପ୍ରମୁଖ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏବିଡିଓ କୃପାସିନ୍ଧୁ ନାୟକ, ଅଧକ୍ଷା ନିଲାନ୍ଦ୍ରୀ ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ଭାଜପା ମଣ୍ଡଳ ସଭାପତି ୧ ଅଭିମନ୍ୟୁ ହରିଜନ, ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନିତା ଜେଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଧାକାନ୍ତ ରଣା, ସକ୍ଷମର ଜିଲା ସଭାପତି ସୁଜିତ କୁମାର ରଥ, ବ୍ଲକ ସଭାପତି ଦିଲୀପ ସୁନା ପ୍ରମୁଖ ଦିବ୍ୟାଙ୍ଗଙ୍କ ସରକାରୀ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ।



ଶିବିରରେ ଅଧିକାରୀଙ୍କ ସହ ସହାୟତା ପାଇଥିବା ଦିବ୍ୟାଙ୍ଗମାନେ।

### ଶ୍ୱଶୁରଘର ଗାଁରୁ ଜ୍ୱାଇଁଙ୍କ ଝୁଲନ୍ତା ମୃତଦେହ ଜବତ

ପାପଡ଼ାହାଣ୍ଡି, ୧୭।୧୦ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଟିକିଲି ଗ୍ରାମରେ ଶ୍ୱଶୁରର ଘର ଗାଁରୁ ଜ୍ୱାଇଁଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଗାଁର କମଳଚନ ପୂଜାରୀ। ସୂଚନାନୁଯାୟୀ ପାପଡ଼ାହାଣ୍ଡି ବ୍ଲକ ନାକଟିଗୁଡ଼ା ଗ୍ରାମର କମଳଚନ ପୂଜାରୀ ଟିକିଲି ଗ୍ରାମରେ ବିବାହ କରିଥିଲେ। ଦୀର୍ଘ ୩ ବର୍ଷ ହେବ ସେ ଶ୍ୱଶୁର ଘରେ ରହିଆସୁଥିଲେ। ତେବେ ପାରିବାରିକ କଳହକୁ ନେଇ କମଳଚନ ଶୁକ୍ରବାର ସକାଳେ ଶ୍ୱଶୁର ଘର ବାରିପଟେ ଥିବା କରଞ୍ଜି ଗଛରେ ବେକରେ ଟାୱେଲ ବାନ୍ଧି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏହା ଦେଖିବା ପରେ ପରିବାର ସଦସ୍ୟଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପାପଡ଼ାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପାପଡ଼ାହାଣ୍ଡି ପୋଲିସ ଥାନା କେସ୍ ନଂ ୦୭/୨୫ରେ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ତଦନ୍ତ ଅଧିକାରୀ ରାମଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ପରିମଳ ମାଧ୍ୟମରେ ଗ୍ରାମୀଣ ସମୃଦ୍ଧି ତାଲିମ




ତାଲିମ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

### ତାଲିମ ନେଲେ ଅଧିକାରୀ, ୬୦ ଅଙ୍ଗନୱାଡ଼ି କର୍ମୀ

ଡାବୁଗାଁ, ୧୭।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ପରିମଳ ମାଧ୍ୟମରେ ଗ୍ରାମୀଣ ସମୃଦ୍ଧି ଉପରେ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷକ ଭାବେ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ଓ ବିଆର୍‌ସି ରଞ୍ଜନ ମହାକୁଡ଼ ପ୍ରମୁଖ ତାଲିମ ଦେଇଥିଲେ। ପରିମଳ ଯୋଗୁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକଭାବେ ସମୃଦ୍ଧ ହେବା, ପରିମଳ ରଖିଲେ ଶରୀର ସୁସ୍ଥ ରହିବ, ଆବର୍ଜନାର ସଠିକ ବିନିଯୋଗ କରି ଆର୍ଥିକ ଉନ୍ନତ ହେବା ନେଇ ତାଲିମ ଦିଆଯାଇଥିଲା। ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିବ୍ୟଶଙ୍କର ପୂଜାରୀ, କାମିନୀ ହରିଜନ ଓ ରୂପାଲୀ ମଣ୍ଡଳ, ୪ ଜଣ ଏଡିଏଓ ଓ ୬୦ ଅଙ୍ଗନୱାଡ଼ି କର୍ମୀ ୬୦ ତାଲିମ ନେଇଥିଲେ। କାର୍ଯ୍ୟକ୍ରମକୁ ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ଼ ପରିଚାଳନା କରିଥିଲେ।

# ନିଯୁକ୍ତିମୁଖୀ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ କୌଶଳ ବିକାଶ ଯାତ୍ରା

ନବରଙ୍ଗପୁର,୧୭।୧୦ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଆଇସେକ୍ଟର ମିଳିତ ଉଦ୍ୟମରେ କୌଶଳ ବିକାଶ ଯାତ୍ରା ଓ ଏଆଇ ସାକ୍ଷରତା ମିଶନ ବୁଧବାର ନବରଙ୍ଗପୁରରେ ଆୟୋଜିତ ହୋଇଛି। ଏହି ଯାତ୍ରା ୨୦ ରାଜ୍ୟର ୩୦୦ ଜିଲାର ୫୦୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନରେ ପହଞ୍ଚି ବହୁଳ ସଂଖ୍ୟାରେ ଛାତ୍ରୀଛାତ୍ରଙ୍କର ଦକ୍ଷତା ବିକାଶ ଏବଂ ଭବିଷ୍ୟତ ପ୍ରଯୁକ୍ତିବିଦ୍ୟା ବିଷୟରେ ଆଲୋଚନା କରୁଛନ୍ତି। ଯାତ୍ରା ସମୟରେ ମାଗଣା ଏଆଇ ସେମିନାର, କର୍ମଶାଳା, କ୍ୟାରିଅର ପରାମର୍ଶ ଅଧିବେଶନ ଏବଂ ବୈଷୟିକ ପ୍ରଦର୍ଶନ ଆୟୋଜନ କରାଯାଇଥିଲା। ଦକ୍ଷତା ବିକାଶ ଯାତ୍ରା ୨୦୨୫ କେବଳ ଏକ ଶିକ୍ଷାଗତ ଅଭିଯାନ ନୁହେଁ, ବରଂ ଯୁବପିଢ଼ିଙ୍କୁ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ସହିତ ସଂଯୋଗ କରିବା ଉଦ୍ୟମ ବୋଲି ଆଇସେକ୍ଟ ମୁଖପାତ୍ର ସନ୍ତୋଷ ଚୋବେ କହିଛନ୍ତି। ନିଯୁକ୍ତିମୁଖୀ ଶିକ୍ଷା ପ୍ରଦାନ, ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ଲକ୍ଷ୍ୟରେ କାର୍ଯ୍ୟକ୍ରମ କରାଯାଉଛି ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧକ୍ଷା ଶୁଭାଶିନୀ ସାହୁ ଓ ଆଇସେକ୍ଟ ନବରଙ୍ଗପୁର ଜିଲାର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆଇସେକ୍ଟ ଓଡ଼ିଶା ପ୍ରକଳ୍ପ ପରିଚାଳକ ନୀଳାଦ୍ରି ମହାରଣା, ସୁଧାଂଶୁ ନାୟକ ଓ ଅଭିଷେକ ପ୍ରଧାନ, ପ୍ରଦୀପ ପଟ୍ଟନାୟକ ଯୋଗଦେଇଥିଲେ। ଏଆଇ ସାକ୍ଷରତା ମିଶନ ଏବଂ ଦକ୍ଷତା ବିକାଶ ଯାତ୍ରା ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ଏବଂ ନିଯୁକ୍ତିମୁଖୀ ପଦକ୍ଷେପ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ଗୋପାଳକୃଷ୍ଣ ମହାପାତ୍ର, ଭୂଷଣ ଲାଲ୍ ସାହୁ, ଗୋବର୍ଦ୍ଧନ ସାହୁ ,ସତୀଶ କୁମାର, ଆନନ୍ଦ ସାହା, ଗୁଲାମ ଜାଫର, ମୋହନ ମହାକୁଡ଼, ଶିକ୍ଷୟିତ୍ରୀ ତୃପ୍ତିମୟୀ ପ୍ରଧାନ, ଦୀପ୍ତିମୟୀ ସାହୁ, ମାଳିକମାଳା ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ଜଟାବାଲ ପୂଜାରୀଗୁଡ଼ା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନ

ତେନ୍ତୁଳିଖୁଣ୍ଟି, ୧୭।୧୦(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ପୂଜାରୀଗୁଡ଼ା ମିନି ଷ୍ଟାଡ଼ିୟମରେ ଦୀର୍ଘ ୫ ଦିନ ଧରି ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍ ମଙ୍ଗଳବାର ଖେଳାଯାଇଛି। ଏଥିରେ ବୋରିଗୁମ୍ମା ଓ ଜଟାବାଲ ପରସ୍ପରକୁ ଭେଟିଥିଲେ। ଜଟାବାଲ ୧-୦ ଗୋଲରେ ବୋରିଗୁମ୍ମା ଦଳକୁ ପରାଜିତ କରିଥିଲା।

ଉଦ୍‌ଯାପନୀ ଦିବସରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜଟାବାଲ ଦଳକୁ ଚାମ୍ପିୟନ ଟ୍ରଫି ସହ ଟ୍ରଫି ୧୫ ହଜାର ଓ ବୋରିଗୁମ୍ମା ଦଳକୁ ରନରଅପ୍ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କଂଗ୍ରେସ ବ୍ଲକ୍ ସଭାପତି ପ୍ରହଲ୍ଲାଦ ହିଆଲ ଓ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ଭାଜପା ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଭିମନ୍ୟୁ ହରିଜନ, ଟୁର୍ନାମେଣ୍ଟ ସଞ୍ଚାଳକ କିଶୋର ଚନ୍ଦ୍ର ସିଂ, ଜଗଦୀଶ ଚନ୍ଦ୍ର ବିଷୋୟୀ, ସରପଞ୍ଚ ଅନାଦି ମାଝୀ, ଧରଣୀଧର ସିଂ ଗୋପାଳକୃଷ୍ଣ ନାୟକ, ଚନ୍ଦ୍ରଶେଖର ଜେନା ପଞ୍ଚାୟତ ସଭାପତି ସୁଦର୍ଶନ ପ୍ରମୁଖ ମଞ୍ଚାସୀନ ଥିଲେ। ଟୁର୍ନାମେଣ୍ଟର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ପଙ୍କଜ ଖୁରା, ରିଙ୍କୁ ଖୁରା, କେଶବ ଦଙ୍ଗାରି, ଦିଗ୍‌ବିଜୟ ଖୁରା, ପିଣ୍ଟୁ ଖୁରା, ଶାନ୍ତିନାଣ୍ଡା ସୁନା, ହେମନ୍ତ ଡଙ୍ଗାରି, ସଞ୍ଜୟ ଦଙ୍ଗାରି, ପବନ ଦଙ୍ଗାରି ଖେଳ ପରିଚାଳନା କରିଥିଲେ। ଲାଲୁ ହରିଜନ, ଚନ୍ଦନ ଗୋରଡା, ବିଜୟ ଲିଙ୍ଗରାଜ ଖୁରା ଓ ପଙ୍କଜ ଖୁରା ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।

# ଦୀପାବଳି ଉପଲକ୍ଷେ ଷ୍ଟଲ୍ ଉଦ୍‌ଘାଟନ



ଷ୍ଟଲରେ ବିଭିନ୍ନ ମାଟିରେ ନିର୍ମିତ ସାମଗ୍ରୀ ବିକ୍ରି ହେଉଛି ।

ମାଲକାନଗିରି,୧୭।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମାରେ ଜିଲା ପ୍ରଶାସନ ଏବଂ ଓରମାସ୍ ପକ୍ଷରୁ ଦୀପାବଳି ଉପଲକ୍ଷେ ପାରମ୍ପରିକ ସାମଗ୍ରୀ ବିକ୍ରି ପାଇଁ ଏକ ଷ୍ଟଲ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଷ୍ଟଲ ୧୭ରୁ ୨୧ ଯାଏ ଖୋଲା ରହିବ। ଏଥିରେ ବିଭିନ୍ନ ମାଟିତିଆରି ସାମଗ୍ରୀ ତଥା ଦୀପ, ହାଣ୍ଡି, ଝୁଣା ଦୀପ ସହ ସ୍ୱାଭିମାନ ଅଞ୍ଚଳର ହଳଦୀ, ମାଣ୍ଡିଆ ଓ ଝୁଣା ଆଦି ବିକ୍ରି ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରକଳ୍ପ ନିର୍ଦ୍ଦେଶକ ନରେଶ ଚନ୍ଦ୍ର ଶବର, ବାଲାଜୀ ପଟ୍ଟନାୟକ, ସ୍ୱସ୍ତିକା ପ୍ରଧାନ, ହର୍ଷାନନ୍ଦ ପ୍ରଧାନ, ଜିତେନ୍ଦ୍ର ପାତ୍ର, ଅମିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଲୋକଙ୍କ ଭିଡ଼ ଜମିଥିଲା। ଏହି ଷ୍ଟଲର ମୂଳ ଲକ୍ଷ୍ୟ ହେଉଛି ଭୋକାଲ ଫର ଲୋକାଲ। ଏକ ପ୍ରୟାସ ଯାହା ଲୋକଙ୍କୁ ସ୍ଥାନୀୟ ଉତ୍ପାଦ କିଣିବାକୁ ଉତ୍ସାହିତ କରି ଘରୋଇ ଅର୍ଥନୀତିକୁ ସୁଦୃଢ଼ କରିବ। ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ଥାନୀୟ ବ୍ୟବସାୟକୁ ସମର୍ଥନ କରିବାରେ ସାହାଯ୍ୟ କରିବ।

# ୪ ଦିନ ପରେ ତୁଟିଲା ଅନ୍ଧବିଶ୍ୱାସ ବିବାଦ

ସୁନାବେଡା,୧୭।୧୦(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଳିଗୁଡ଼ା ସୁବାଇ ଗାଁର ବର ଓ ଓସ୍ତ ଗଛକୁ ବିସର୍ଜନକୁ ନେଇ ଲାଗି ରହିଥିବା ଅନ୍ଧବିଶ୍ୱାସ ବିବାଦ ୪ ଦିନ ପରେ ଶୁକ୍ରବାର ଅନ୍ତ ହୋଇଛି। ଥାନା ପରିସରରେ ନିଆଁ ଲଗାଇ ବର ଓ ଓସ୍ତ ଗଛକୁ ଜଳାଯାଇଛି। ଶୁକ୍ରବାର ସେମିଳିଗୁଡ଼ା ବନ ବିଭାଗ ଡେପୁଟି ରେଞ୍ଜର ତ୍ରୀପତି ପଣ୍ଡା,ସେମିଳିଗୁଡା ଥାନାଧିକାରୀ ଅନିତା କୁଜୁର,ପଟ୍ଟାଙ୍ଗି ଥାନାଧିକାରୀ ପ୍ରଭାସ ବେହେରା, ସୁନାବେଡ଼ା ଥାନାଧିକାରୀ ସୁଷମ କୁହଁର, ସୁନାବେଡ଼ା ଏସଡିପିଓ ସୁମିତ୍ରା ଜେନାଙ୍କ ଉପସ୍ଥିତିରେ ଗାଁ ଲୋକ ଅଶୁଭ ମଣୁଥିବା ଗଛକୁ ପୋଡି ଦିଆଯାଇଛି। ଏହି ଗଛ ଅନେକ ଗାଁର ଲୋକେ ପାଳିକରି ରାତିରେ ପହରା ଦେଉଥିବା ଶୁଣିବାକୁ ମିଳିଛି। ସୁବାଇ ଗାଁର ଗୋଟିଏ ପରିବାର କାଟି ଥିବା ଏହି ୨ ଗଛକୁ ଲୋକେ ନଦୀରେ ବିସର୍ଜନ କରିବାକୁ ନ ଦେଇ ପ୍ରତିବାଦ କରିଥିଲେ। ଗଛ ନଦୀରେ ପକାଇଲେ ଗାଁକୁ ବିପଦ ମାଡ଼ି ଆସିବ ବୋଲି ଭାବି ଲୋକେ ଭୟଭୀତ ଥିଲେ। ଗଛଗୁଡିକୁ ପୋଡିବା ବେଳେ କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପଡାଲ ଓ ଏକାଧିକ ଗାଁ ଲୋକ ଉପସ୍ଥିତ ଥିଲେ।

# ଅନୁସୂଚିତ ଜନଜାତି ସଂସ୍କୃତି ସୁରକ୍ଷା ମଞ୍ଚର ବିକ୍ଷୋଭ ସଭା

ମାଲକାନଗିରି,୧୭।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ସଦର ବ୍ଲକ ହାଟପଦାରେ ଅନୁସୂଚିତ ଜନଜାତି ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବିକ୍ଷୋଭ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଧର୍ମାନ୍ତିକରଣ ଏକ ରାଷ୍ଟ୍ର ବିରୋଧୀ କାର୍ଯ୍ୟକଳାପ। ସରଳ ନିରୀହ ଜନଜାତି ବନବାସୀ ଅନୁସୂଚିତ ଜାତିର ଲୋକମାନଙ୍କୁ ପ୍ରଲୋଭନ ଦେଖାଇ ଧର୍ମାନ୍ତିକରଣ କରାଯାଇଛି। ଏହା ସତ୍ତ୍ୱେ ହିନ୍ଦୁ ସମାଜ ଅନ୍ୟ ଧର୍ମାବଲମ୍ବୀ ଲୋକଙ୍କୁ ଅତ୍ୟାଚାର କରିନାହିଁ। ଏହି ଅବୈଧ ଧର୍ମାନ୍ତିକରଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଆଇନ କଡ଼ାକଡ଼ି କରିବାକୁ ଦାବି କରାଯାଇଛି। ସମ୍ବିଧାନର ଧାରା ୨୫କୁ ବଳବତ୍ତର ରଖି ବିଭିନ୍ନ ରାଜ୍ୟରେ ପାରିତ ହୋଇଥିବା ୮ ବର୍ଷ ଜେଲ ଦଣ୍ଡ ଓ ୨ ଲକ୍ଷ ଟଙ୍କା ଜରିମାନା ଆଇନ ପ୍ରଣୟନ କରିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି। ଜିଲାରେ ଅଧିକାଂଶ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରି ମଧ୍ୟ ଅନୁସୂଚିତ ଜାତିର ମାନ୍ୟତା ପାଇଁ ସରକାରୀ ସ୍ୱୀକୃତି ପାଇଛନ୍ତି। ତୁରନ୍ତ ସେମାନଙ୍କୁ ଚିହ୍ନଟ କରିବାକୁ ଦାବି କରି ବିକ୍ଷୋଭ ଯାତ୍ରା କରିଛନ୍ତି।




ସଭାରେ ଉପସ୍ଥିତ ଅନୁସୂଚିତ ଜନଜାତି ସଂସ୍କୃତି ସୁରକ୍ଷା ମଞ୍ଚର ସଦସ୍ୟମାନେ ।

सूचना एवं प्रसारण मंत्रालय
MINISTRY OF INFORMATION AND BROADCASTING

୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୪

ପ୍ରବେଶିକା ଆହ୍ୱାନ

ସିନେମା ଉପରେ ଚଳଚ୍ଚିତ୍ର ଓ ଲେଖା

ଯୋଗ୍ୟତା

❖ ଫିଚର୍ ଓ ଅଣ-ଫିଚର୍ ଚଳଚ୍ଚିତ୍ର
ସିବିଏଫ୍‌ସି ଦ୍ୱାରା ପ୍ରମାଣିତ ତଥା ଇଂରାଜୀ ସବ୍‌ଟାଇଟଲ୍ ସହିତ

❖ ସିନେମା ଉପରେ ପ୍ରକାଶିତ
ପୁସ୍ତକ, ଆଲେଖ୍ୟ/ସମୀକ୍ଷା

ତା୦୧।୦୧।୨୦୨୪ରିଖଠାରୁ ତା୩୧।୧୨।୨୦୨୪ରିଖ ପର୍ଯ୍ୟନ୍ତ
(ଉଭୟ ଦିବସ ଅନ୍ତର୍ଭୁକ୍ତ)

କୌଣସି ପ୍ରଶ୍ନ ପାଇଁ କଲ୍ କରନ୍ତୁ ୦୧୧-୨୬୪୯୯୩୭୦/୭୮
(ପୂର୍ବାହ୍ନ ୦୯.୩୦ - ଅପରାହ୍ନ ୦୫.୦୦ ଘଟିକା)

ନିୟମାବଳୀ ଏବଂ ତା୩୧।୧୦।୨୦୨୫ରିଖ (ଅପରାହ୍ନ ୦୫.୦୦ ଘଟିକା ସୁଦ୍ଧା) ଅନ୍‌ଲାଇନ୍ ଦାଖଲ ପାଇଁ www.mib.gov.in ଏବଂ nfaindia.org ପରିଦର୍ଶନ କରନ୍ତୁ

ସମସ୍ତ ଦସ୍ତାବିଜ ନିମ୍ନପ୍ରଦତ୍ତ ଠିକଣାରେ ପଠାଯିବା ଆବଶ୍ୟକ:

ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସେଲ୍
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ସିରି ଫୋର୍ଟ ଅଡିଟୋରିୟମ୍ କମ୍ପ୍ଲେକ୍ସ
ଅଗଷ୍ଟ କ୍ରାନ୍ତି ମାର୍ଗ
ନୂଆଦିଲ୍ଲୀ - ୧୧୦୦୪୯


ଇମେଲ୍: nfa.mib@gov.in | 72nfa2024@gmail.com
ୱେବ୍‌ସାଇଟ୍: www.mib.gov.in | nfaindia.org

CBC 22201/11/0017/2526


## ୨୦୨୫ : ସାହିତ୍ୟ-ନୋବେଲ

# ପ୍ରଳୟ ଓ ପ୍ରତ୍ୟୟର ରୂପକାର: ଲାସ୍‌ଲୋ କ୍ରାସ୍‌ନାହୋରକାଇ

**ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ୨୦୨୫ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ନିମିତ୍ତ ନୋବେଲ କମିଟି ଘୋଷଣା କଲେ ହଂଗେରୀର ଲେଖକ ଲାସ୍‌ଲୋ କ୍ରାସ୍‌ନାହୋରକାଇଙ୍କ ନାଁ। ଏବଂ କହିଲେ ପ୍ରଳୟାତ୍ମକ ସ୍ଥିତି ଭିତରେ ବି ମୁକ୍ତିର ସମ୍ଭାବନା ଉଜ୍ଜୀବିତ ରହିଛି। କଳା ବା ସାହିତ୍ୟ ଏହି ସମ୍ଭାବନା ପ୍ରତି ସତତ ପ୍ରତିବଦ୍ଧ ବୋଲି ଲାସ୍‌ଲୋ ତାଙ୍କର ଜୀବନବ୍ୟାପୀ ସାଧନା ମାଧ୍ୟମରେ ପ୍ରତିପାଦିତ କରିବାକୁ ଚାହିଁଛନ୍ତି। ତାଙ୍କର ଶିଳ୍ପକର୍ମ 'ମନୋମୁଗ୍ଧକର' ଓ 'ଦୂରଦର୍ଶୀ'।**



ଲାସ୍‌ଲୋଙ୍କ ଜନ୍ମ ୧୯୫୪ରେ ଦକ୍ଷିଣପୂର୍ବ ହଂଗେରୀର ଏକ ଛୋଟ ସହର ଗ୍ୟୁଲାରେ। ୧୯୮୫ରେ ପ୍ରକାଶିତ ତାଙ୍କର ପ୍ରଥମ ଉପନ୍ୟାସ 'ସଟାନଟାଙ୍ଗୋ'। ଏହି ଉପନ୍ୟାସ ସମେତ ସାମଗ୍ରିକ ସାହିତ୍ୟକୃତିକୁ ନେଇ ସେ ମୁଖ୍ୟ ବୁକର୍ ଅନ୍ତର୍ଜାତୀୟ ପୁରସ୍କାରରେ




ସମ୍ମାନିତ ହୋଇଥିଲେ ୨୦୧୫ରେ। 'ସଟାନଟାଙ୍ଗୋ'ରେ ରୂପ ଘେନିଛି ଏକ ନିପଟ ମଫସଲର କାହାଣୀ। ନୋବେଲ କମିଟି ତାଙ୍କ ବିବୃତିରେ ପୁଣି ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରିଛନ୍ତି ତାଙ୍କର ଅନ୍ୟତମ ଉପନ୍ୟାସ 'ହାର୍ଶଟ ୦୭୭୬୯'ର କଥା ଏବଂ କହିଛନ୍ତି– ଏଥିରେ ହଂଗେରୀର ସାମାଜିକ ଅସ୍ଥିରତା ଅତି ନିଖୁଣ ଭାବେ ଚିତ୍ରିତ। ଜର୍ମାନ୍‌ର ଏକ ଛୋଟ ସହର ଥୁରିଙ୍ଗେନ୍ ଯାହା ଅରାଜକତା, ହତ୍ୟା, ଦଙ୍ଗା ଓ ଗୃହଦହନ ଭଳି ଅମାନବୀୟ କ୍ରୂରତାରେ ଉପଦ୍ରୁତ ; ତାହାରି ହୃଦୟଥରା ଇତିବୃତ୍ତ ଏ ଉପନ୍ୟାସ, ଯହିଁରେ ହୋଇଛି ହିଂସା ସହିତ ସୌନ୍ଦର୍ଯ୍ୟର ସାଲିସ୍।

ଲାସ୍‌ଲୋ ହେଉଛନ୍ତି ଫ୍ରାଞ୍ଜ୍ କାଫ୍‌କାଙ୍କଠୁଁ ଥୋମାସ୍ ବର୍ନହାର୍ଡ଼ଙ୍କ ଯାଏ ବିସ୍ତୃତ ୟୁରୋପୀୟ ସାହିତ୍ୟ-ପରମ୍ପରାର ସବୁଠୁଁ ମହତ୍ତର ଅନୁଗାମୀ। ଏହି ଲେଖକଙ୍କର ଅନ୍ୟାନ୍ୟ ରଚନା ମଧ୍ୟରେ ରହିଛି 'ଏ ମାଉଣ୍ଟେନ୍ ଟୁ ଦ ନର୍ଥ', 'ଲେକ୍ ଟୁ ଦ ସାଉଥ୍', 'ପାଥ୍‌ସ ଟୁ ଦ ୱେଷ୍ଟ' ଓ 'ଏ ରିଭାର୍ ଟୁ ଦ ଇଷ୍ଟ'। ଉପନ୍ୟାସ ବ୍ୟତୀତ ଗଳ୍ପ ରଚନାରେ ମଧ୍ୟ ଲେଖକଙ୍କ ପ୍ରତିଭା ଶିଖରସ୍ପର୍ଶୀ। ୨୦୦୮ରେ ତାଙ୍କର ୧୭ଟି ଗଳ୍ପକୁ ନେଇ ପ୍ରକାଶ ପାଇଛି 'ସିୟୋବୋ ଦେୟାର୍ ବିଲୋ' ଶୀର୍ଷକ କଥାଗ୍ରନ୍ଥ। ଲାସ୍‌ଲୋଙ୍କ ଗଳ୍ପ ବା ଉପନ୍ୟାସରେ ଥାଏ ଏକ ମହାକାବ୍ୟିକ ଆବେଦନ, ଯାହା ପାଠକଙ୍କୁ ବିବଶ କରେ। ବିରାମ ଚିହ୍ନକୁ ଉପେକ୍ଷା କରି ପୃଷ୍ଠା ପରେ ପୃଷ୍ଠା ଗଡ଼ିଚାଲିଥାଏ ତାଙ୍କ ଆଖ୍ୟାନର ବିବରଣ। ଦୀର୍ଘତମ ବାକ୍ୟାବଳୀର ପ୍ରୟୋଗ ବେଳେବେଳେ ପାଠକଙ୍କ ଅବବୋଧରେ ଦୁରୂହତା ଆଣିଲେ ବି ସମ୍ବେଦନାରେ କଦାପି ବାଧକ ହୋଇ ନ ଥାଏ। ତାଙ୍କ ଉପନ୍ୟାସରେ ଥାଏ ଖୁବ୍ କମ୍ ଅନୁଚ୍ଛେଦ। ଏଥିପାଇଁ ଅନେକେ ତାଙ୍କୁ 'ଅତିନିରେଖୀ' ଲେଖକ ବୋଲି କହିଥାନ୍ତି।

ଲାସ୍‌ଲୋ ଧର୍ମରେ ଇହୁଦୀ। ମଧ୍ୟବିତ୍ତ ହଂଗେରୀୟ ପରିବାରରେ ତାଙ୍କର ଜନ୍ମ ଓ ସେ ବଡ଼ ହୋଇଛନ୍ତି କମ୍ୟୁନିଷ୍ଟ ହଂଗେରୀରେ। ମିଲାନ୍ କୁନ୍ଦେରା ଯେପରି ନିଜ ଜନ୍ମିତ କମ୍ୟୁନିଷ୍ଟ ଚେକୋସ୍ଲୋଭାକିଆ ତଥା ତାଙ୍କ ମାତୃଭାଷା ଚେକ୍‌କୁ ଛାଡ଼ି ପ୍ରବାସୀ ଜୀବନ କାଟିଥିଲେ ପ୍ୟାରିସ୍‌ରେ ଓ ଲେଖିଥିଲେ ଫରାସୀ ଭାଷାରେ ; ଲାସ୍‌ଲୋ ସେହିପରି ନିଜ ଦେଶ ହଂଗେରୀ ଓ ହଂଗେରୀୟ ଭାଷାକୁ ଛାଡ଼ି କିୟତ୍‌କାଳ ପାଇଁ ଚାଲିଯାଇଥିଲେ ପଶ୍ଚିମ ବର୍ଲିନ୍ ଓ ଜର୍ମାନ୍ ଭାଷାରେ ଲେଖିଥିଲେ ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'ହାର୍ଶଟ ୦୭୭୬୯'। କିନ୍ତୁ ପରେ ସେ ନିଜ ଭାଷା ହଂଗେରୀୟରେ ଲେଖିଥିଲେ ତାଙ୍କର ଅନେକ କାଳଜୟୀ କୃତି, ଯହିଁରେ ସାମିଲ ତାଙ୍କ ଉପନ୍ୟାସ 'ସମଲେ ଓଡ଼ାଭାନ୍'। କ୍ରାସ୍‌ନାହୋରକାଇ ବୁକର୍ ଓ ନୋବେଲ ବ୍ୟତିରେକେ ସାହିତ୍ୟକୁ ତାଙ୍କର କାଳଜୟୀ ଅବଦାନ ପାଇଁ ବହୁ ମର୍ଯ୍ୟାଦାଜନକ ପୁରସ୍କାର ପାଇଛନ୍ତି। ୨୦୧୩ରେ ତାଙ୍କୁ ମିଳିଛି ଶ୍ରେଷ୍ଠ ଅନୂଦିତ ପୁସ୍ତକ ପୁରସ୍କାର ଉପନ୍ୟାସ ବର୍ଗରେ। 'ଦ ମେଲାନ୍‌କଲି ଅଫ୍ ରେଜିଷ୍ଟାନ୍ସ' ଉପନ୍ୟାସ ପାଇଁ ୧୯୯୩ରେ ସେ ପାଇଛନ୍ତି ଜର୍ମାନ୍‌ର ବେଷ୍ଟ ଏନ୍‌ଲିଷ୍ଟ୍ ପୁରସ୍କାର। ଲେଖକଙ୍କର କେତେକ ଉପନ୍ୟାସକୁ ନେଇ ଚଳଚ୍ଚିତ୍ର ନିର୍ମିତ ହୋଇଛି, ଯେଉଁଥିରେ ଅନ୍ତର୍ଭୁକ୍ତ 'ସାଟାନ୍‌ଟାଙ୍ଗୋ' ଓ 'ଦ ଭାର୍କମେଇଷ୍ଟାର ହାରମୋନିଜ୍'। ଉପନ୍ୟାସ, ଗଳ୍ପ ଓ ପ୍ରବନ୍ଧ ରଚନା ପାଇଁ ଲାସ୍‌ଲୋ ହଂଗେରୀରେ ଯେତିକି ପରିଚିତ, ତତୋଽଧିକ ପରିଚିତ ଜର୍ମାନ୍‌ରେ। ତାଙ୍କ ଉପନ୍ୟାସର ଇଂଲିଶ୍ ଅନୁବାଦକ କବି ଜର୍ଜ ସିର୍ଟେସ୍ କହନ୍ତି: କ୍ରାସ୍‌ନାହୋରକାଇ ଜଣେ ମନଜିଣା ଲେଖକ। ଏପରିଭାବେ ତାଙ୍କ ଲେଖା ଆକୃଷ୍ଟ କରେ ଯେ ସେ ଯେଉଁ ଜଗତର ଚିତ୍ର ଆଙ୍କନ୍ତି, ତାହା ବାରବାର ପାଠକର ଅନ୍ତର୍ଲୋକରେ ପ୍ରତିଧ୍ୱନିତ ହେଉଥାଏ।

କ୍ରାସ୍‌ନାହୋରକାଇଙ୍କ ରଚନା ଖାଲି ପାଠକଙ୍କ ପାଇଁ ନୁହେଁ, ସାହିତ୍ୟ ସମାଲୋଚକଙ୍କ ପାଇଁ ବି କେବେକେବେ ଆହ୍ୱାନପୂର୍ଣ୍ଣ। ନିଜ ଲେଖାର ଜଟିଳ ଶୈଳୀ ସମ୍ବନ୍ଧରେ କହିବାକୁ ଯାଇ ଲେଖକ କହନ୍ତି: ''ପାଗଳାମିର ସୀମାଯାଏଁ ବାସ୍ତବତାର ପରୀକ୍ଷା'' ହେଉଛି ମୋ' ଲେଖା।

ମାତ୍ର ଦୁଇଶହ ବର୍ଷ ତଳର ଇତିହାସ ଥିବା ଏକ ଭାଷାର ସେ ଦ୍ୱିତୀୟ ଭାଗ୍ୟବାନ ଲେଖକ, ଯେ କି ବିଶ୍ୱଗୌରବ 'ନୋବୋଲ'ର ଅଧିକାରୀ ହୋଇଛନ୍ତି (୨୦୦୨ରେ ଇମ୍‌ରେ କାର୍ଟେସ୍ ପାଇଥିଲେ ଏହି ପୁରସ୍କାର), ଏବର୍ଷର ନୋବେଲ ପାଇଁ ଲାସ୍‌ଲୋଙ୍କ ସହିତ ଚର୍ଚ୍ଚାରେ ଥିଲେ ହାରୁକିମୁରାକାମୀ, ହିରୋମି ଇତ୍ରୋ (ଜାପାନ), ସଲ୍‌ମାନ୍ ରୁସ୍‌ଦି, ଅମିତାଭ ଘୋଷ (ଭାରତ), କ୍ୟାନ୍ ଜୁୟେ (ଚାଇନା), ଆଲି ସାଇଦ୍ ଆଡୋନିସ୍ (ସିରିୟା), ନୁରୁଦ୍ଦିନ୍ ଫାରାହ (ସୋମାଲିଆ) ଓ ଆନ୍ଦ୍ରେ କୁରକଭ୍ (ୟୁକ୍ରେନ୍)ଙ୍କ ଭଳି ସାହିତ୍ୟ-ରଥୀ। କିନ୍ତୁ ସବୁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ନୋବେଲ ଜିତିଲେ ଲାସ୍‌ଲୋ। ସାହିତ୍ୟ-ନୋବେଲର ଅର୍ଥ ମୂଲ୍ୟ ଏଥର ରହିଛି ଭାରତୀୟ ମୁଦ୍ରାରେ ଦଶକୋଟି ତେଇଶ ଲକ୍ଷ ଟଙ୍କା। ୧୦ ଡିସେମ୍ବର ୨୦୨୫ରେ ସ୍ୱିଡେନ୍‌ର ଷ୍ଟକହୋମ୍‌ଠାରେ ଅନୁଷ୍ଠିତ ହେବ ପୁରସ୍କାର ପ୍ରଦାନ ଉତ୍ସବ।

ହଂଗେରୀର ମୂଳବାସିନ୍ଦା ହୋଇ ବି ଲାସ୍‌ଲୋ ବିଶ୍ୱବାସୀ। କେବେ ବର୍ଲିନ୍, ଫ୍ରାଙ୍କଫୁର୍ଟ୍, ଭିଏତ୍‌ନାମ ତ କେବେ ହଂଗେରୀରେ ଜମେ ତାଙ୍କ ଆସ୍ଥାନ। ଗୋଟିଏ ଜାଗାରେ ଦୀର୍ଘକାଳ ରହଣି ତାଙ୍କ ପାଇଁ ଯେପରି କ୍ଳାନ୍ତିକର, ଗତିହୀନ ସୃଷ୍ଟି ସେହିପରି ଅନାକର୍ଷକ। ସଂଶୟ ଓ ସଂତ୍ରାସରେ ଉବୁଟୁବୁ ଆଜିର ସମୟରେ ଶଙ୍କାହୀନ ତରୀ ଯେଉଁ ସାହିତ୍ୟ, ତା'ର ସବୁଠୁଁ ଦୁର୍ଦ୍ଧର୍ଷ ତରେଇ କ୍ରାସ୍‌ନାହୋରକାଇ। ତାଙ୍କୁ ବିଶ୍ୱର ପ୍ରଣାମ!

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫

## ଜୀବନର ସବୁଠୁଁ ବଡ଼ ପ୍ରାର୍ଥନା ଭାଷା...

**୯ ଅକ୍ଟୋବରରେ ୨୦୨୫ ପାଇଁ ସାହିତ୍ୟରେ ନୋବେଲ ଚୟନର ନିଷ୍ପତ୍ତି ନେଲେ ନୋବେଲ କମିଟି । ଏ ଖବର କମିଟି ପକ୍ଷରୁ ଜଣେ ମହିଳା ଟେଲିଫୋନ୍‌ରେ ଜଣାଇଲେ ଲାସ୍‌ଲୋଙ୍କୁ । ଲାସ୍‌ଲୋଙ୍କ ସହ ସେଇ ମହିଳାଙ୍କ ଆଳାପଚାରିତାର କିଛି ଅଂଶ:**

**ମହିଳା:** ଆପଣଙ୍କ ପାଇଁ ଏକ ସୁଖବର। ସାହିତ୍ୟରେ ଏ ବର୍ଷର ନୋବେଲ ପୁରସ୍କାର ଦିଆଗଲା ଆପଣଙ୍କୁ। କ'ଣ ରହିବ ଆପଣଙ୍କ ପ୍ରତିକ୍ରିୟା ?

**ଲାସ୍‌ଲୋ:** ଆକାଶରୁ ଖସିଲା ପରି ଲାଗୁଛି। ମୁଁ ବହୁତ ଖୁସି...

**ମହିଳା:** ଆପଣଙ୍କ ଅଧିକାଂଶ ଲେଖାର ପ୍ରେରଣା କେଉଁଠୁ ଆସେ ?

**ଲାସ୍‌ଲୋ:** ଜୀବନର ତିକ୍ତତା, ଅନିଶ୍ଚୟତା ଓ ଭୟରୁ।

**ମହିଳା:** ଜୀବନର ତିକ୍ତତା, ଅନିଶ୍ଚୟତାରୁ ପ୍ରେରଣା ? କ'ଣ ସମ୍ଭବ ?

**ଲାସ୍‌ଲୋ:** ବିଟାରନେସ୍ ଆଣ୍ଡ୍ ବିଟାରନେସ୍। ଆମେ ଗତିକରୁଛେଁ ଏକ ଅନ୍ଧକାରମୟ ସମୟ ଦେଇ। ଅନ୍ଧକାର ବିରୁଦ୍ଧରେ ଲଢ଼େଇ ଜାରି ରଖିବାକୁ ହେବ। ଯେତେ ଅଧିକ ହେଉଛି ଅନ୍ଧକାର, ସେତେ ଅନୁଭବ କରୁଛି ଲଢ଼େଇ ଚଳେଇ ରଖିବାର ପ୍ରେରଣା।

**ମହିଳା:** କେବେ ହତାଶ ଲାଗେନା ?

**ଲାସ୍‌ଲୋ:** ଏଇଠି କାଫ୍‌କାଙ୍କ ସହ ମୋର ପାର୍ଥକ୍ୟ। ମୁଁ କାଫ୍‌କାଙ୍କ ଦ୍ୱାରା ପ୍ରଭାବିତ। କିନ୍ତୁ ମୋ' ଲେଖାରେ ଏକ ଉଗ୍ର ଅଭିଳାଷ ଅଛି। ତାହା ହେଲା– ଅନ୍ଧକାର ଭିତରୁ ଆମକୁ ବାହାରିବାକୁ ହେବ। ଏଇ ଚେଷ୍ଟା ହିଁ ହେଉଛି ଜୀବନ।

**ମହିଳା:** ଏହା କ'ଣ ଆପଣଙ୍କ ଲେଖାର ମୂଳ ବିଷୟ ?

**ଲାସ୍‌ଲୋ:** ମୋର ସବୁ ଲେଖାର ଏହା ହିଁ ବିଷୟ। କାଫ୍‌କାଙ୍କ ବିଟାରନେସ୍ ମୋ' ଲେଖାରେ ଅଛି ସତ, ହେଲେ ଏଥିସହିତ ଅଛି ଏଇ ପ୍ରତ୍ୟୟ ଯେ ଅନ୍ଧକାର ମଧ୍ୟରୁ ଆସିବ ମୁକ୍ତି।

**ମହିଳା:** କେଉଁଥିରେ ଆପଣଙ୍କର ଚୂଡ଼ାନ୍ତ ବିଶ୍ୱାସ ?

**ଲାସ୍‌ଲୋ:** ମଣିଷର ସାମର୍ଥ୍ୟରେ। ଯେଉଁ ସାମର୍ଥ୍ୟ ଆମକୁ ଅନ୍ଧକାର ପାଖରେ ନତଜାନୁ ହେବାକୁ ଦେବ ନାହିଁ।

**ମହିଳା:** ଜୀବନର ସବୁଠାରୁ ବଡ଼ ପ୍ରାର୍ଥନା କ'ଣ ?

**ଲାସ୍‌ଲୋ:** ଭାଷା। ଭାଷା ଯେପରି ମୋତେ ଛାଡ଼ି ନ ଯାଏ! ଭାଷା ମୋର ଅସ୍ତ୍ର। ରୋଜ୍ ଯେପରି ନୂଆ କରି ତାକୁ ଶାଣ ଦେଇପାରେ! ଆଉ କେବେ ବି ଭୁଲି ନ ଯାଏ ଯେ ଜୀବନର ଗୋଟିଏ ବୋଲି ବାସ୍ତବ–ବିଟାରନେସ୍!

## କାଳକାଳକୁ



**''ଯାହା କରିବାକୁ ଚାହଁ, ଏଇନା କର; କାରଣ ସବୁବେଳେ ସ୍ଥିତି ଅନୁକୂଳ ନ ଥାଏ।''**
**–ଡୋରିସ୍ ଲେସିଙ୍ଗ୍**

**ଡୋରିସ୍ ଲେସିଙ୍ଗ୍‌ଙ୍କ** ଜନ୍ମ ୨୨ ଅକ୍ଟୋବର ୧୯୧୯ରେ ଇରାନ୍‌ର କେରମାନଶାହରେ ଓ ପରଲୋକ ୧୭ ନଭେମ୍ବର ୨୦୧୩ରେ, ଲଣ୍ଡନରେ। ଏକାଧାରରେ ଗଳ୍ପ, କବିତା, ନାଟକ ଓ ଜୀବନୀ ଲେଖୁଥିବା ଏହି ବ୍ରିଟିଶ୍ ଲେଖିକାଙ୍କର ପ୍ରମୁଖ ଗ୍ରନ୍ଥଗୁଡ଼ିକ ହେଲା– 'ଦ ଗ୍ରାସ୍ ଇଜ୍ ସିଙ୍ଗିଙ୍ଗ୍' (୧୯୫୦), 'ଚିଲ୍‌ଡ୍ରେନ୍ ଅଫ୍ ଭାଓଲେନ୍ସ' (୧୯୫୨–୧୯୬୯: ପାଞ୍ଚଟି ଉପନ୍ୟାସ ଏକତ୍ର), 'ଦ ଗୋଲ୍‌ଡେନ୍ ନୋଟ୍‌ବୁକ୍' (୧୯୬୨), 'ଦ ଗୁଡ୍ ଟେରରିଷ୍ଟ' (୧୯୮୫), 'କେନୋପସ୍ ଇନ୍ ଆର୍‌ଗୋସ୍: ଆର୍କାଇଭ୍‌ସ' (୧୯୭୯–୧୯୮୩)। ଡୋରିସ୍ ଥିଲେ ଖଣ୍ଡିତ ସଭ୍ୟତାର ରୂପକାର। ଆଧୁନିକବାଦ, ଉତ୍ତର–ଆଧୁନିକବାଦ, ସୁଫିବାଦ, ସମାଜବାଦ ଓ ନାରୀବାଦର ମିଶ୍ର ସ୍ୱର। ୨୦୦୮ରେ 'ଦ ଟାଇମ୍‌ସ' କରିଥିବା ୧୯୪୫ରୁ ଲେଖୁଥିବା ୫୦ ଜଣ ଶ୍ରେଷ୍ଠ ବ୍ରିଟିଶ୍ ଲେଖକଙ୍କ ତାଲିକାରେ ପଞ୍ଚମ ସ୍ଥାନରେ ରହିଥିଲେ ଡୋରିସ୍। ଲେସିଙ୍ଗ୍ କହନ୍ତି: ''ଏଥିରେ ସନ୍ଦେହ ନାହିଁ ଯେ କଳ୍ପନା ହିଁ ସତ୍ୟର ସର୍ବୋତ୍ତମ ବାହକ।'' ସାହିତ୍ୟ ପାଇଁ ସେ ପାଇଥିବା ବିଶ୍ୱର ଉଲ୍ଲେଖନୀୟ ପୁରସ୍କାରଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ସମର୍‌ସେଟ୍ ମମ୍ ପୁରସ୍କାର' (୧୯୫୪), ୟୁରୋପୀୟ ସାହିତ୍ୟ ପାଇଁ 'ଅଷ୍ଟ୍ରୀୟ ରାଜ୍ୟ ପୁରସ୍କାର' (୧୯୮୧), 'ଡବ୍ଲ୍ୟୁ.ଏଚ୍. ସ୍ମିଥ୍ ସାହିତ୍ୟ ପୁରସ୍କାର' (୧୯୮୬) ଓ ସାହିତ୍ୟ ପାଇଁ 'ନୋବେଲ ପୁରସ୍କାର' (୨୦୦୭)।

## ମିନିଗଳ୍ପ

### ରେବତୀ

**ଭବାନୀ ଶଙ୍କର ଦାଶ**



ଦିବ୍ୟା ମରଣର ରାଜନୀତିକରଣ ଭାରି ବାଧୁଛି। ହେଲା, ବ୍ୟାସଙ୍କ ରେବତୀ ପାଠ ପଢ଼ିବାରୁ ସଂସାର ଉଜୁଡ଼ିଗଲା। ତା'ପରେ ପାଠ ପଢୁପଢୁ ଓ ପଢ଼ାଉ ପଢ଼ାଉ କେତେ କା'ର ମରଣ ହେଲା। କ'ଣଟେ ନିହାଲ ହେଲା? ତଦନ୍ତ ହବ। ହୋ ହଲ୍ଲା, ଆନ୍ଦୋଳନ, ଧାରଣା, ନାରାବାଜି ଓ ଭାଷଣବାଜି ଚାଲିବ। ଜୁଇନିଆଁ ଶୀତଳ ହବା ଆଗରୁ ଆଉ ସବୁ ଶୀତଳେଇଯିବ। ମୋକଦ୍ଦମାଟି କେବଳ ବଞ୍ଚିଥିବ ଶୂନ୍ୟେ ଶୂନ୍ୟେ ବାରମ୍ବାର ଚୋଟ ମାରିବାକୁ ବାପର ଛାତିରେ। ହେ ସଂକ୍ରାନ୍ତି ପୁରୁଷ, ଦିବ୍ୟା କ'ଣ ରେବତୀର ନୂଆ ସଂସ୍କରଣ ନା ଅପଙ୍ଗ ଗଣତନ୍ତ୍ରର ଆଗ୍ନେୟ ପ୍ରତିମାନ?

ମୋ: ୮୯୧୭୬୨୪୩୮୬

## କବିତା

### ମୁଁ ଯଦି ହଜିଯାଏ

**ଚିନ୍ମୟୀ ପଣ୍ଡା**

ମୁଁ ଯଦି ହଜିଯିବି...
ତୁ କ'ଣ ମତେ ଖୋଜିବୁ ?
ମତେ କ'ଣ ତୁ ପାଇବୁ ?

ଯଦି ହଜିଯାଏ, ପାଇବୁ ମତେ
ତୋ ହୃଦୟର ଗମ୍ଭୀରା ଘରେ,
ମାଲିକାନା ମୁଁ ନେଇଛି,
ଅନେକ ଜନ୍ମରୁ ରହିଛି,
ଘଟ ବଦଳି ଚାଲିଛି
ହେଲେ, ମୋ ଠିକଣା
ତୋ ହୃଦୟର ଗମ୍ଭୀରା ଘରେ।

ଯଦି ହଜିଯାଏ,
ପାଇବୁ ମତେ ତୋ ହୃତ୍‌ସ୍ପନ୍ଦନରେ,
ତୋ ନିଃଶ୍ୱାସରେ, ତୋ ପ୍ରଶ୍ୱାସରେ,
ତୋ ବିଶ୍ୱାସରେ, ମୁଁ ଅଛି, ଥିଲି
ଓ ଥିବି, ପ୍ରେମର ପିରାମିଡ଼ରେ।

ଯଦି ହଜିଯାଏ, ଖୋଜିବୁ
ତୋ ଆତ୍ମାର ଅତଳତଳେ,
ଖେଳୁଥିବା ଭାବନାରେ,
ବୁଲୁଥିବା ପବନରେ,
କହୁଥିବା କଥାରେ,
ମୁଁ ହିଁ ଭାବ, ମୁଁ ହିଁ ଗପ,
ମୁଁ ରହିଛି ତୋ ଆଖିରେ।

ଯଦି ହଜିଯାଏ, ସତରେ କ'ଣ
ତୁ ଏବେ ବି ଖୋଜିବୁ ?
ନା, ମତେ ତୋ ଠାରୁ ହଜି ଆସେନି।
ତୋ ଖୋଜିବା ଉପରେ
ଯେହେତୁ ଭରସା ନାହିଁ।

ମୋ: ୯୮୬୧୧୯୧୯୬୯

### ସ୍ୱୀକୃତି

**ଅକ୍ଷୟ ପାତ୍ର**

କାହା ପାଖେ ହେବାକୁ ଚାହଁ ସ୍ୱୀକୃତ ?
କିଏ ବା ତମ ପାଇଁ ଉଦାର ଚିତ୍ତେ
ଧରିବୁଲୁଥାଏ ସ୍ୱୀକୃତି–ପତ୍ର ?

ଏ ଅବଧି ନିଜେ ନିଜକୁ ଆମନ୍ତ୍ରି ଆଣି
ଆତ୍ମାର ସନ୍ନିଧି
ଲୋଡ଼ିଲଣି କି ନିଜ ପାଶେ
ନିଜ ପରିଚିତି ?

ସ୍ୱୀକୃତ କରାଇ ନିଜର ଥିତି
ନିଜ ପାଶେ ହକ୍‌ଦାର ହେଲଣି କି
ପାଇବାକୁ ବାଞ୍ଛିତ ସ୍ୱୀକୃତି ?

ହଁ, ଆତ୍ମା ଆଉ କ'ଣ କି ?
ଏକ ସଫେଦ ଅନୁଭୂତି
ଯେଉଁଠି ନିରବତା ବି ନିରବ
ତହିଁ କାହୁଁବା ପାଇବେ ସ୍ୱୀକୃତି
ସ୍ଫୋଟ ଓ ସ୍ଫୀତି ?

ଅଗତ୍ୟା ନିଜ ପାଶେ
ନିଜର ନଥାଇ ଆଦୃତି
ନିଜ ରୀତି, ନିଜ କୃତି
ନିଜ କୀରତିକୁ କାୟମନୋବାକ୍ୟେ
ଅନ୍ତର୍ଗତେ ନିରବେ ନ ଥାପି
କେହି କ'ଣ କାହାଠୁଁ
ପାଇଲାଣି ସ୍ୱୀକୃତି ?

ଫୁଃ ! ଅପରଠୁଁ ଲୋଡ଼ାପଡୁଥିବା
ବହୁ କାଂକ୍ଷିତ ସ୍ୱୀକୃତି...
ଏକ ଦୁର୍ବଳର ଭୀରୁ ମନଃସ୍ଥିତି ;
ନିଜଠୁଁ ଲୋଡ଼
ଦମ୍ଭିଲା ରଖି ଆପଣା ଛାତି !

ଖଜୁରିଆକଟା, ଢେଙ୍କାନାଳ
ମୋ: ୭୦୭୭୯୮୪୯୬୦

## ବ୍ୟଙ୍ଗ କବିତା

### ଗାଈଙ୍କ ଧର୍ମଘଟ

**ପ୍ରଶାନ୍ତ କୁମାର ସାହୁ**

ବାଟେ ଶୋଇଥିଲେ ଗାଈ
ପଚାରିଲି ତାଙ୍କୁ ଯାଇ
କାହିଁକି ଶୋଇଛ ବାଟେଘାଟେ ତୁମେ
ବୁଦ୍ଧିଶୁଦ୍ଧି ଟିକେ ନାହିଁ ?

କହିଲେ ସେ ମୋତେ ଭାଇ
ତୁମର କି ବୁଦ୍ଧି ନାହିଁ
ଗୁହାଳକୁ ଘର କରିଦେଇ ଏବେ
ଶାନ୍ତିରେ ଯାଉଛ ଶୋଇ।

ଆମ କଥା ଚିନ୍ତା ନାହିଁ
ପଛ କଥା ଭୁଲି ଯାଇ
କେମିତି କହୁଛ ବାଟରେ ଶୋଇଛ
କ୍ଷୀରତକ ପିଇ ଦେଇ।

ନଡ଼ା ବିଡ଼େ ଦେଲ ନାହିଁ
ପେଯ ମୁନ୍ଦେ ଦେଲ କାହିଁ
କେମିତି ରହିବୁ କେମିତି ଚଳିବୁ
ଚିନ୍ତା ଟିକେ କଲ ନାହିଁ।

ବରଷାରେ ନେଲ ନାହିଁ
ଶୀତରେ ଲୋଡ଼ିଲ ନାହିଁ
ଭାବିଲା ବେଳକୁ ଆଖିରୁ ଆମର
ଲୁହ ଯାଉଅଛି ବୋହି।

ବାଟ ଜଗିଅଛୁ ଶୋଇ
କେବେ ବି ଛାଡ଼ିବୁ ନାହିଁ
ଧର୍ମଘଟ ଇଏ ଚାଲିଅଛି ଆମ
ଦେଖୁଥାଅ ଖାଲି ରହି।

ଇନ୍ଦିପୁର, ଚନ୍ଦନମଣ୍ଡପ ସାହି,
ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## ପୂଜା ପତ୍ରିକା - ୨୦୨୫

### ଅମୃତାୟନ



**ସମ୍ପାଦିକା: ସୌମ୍ୟା ରଥ**
**ଏ–ଫୋର୍ ସାଇଜ୍, ପୃ:୧୯୦, ମୂଲ୍ୟ: ଟ.୧୫୦/–**

ସମ୍ପାଦକୀୟ 'ଆବାହନୀ'ରେ ଆଶାକରାଯାଇଛି– ସମସ୍ତେ ଭଦ୍ର ଓ ସଂସ୍କାରିତ ହୁଅନ୍ତୁ! ତା'ପରେ ଶ୍ରୀଅରବିନ୍ଦଙ୍କ 'ଦୁର୍ଗାସ୍ତୋତ୍ର' ଓ ଦିବ୍ୟବାଣୀ ; ବିଜୟା ମିଶ୍ରଙ୍କ 'ଚର୍ଚ୍ଚାରେ'। 'ଖୁସି ମିଳିବ ଖୁସି ବାଣ୍ଟିବାରେ'– ଏହା ତାଙ୍କର ଅନୁଭବ। ପତ୍ରିକାରେ ସ୍ଥାନିତ ଧାରାବାହିକ ଉପନ୍ୟାସ, ମାନସ ମନ୍ଥନ, ନବପର୍ବ, ଗଳ୍ପ ସମ୍ଭାର, କବିତା, ଅନୁବାଦ ଗଳ୍ପ, ରମ୍ୟରଚନା ଓ ସ୍ୱାସ୍ଥ୍ୟ। ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରଫୁଲ୍ଲ କୁମାର ମହାନ୍ତି, ଶରତ ଚନ୍ଦ୍ର ରଥ, ତ୍ରିନାଥ ପଟ୍ଟନାୟକ ଓ ନିଖିଳାନନ୍ଦ ପାଣିଗ୍ରାହୀ 'ମାନସ ମନ୍ଥନ'ରେ ; ଗଳ୍ପରେ ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ତରୁଣକାନ୍ତି ମିଶ୍ର, ଇନ୍ଦିରା ଦାଶ, ଭାସ୍କର ଜେନା, ନିତ୍ୟାନନ୍ଦ ପଣ୍ଡା ଓ ଲକ୍ଷ୍ମୀଚାନ୍ଦ ; କବିତାରେ ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥୀ, ଅଶ୍ୱିନୀ କୁମାର ମିଶ୍ର, ହୃଷୀକେଶ ମଲ୍ଲିକ, ବନଜ ଦେବୀ ଓ ଗାୟତ୍ରୀବାଳା ପଣ୍ଡା ପ୍ରମୁଖ ବହୁ ପ୍ରବୀଣ ଓ ନୂତନ ଲେଖିକାଲେଖକ ସାମିଲ। 'ନବପର୍ବ'ରେ ନବୀନତାର ସନ୍ଧାନ ହର ଦାସୀୟ।


### ଶାଶ୍ୱତ ପାହାଚ



**ସମ୍ପାଦକ: କମଳ କୁମାର ମହାନ୍ତି**
**ଏ–ଫୋର୍ ସାଇଜ୍, ପୃ:୨୭୬, ମୂଲ୍ୟ: ଟ.୨୦୦/–**

ସମ୍ପାଦକୀୟ 'କଳାଧଳା ଜୀବନ'ରେ ଅତୀତ ଓ ବର୍ତ୍ତମାନର ଜୀବନ ବଞ୍ଚିବା ଭିତରେ ସୁନ୍ଦର ତୁଳନା। ବରିଷ୍ଠ କଥାକାର ତରୁଣକାନ୍ତି ମିଶ୍ରଙ୍କ ଉପରେ ସ୍ୱତନ୍ତ୍ର ଫିଚର ପ୍ରସ୍ତୁତ କରିଛନ୍ତି ରବି ପଣ୍ଡା। ଭଲ ଗଳ୍ପର ଆପାତଃ ସଂଜ୍ଞା ଦେଇ ତରୁଣକାନ୍ତି କହିଛନ୍ତି– ଯେଉଁ ଗପ ଅନେକଦିନ ପରେ ମନେପଡ଼େ ସୁଖରେ, ଦୁଃଖରେ, ନିରୋଳାରେ– ତାହା ହିଁ ଭଲ ଗପ। ଗାଳ୍ପିକର ମର୍ମକଥା, କବି ହୃଦୟର ଭାଷା, ସଚ୍ଚିରାଉତରାୟ କବିତା ପାହାଚ, ଗଡ଼ନାୟକ କବିତା ପାହାଚ, ମାନସିଂହ କବିତା ପାହାଚରେ ଅଛନ୍ତି ଆଶୁତୋଷ ପରିଡ଼ା, ଭଗବାନ ଜୟସିଂହ, ରୋହିଣୀକାନ୍ତ ମୁଖାର୍ଜୀ, ସୂର୍ଯ୍ୟ ମିଶ୍ର, ପ୍ରସନ୍ନ କୁମାର ମହାନ୍ତି, ହୃଷୀକେଶ ମଲ୍ଲିକ, ପୀତାମ୍ବର ତରାଇ, ଫନୀ ମହାନ୍ତି, ମମତା ଦାଶ ଓ ଅମରେଶ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ଓ ତରୁଣ କବି। କଥାରେ ଦୁଇଟି ପାହାଚ– ଫକୀରମୋହନ ଓ ଗୋଦାବରୀଶ କଥା ପାହାଚ। ନୀଳମଣି ମିଶ୍ର ଅନୁବାଦ ପାହାଚ, ଜୀବନାନନ୍ଦ ଗୀତି ପାହାଚ ଓ ପୁସ୍ତକ ସମୀକ୍ଷା। ପତ୍ରିକାରେ ଲେଖକମାନେ ସୁନିର୍ବାଚିତ। ପ୍ରଚ୍ଛଦ ଅଣଗତାନୁଗତିକ।

### ଭିଜାମାଟି



**ସମ୍ପାଦିକା: ଚିନ୍ମୟୀ ଷଡ଼ଙ୍ଗୀ**
**ଏ–ଫୋର୍ ସାଇଜ୍, ପୃ:୨୧୬, ମୂଲ୍ୟ: ଟ.୧୦୦/–**

ଅପରାହ୍ନର ଛାଇ ବିଶେଷାଙ୍କ ଭାବେ ପ୍ରକାଶ ପାଇଛି 'ଭିଜାମାଟି'। ସମ୍ପାଦକୀୟର ନିଷ୍କର୍ଷ ବାକ୍ୟଟି ହେଉଛି– ''ଜୀବନ ଖୁବ୍ ଲମ୍ବା ନ ହେଉ ପଛେ ଉପଲବ୍ଧିର ହେଉ।'' ସ୍ମରଣୀୟ ଗଳ୍ପରେ ସ୍ଥାନିତ ମନୋଜ ଦାସଙ୍କ ଗଳ୍ପ 'ଅତିକ୍ରାନ୍ତ'। ପ୍ରବନ୍ଧରେ ଜାଗା ବନେଇଛନ୍ତି ଆଦିକନ୍ଦ ସାହୁ, ଅର୍ଚ୍ଚନା ନାୟକ, ନିରଞ୍ଜନ ପାଢ଼ୀ ; ଗଳ୍ପରେ ପରେଶ କୁମାର ପଟ୍ଟନାୟକ, ଉମାକାନ୍ତ ରାଉତ (ଅରୂପ), ମୃଣାଳ, ଭୀମ ପୃଷ୍ଟି, ସରୋଜିନୀ ସାହୁ, ପଦ୍ମଜ ପାଳ ଓ ସତ୍ୟପ୍ରିୟ ମହାଳିକ ; କବିତାରେ ନୀଳାଦ୍ରିଭୂଷଣ ହରିଚନ୍ଦନ, ସୁରେଶ କୁମାର ନାୟକ, ସୁରେନ୍ଦ୍ର ପାଣିଗ୍ରାହୀ, ଇପ୍‌ସିତା ଷଡ଼ଙ୍ଗୀ ଓ ହରିଶ୍ଚନ୍ଦ୍ର ବେହେରା ; ଗୀତି–କବିତାରେ ନନ୍ଦକିଶୋର ସିଂହ, ଧନଞ୍ଜୟ ସ୍ୱାଇଁ ଓ ହଂସନାଥ ମୁଦୁଲି। ଏଥିସହିତ ରହିଛି ବହିକଥା। ପାରମିତା ଶତପଥୀଙ୍କ ସ୍ମୃତି–କଥନ ହୃଦୟସ୍ପର୍ଶୀ।

### ସୃଜନ ସ୍ୱପ୍ନ



**ସମ୍ପାଦିକା: ଦେବଶ୍ରୀ ଧଳ (ଜେନା)**
**ଏ–ଫୋର୍ ସାଇଜ୍, ପୃ:୨୭୨, ମୂଲ୍ୟ: ଟ.୩୦୦/–**

ପତ୍ରିକାର ବିଭାଗଗୁଡ଼ିକ ହେଲା– ସୃଜନ ସଂସ୍କୃତି, ସୃଜନ ଆଳାପ, କାବ୍ୟ ସୃଜନ, କଥା ସୃଜନ, ଗୀତି ସୃଜନ, ସୃଜନ ବ୍ୟକ୍ତିତ୍ୱ, ସୃଜନ ସମ୍ଭାର ଓ ସୃଜନ ସମୀକ୍ଷା। କବିତା ସୃଜନରେ ନୃସିଂହ ତ୍ରିପାଠୀ, ଅମରେନ୍ଦ୍ର ଖଟୁଆ, ଦିଲୀପ କୁମାର ସ୍ୱାଇଁ, ରକ୍ଷକ ନାୟକ, ଦେବେନ୍ଦ୍ର ବାଉରୀ ; କଥା ସୃଜନରେ ଦେଶବନ୍ଧୁ ସ୍ୱାଇଁ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ମୌସୁମୀ ପରିଡ଼ା ; ଗୀତି ସୃଜନରେ ଲିଙ୍ଗରାଜ ରଥ, ବାବାଜି ଚରଣ ଜେନା, ଭିକାରୀ ଧଳ ; ସୃଜନ ସମ୍ଭାରରେ ହେନେରିଟା ମିଶ୍ର, ନିବେଦିତା ମହାନ୍ତି ଓ ମମତାରାଣୀ ବେହେରା ଏବଂ ଆହୁରି ଅନେକ। ପ୍ରଚ୍ଛଦରେ 'ରକ୍ତ' ନାରୀର ସୀମନ୍ତ–ତିଳକ ଚିନ୍ତନରେ ଏ ଅଭିନବତ୍ୱ ପ୍ରଶଂସନୀୟ।

### Shakti



**ସମ୍ପାଦକ: ସୁମନ ସିହ୍ନା**
**ଏ–ଫୋର୍ ସାଇଜ୍, ପୃ:୧୩୨, ମୂଲ୍ୟ: ନିଃଶୁଳ୍କ**

ପତ୍ରିକାଟି ଭଦ୍ରକର ବାଉଦପୁର ଗାଁରେ ରହୁଥିବା ବାଉଦପୁରିଆଙ୍କର ସୃଜନ–ଯାତ୍ରା, ଯାହା ଏଥର ୨୫ ବର୍ଷ ପୂରଣ କରିଛି ଓ ରୌପ୍ୟ ଜୟନ୍ତୀ ପାଳୁଛି। ବର୍ଷକୁ ଥରେ ପାର୍ବଣ ସମୟରେ ପତ୍ରିକାଟି ପ୍ରକାଶପାଏ। ଏଥିରେ କବିତା, ଗଳ୍ପ ଓ ପ୍ରବନ୍ଧ ସ୍ଥାନିତ। ଏହା ଏକ ଦ୍ୱିଭାଷିକ ପତ୍ରିକା। ବାଉଦପୁରବାସୀ ଏହାର ଲେଖିକା ଲେଖକ। ବାଉଦପୁରର ଦୁର୍ଗାପୂଜା ପ୍ରସିଦ୍ଧ। ପତ୍ରିକାରେ ସ୍ଥାନିତ ଲେଖାଗୁଡ଼ିକ ମଧ୍ୟରୁ 'ଆଦର୍ଶ ବିଦ୍ୟାନଗରୀ ବାଉଦପୁରର କିଛି ଐତିହାସିକ ଉଦାହରଣ', 'ଐତିହ୍ୟପ୍ରବଣ ପ୍ରାଚୀନ ଗାଁ ବାଉଦପୁର', '୨୫ ବର୍ଷ ସ୍ମୃତିରେ ପତ୍ରିକା ଶକ୍ତି', 'ଫେରିଚାଲ ଗାଁକୁ', 'Durgapuja in Baudpur: A Memory Etched in Time', 'ବାଉଦପୁର ଅଭିଜ୍ଞତାରୁ ପଦେ', '୨୦୨୫: ଡବଲ ଧମାକାର ବର୍ଷ', ନବୀନକୃଷ୍ଣ ଗ୍ରନ୍ଥାବଳୀ: ଅନୁଭୂତିର ଏକ ଦର୍ପଣ', 'ପ୍ରକୃତି କୋଳରେ ପ୍ରଜ୍ଞାନଗରୀ', 'ଗଳ୍ପ–ସତୀ' ପ୍ରଭୃତି ଲେଖା ବାଉଦପୁର ସଂସ୍କୃତିକୁ ଗାଁ ବାହାରେ ଚିହ୍ନେଇବାରେ ସହାୟକ ହେବ।

### ପରାଗ



**ସମ୍ପାଦକ: ବନମାଳୀ ସେନାପତି**
**ଡିମେଇ ସାଇଜ୍, ପୃ:୪୧୨, ମୂଲ୍ୟ: ଟ.୨୨୦/–**

'ଅଳ୍ପରେ ସନ୍ତୁଷ୍ଟ ହେବା ଶିଖ'– ସମ୍ପାଦକୀୟର ପ୍ରତିବେଦନ। ଗଳ୍ପ, କବିତା ଓ ପ୍ରବନ୍ଧରେ ବହୁ ଜଣାଶୁଣା ଓ ନିର୍ବାଚିତ ଲେଖିକାଲେଖକଙ୍କର ଲେଖା ପ୍ରକାଶ ପାଇଛି। ଗଳ୍ପ ଲେଖିଛନ୍ତି ନିବାରଣ ଜେନା, କ୍ଷୀରୋଦ ଦାସ, ବିରଜା ରାଉତରାୟ ଓ କବିତା ବାରିକ ; କବିତା ଲେଖିଛନ୍ତି ସଦାଶିବ ଦାଶ, ପଲ୍ଲବୀ ଦାସ, ଲକ୍ଷ୍ମୀକାନ୍ତ ପାଢ଼ୀ, ମନୋରଞ୍ଜନ ପାଣିଗ୍ରାହୀ ; ପ୍ରବନ୍ଧ ଲେଖିଛନ୍ତି ଶତ୍ରୁଘ୍ନ ପାଣ୍ଡବ ଓ ବିଭୂତିଭୂଷଣ ସେନାପତି। ଅନୁବାଦରେ ସ୍ଥାନିତ ବିଜୟ କୁମାର ପ୍ରଧାନ ଓ ଗୀତିକବିତାରେ ବାବାଜି ଚରଣ ଜେନା, ମନୋଜ ପଟ୍ଟନାୟକ, ଭରତ ଚନ୍ଦ୍ର ଦାଶ ଓ ପୂର୍ଣ୍ଣ ଦାସ ପ୍ରମୁଖ। ବରେଣ୍ୟ ଲେଖକମାନଙ୍କ ବ୍ୟତୀତ ବହୁ ସଂଖ୍ୟକ ତରୁଣୀତରୁଣ ଏହି ପତ୍ରିକାରେ ସ୍ଥାନିତ। ସୁଧା ମୂର୍ତ୍ତିଙ୍କ କନ୍ନଡ଼ ଗଳ୍ପ ଅନୁବାଦ କରିଛନ୍ତି ଦୀପିକା ସେନାପତି 'ଅନ୍ୟ ମଣିଷ' ଶୀର୍ଷକରେ। ଛାତ୍ରୀ ଆତ୍ମଦହନ ପ୍ରସଙ୍ଗ ହୋଇଛି ପତ୍ରିକାର ପ୍ରଚ୍ଛଦପ୍ରସଙ୍ଗ।

### ପଞ୍ଚବଟୀ



**ସମ୍ପାଦକ: ସୁଶାନ୍ତ କୁମାର ନାୟକ**
**ଏ–ଫୋର୍ ସାଇଜ୍, ପୃ:୪୧୨, ମୂଲ୍ୟ: ଟ.୩୦୦/–**

ପ୍ରଚ୍ଛଦରେ ଶିଳ୍ପୀ ଶଶିକାନ୍ତ ରାଉତଙ୍କ କଳାଦୃଷ୍ଟି ପତ୍ରିକା ପାଇଁ ଏକ ପୁଷ୍ପିତ ପ୍ରବେଶ ପଥ ନିର୍ମାଣ କରିଛି। ସମ୍ପାଦକୀୟ ଯୁଦ୍ଧର ପ୍ରତିପକ୍ଷରେ ଶାନ୍ତି ପ୍ରତିଷ୍ଠାର ପକ୍ଷ ନେଇଛି। କାହାଣୀରେ କୃପାସାଗର ସାହୁ, ରବି ପଣ୍ଡା, ତରୁଣ କୁମାର ସାହୁ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, କାଶୀନାଥ ନନ୍ଦୀ, ସଞ୍ଜୟ ଭଞ୍ଜ ଓ କ୍ଷେତ୍ରବାସୀ ନାଏକଙ୍କ ଗଳ୍ପ ସ୍ଥାନିତ ହୋଇଥିବାବେଳେ କବିତାରେ ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅଭୟ ନାୟକ, ପ୍ରହ୍ଲାଦ ଶତପଥୀ, ସମରେନ୍ଦ୍ରନାଥ ମହାପାତ୍ର, ରୋହିଣୀକାନ୍ତ ମୁଖାର୍ଜୀ, ନିରାକାର ଦାସ, ରମାକାନ୍ତ ଜେନାଙ୍କ କବିତା ସ୍ଥାନିତ ହୋଇଛି। ଏଥିସହ ରହିଛି କୋରାପୁଟର ଦେଶିଆ କବିତା ଓ ଗୀତି–କବିତା। ପ୍ରବନ୍ଧରେ ଅଭୟ କୁମାର ଦ୍ୱିବେଦୀ, ଫଣୀନ୍ଦ୍ର ଭୂଷଣ ନନ୍ଦ ଓ ଭରତ ବେହେରାଙ୍କ ପ୍ରବନ୍ଧ ଉଲ୍ଲେଖନୀୟ। ରହିଛି ପୁଣି ମନୋଜ ପଟ୍ଟନାୟକଙ୍କ ସନେଟ୍ 'ମନ୍ଦ୍ର ମୂର୍ଚ୍ଛନା' ଓ ବାବାଜି ଚରଣ ଜେନାଙ୍କ ଗୀତି–କବିତା 'ମାଟି ମଟାଳର ଚିତ୍ର'।

# ବାଲଡ଼ା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

କୋରାପୁଟ/ନନ୍ଦପୁର, ୧୭।୧୦ (ଅମିତାଭ ବେହେରା/ତୁଷାର କାନ୍ତ ମହାନ୍ତି)


ଅଭିଯୋଗ ପତ୍ର ଦେବାକୁ ଆସିଥିବା ୮ ୱାର୍ଡ ସଭ୍ୟସଭ୍ୟା।

ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ଓ କାର୍ଯ୍ୟ ସମ୍ପାଦନରେ ବ୍ୟାପକ ଅନିୟମିତତା କରୁଥିବା ଅଭିଯୋଗ କରି କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଧୀନ ବାଲଡ଼ା ପଞ୍ଚାୟତର ସରପଞ୍ଚ ବିକ୍ରମ ଶୀସାଙ୍କ ବିରୋଧରେ ଅନାସ୍ଥା ଆଗତ କରାଯାଇଛି। ପଞ୍ଚାୟତବାସୀଙ୍କ ପାଇଁ ଉଦ୍ଦିଷ୍ଟ ଗ୍ରାମସଭା ଓ ପଲ୍ଲୀସଭା ଆଦି ଗୁରୁତ୍ୱପୂର୍ଣ୍ଣ ବୈଠକ ୱାର୍ଡ ସଭ୍ୟସଭ୍ୟଙ୍କ ଅଜାଣତରେ ସରପଞ୍ଚ ଆୟୋଜନ କରୁଛନ୍ତି। ଏ ନେଇ ଶୁକ୍ରବାର ଅପରାହ୍ନରେ ବାଲଡ଼ା ପଞ୍ଚାୟତର ୨ନଂ ୱାର୍ଡ ସଭ୍ୟ ଆଦୁ ଖିଲ, ୩ ନଂ ସଭ୍ୟା ପାର୍ବତୀ ଆର୍ଲାବ, ୪ ନଂ ସଭ୍ୟ ମୁନା ଜାନି, ୫ ନଂ ସଭ୍ୟ ସିଦ୍ଧେଶ୍ୱର ଜାନମ, ୬ ନଂ ସଭ୍ୟ ଦଣ୍ଡଧର ଖରା, ୭ ନଂ ସଭ୍ୟା ରୁକ୍ମଣୀ ହନ୍ତାଳ, ୮ ନଂ ୱାର୍ଡ ସଭ୍ୟ ବଇଦେହି ଖିଲ ଓ ୱାର୍ଡ ନଂ ୧୦ର ସଭ୍ୟ ରାମ ଶୀସା ପ୍ରମୁଖ ଅଭିଯୋଗ ପତ୍ର ସହ କୋରାପୁଟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସରପଞ୍ଚ ଶୀସାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଉପଜିଲାପାଳ ପ୍ରେମଲାଲ ହିଆଲଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କଲେକ୍ଟର ସୁଜାତା ପାଢ଼ୀ ୱାର୍ଡସଭ୍ୟଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଜିଲାପାଳ ଓ ଉପଜିଲାପାଳଙ୍କ ସହ ଆଲୋଚନା କରି ଅଭିଯୋଗର ବିଚାର କରାଯିବ ବୋଲି ସୂଚନା ଦେଇଛନ୍ତି। ୪ ଦିନ ବ୍ୟବଧାନରେ ନନ୍ଦପୁର ବ୍ଲକର ୨ ପଞ୍ଚାୟତ ଅତଣ୍ଡା ଓ ବାଲଡ଼ା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେବା ଘଟଣା ବର୍ତ୍ତମାନ ଜିଲା ସଦର ମହକୁମା ସମେତ ନନ୍ଦପୁର ବ୍ଲକ ଅଞ୍ଚଳର ରାଜନୀତିକୁ ସରଗରମ କରିଛି। ବାଲଡ଼ା ସରପଞ୍ଚ ଶୀସା ଏବଂ ୱାର୍ଡ ସଭ୍ୟମାନଙ୍କ ଏଭଳି ଅନାସ୍ଥା ପ୍ରସ୍ତାବକୁ ସମାଲୋଚନା କରିଛନ୍ତି। ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ପିଇଓ, ଡିଇଓ, ଯନ୍ତ୍ରୀ,

### କାର୍ଯ୍ୟରେ ଅନିୟମିତତା, ୱାର୍ଡସଭ୍ୟଙ୍କୁ ଅଣଦେଖା ଅଭିଯୋଗ

ନିର୍ବାହୀ ଯନ୍ତ୍ରୀ ଜିପିଡିଓ ଓ ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଛି। ପଞ୍ଚାୟତର ସମିତିସଭ୍ୟ ବ୍ଲକ ଅଧ୍ୟକ୍ଷା ରହିଛନ୍ତି। କୌଣସି କାର୍ଯ୍ୟରେ ଅନିୟମିତତା କରାଯାଇ ନ ଥିବା କହିଛନ୍ତି। ଗ୍ରାମସଭା ପଲ୍ଲୀସଭା ସମ୍ପର୍କରେ ସେ ନିଜେ ୱାର୍ଡ ସଭ୍ୟମାନଙ୍କୁ ଫୋନ ମାଧ୍ୟମରେ ଅବଗତ କରିଥାନ୍ତି। ପିଇଓ ଏବଂ ଡିଇଓଙ୍କ ନୋଟିସ ଓ ଚିଠି ପଠାଇବା ଦାୟିତ୍ୱ। ଯଦି ସେଥିରେ କିଛି ତ୍ରୁଟି ହୋଇଥିବ ସେ ତାହାର ତର୍ଜମା କରିବେ ବୋଲି କହିଛନ୍ତି।

# ପୌର ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


ଧାରଣାରେ ବସିଥିବା ଅଳିଆ ଗାଡ଼ି ଡ୍ରାଇଭର ଓ ସ୍ୱଚ୍ଛ କର୍ମଚାରୀମାନେ।

ଜୟପୁର, ୧୭।୧୦(ପବନ ପାଣିଗ୍ରାହୀ)

ଜୟପୁର ପୌର ଅଳିଆ ଗାଡ଼ି ଡ୍ରାଇଭର ଓ ସ୍ୱଚ୍ଛ କର୍ମଚାରୀଙ୍କ ପକ୍ଷରୁ ଦରମା ଦାବିକରି ଶୁକ୍ରବାର କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଛି। ଠିକା ସଂସ୍ଥା ଗୋଟିଏ ମାସର ଦରମା ଦେବା ପରେ କର୍ମଚାରୀ ଧାରଣାରୁ ଓହରିଥିଲେ। ଜୟପୁର ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ପୌରପାଳିକା ଏକ ଠିକା ସଂସ୍ଥା ହାତରେ ଏହି ବ୍ୟବସ୍ଥା ହସ୍ତାନ୍ତର କରିଛି। କିନ୍ତୁ ସଫେଇ କର୍ମଚାରୀଙ୍କ ଦରମା ଠିକ୍ ସମୟରେ ଦିଆଯାଉ ନ ଥିବାରୁ କର୍ମଚାରୀ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ଶୁକ୍ରବାର ସକାଳୁ ସମସ୍ତ କର୍ମଚାରୀ ପୌର କାର୍ଯ୍ୟାଳୟ ସମ୍ମୁଖରେ ଠୁଳହୋଇ ୨ ମାସର ଦରମା ଦାବି କରିଥିଲେ। ପରେ ଗାନ୍ଧୀ ପାର୍କରେ ଧାରଣାରେ ବସିଥିଲେ। ଠିକା ସଂସ୍ଥା ଦରମା ସମୟରେ ଦରମା ଦେଇ ନ ଥିବା ବେଳେ ଆଗକୁ ଦୀପାବଳି ଥିବାରୁ ସମସ୍ତ କର୍ମଚାରୀଙ୍କୁ ଟଙ୍କାର ଆବଶ୍ୟକତା ରହିଛି। ଟଙ୍କା ଦାବିରେ ପ୍ରାୟ ୭୦ଜଣ କର୍ମଚାରୀ ଆନ୍ଦୋଳନରେ ସାମିଲହୋଇ ପୌର ପରିଷଦରୁ ଗାଡ଼ି ବାହାର କରିନ ଥିଲେ।

### ଠିକା ସଂସ୍ଥା ଦରମା ଦେଉ ନ ଥିବା ନେଇ ଅଭିଯୋଗ

ଏ ନେଇ ଡ୍ରାଇଭର ଓ ଅନ୍ୟ କର୍ମଚାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଠିକା ସଂସ୍ଥା କର୍ମଚାରୀଙ୍କୁ ଫୋନ ମାଧ୍ୟମରେ କଥା ହେବା ପରେ ସେମାନେ ଧାରଣାରୁ ଓହରିଥିଲେ। ଅପରାହ୍ନରେ ଠିକା ସଂସ୍ଥା ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ ଗୋଟିଏ ମାସର ଦରମା ପ୍ରଦାନ କରାଯାଇଥିଲା। ଜୟପୁର ପୌରାଞ୍ଚଳର ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଭୁବନେଶ୍ୱରର ଏଲ୍ ଆଣ୍ଡ କେ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବାରୁ ଠିକାଦାରର ମନମୁଖୀ କାର୍ଯ୍ୟ ଚାଲିଥିବା କୁହାଯାଉଛି। ଜୟପୁର ସହରରୁ ଆବର୍ଜନା ଉଠାଯାଉ ନ ଥିଲା। କର୍ମଚାରୀଙ୍କୁ ଇପିଏଫ୍, ଇଏସ୍ଆଇ ପ୍ରତି ମାସରେ ଠିକ୍ ସମୟରେ ପୈଠ କରାଯାଉ ନ ଥିବା ମଧ୍ୟ ଅଭିଯୋଗ କରିଥିଲେ। ପ୍ରତିମାସରେ ଠିକରେ ଇପିଏଫ୍ ଓ ଇଏସ୍ଆଇ ନ କଲେ ଜରିମାନା ଦେବାକୁ ପଡ଼ିବ ରହିଛି। କିନ୍ତୁ ଏହାର ବ୍ୟବସ୍ଥା ପରେ ସୁଦ୍ଧା ଠିକା ସଂସ୍ଥାକୁ ପୌର ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି।

# ଘର ନିର୍ମାଣ ସହାୟତା ରାଶିରୁ ବଞ୍ଚିତ କୋଟିଆ ପଞ୍ଚାୟତବାସୀ

ପଟ୍ଟାଙ୍ଗି,୧୭।୧୦ (ଶରତ କୁମାର ଧଳ)


ଜଣେ ବ୍ୟକ୍ତିଙ୍କ ଆଧାରକାର୍ଡ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ସୀମାନ୍ତ କୋଟିଆ ପଞ୍ଚାୟତବାସୀ ପୂର୍ବ ସରକାରଙ୍କ ସମୟରେ ନିର୍ମାଣ ହୋଇଥିବା ଘର ବାବଦକୁ ଟଙ୍କା ପାଇବାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। କୋଟିଆ ପଞ୍ଚାୟତର ଗ୍ରାମାଞ୍ଚଳର ଗ୍ରାମବାସୀ ପୂର୍ବ ସରକାର ସମୟରେ କାର୍ଯ୍ୟାଦେଶ ପାଇ ଗୃହ ନିର୍ମାଣ କରିଥିଲେ। କିନ୍ତୁ ସେମାନେ ସରକାରୀ ଅନୁଦାନ ପାଇବାରୁ ବଞ୍ଚିତ ରହିଛନ୍ତି। ସୂଚନା ମୁତାବକ ଉକ୍ତ ପଞ୍ଚାୟତର ଆନ୍ଧ୍ର ସୀମାକୁ ଲାଗି ରହିଥିବା ଫାଟୁସିନେରୀ, ଫଗୁଣସିନେରୀ, ଡୋଲିଆମ୍ବ, ସଲପଗୁଡା, ଗଞ୍ଜେଇପଦର କଣାଦୋରା, ହରମାଣ୍ଡାଙ୍ଗି ଓ ନେରିଡିବାଲସା ଆଦି ଗ୍ରାମର ଗ୍ରାମବାସୀ ପୂର୍ବ ସରକାରଙ୍କ ଅନୁମୋଦନ କ୍ରମେ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ବିଜୁ ପକ୍କା ଘର ପାଇଁ କାର୍ଯ୍ୟାଦେଶ ପାଇଥିଲେ। କିଏ ଛାତ ଯାଏ ତ ଅନ୍ୟ କେହି ଫାଉଣ୍ଡେସନ୍ ପକାଇବା ପରେ ଉକ୍ତ ଘର ବାବଦକୁ ଟଙ୍କା ନ ପାଇ ନିରାଶ ହୋଇଛନ୍ତି। କୋଟିଆର ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ସୀମାନ୍ତବାସୀଙ୍କ ଅସୁବିଧା ନ ହେବା ନେଇ ସରକାର ଗୁରୁତ୍ୱ ଦିଆଯିବ କହୁଥିବା ବେଳେ ଉକ୍ତ ଗ୍ରାମର ଗ୍ରାମବାସୀଙ୍କୁ ପୂର୍ବ ସରକାରଙ୍କ ଉକ୍ତ ଯୋଜନାରେ ମିଳିଥିବା ଘରର ନାମ ପରିବର୍ତ୍ତନ କରି ସେମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘର ପାଇଁ ଟଙ୍କା ପ୍ରଦାନରେ ବିଳମ୍ବ କରାଯାଉ ନ ଥିବା କୁହାଯାଇଛି। ସରକାର ଏଭଳି ରାଜନୈତିକ ମନୋଭାବ ରଖି ସୀମାନ୍ତବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ନ ଦେବା ଠିକ୍ ନୁହେଁ ବୋଲି ସେମାନେ କହିଛନ୍ତି। ଏ ନେଇ କୋଟିଆ ସରପଞ୍ଚ ଲିଉ ଗେମେଲ୍‌ଙ୍କୁ ପଚାରିବାରୁ ସମସ୍ତ ସୀମାନ୍ତ ଗ୍ରାମ ଓ ପଞ୍ଚାୟତର ପ୍ରାୟ ୩୦ରୁ ୩୫ଜଣ ପୂର୍ବ ସରକାରଙ୍କ ସମୟରେ ହୋଇଥିବା ଘର ବାବଦକୁ ସହାୟତା ରାଶି ପାଇ ନ ଥିବା ନେଇ ମୁଁ ଅନେକ ଥର ବ୍ଲକ୍ ପ୍ରଶାସନକୁ ଅବଗତ କରିଛି। କିନ୍ତୁ ଏହାର କୌଣସି ସମାଧାନ କରାଯାଉ ନ ଥିବା କହି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ରାମକ୍ରିଷ୍ଣା ନାୟକଙ୍କୁ ପଚାରିବାରୁ ବିଜୁ ପକ୍କା ଯୋଜନାରେ ପାଇଥିବା ଘର ବର୍ତ୍ତମାନ ଅନ୍ତ୍ୟୋଦୟ ଯୋଜନା ନାଁରେ ନାମିତ କରାଯାଇଛି। ଏଥିଯୋଗୁ ସମସ୍ୟା ଉପୁଜିଥିବା ବେଳେ ଏହାକୁ ନେଇ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଲିଖିତ ରିପୋର୍ଟ ପ୍ରଦାନ କରାଯାଇଛି। ଅତିଶୀଘ୍ର ସମାଧାନ ହେବା ନେଇ ଆଶା ଥିବା ସେ କହିଛନ୍ତି। କୋଟିଆ ପଞ୍ଚାୟତରେ ଏହିପରି ସମସ୍ୟା ଅନେକ ଥିବା ବ୍ଲକ୍ କାର୍ଯ୍ୟାଳୟରେ ଗୃହ କାର୍ଯ୍ୟର ସମସ୍ତ ହିସାବ ପତ୍ର ରଖୁଥିବା ସ୍ୱତନ୍ତ୍ର ଭାବେ ଥିବା ରୁରାଲ୍ ହାଉସ୍ ବିଭାଗର ରିପୋର୍ଟରୁ ଜଣାପଡ଼ିଛି। ଏହାକୁ ନେଇ ଧୀରେ ଧୀରେ ସମାଧାନ କରାଯାଉଛି। ଉକ୍ତ ପଞ୍ଚାୟତର ଲୋକମାନଙ୍କ ନିକଟରେ ଗୋଟିଏ ନମ୍ବରରେ ୨ ଆଧାର କାର୍ଡ ଥିବାରୁ ଏହିପରି ସମସ୍ୟା ଉପୁଜିଥିବା ଜଣାପଡ଼ିଛି। ଓଡ଼ିଶାରେ ଗୋଟିଏ ନାଁ ଥିବା ବେଳେ ଆନ୍ଧ୍ରରେ ଅନ୍ୟ ନାମ ଥିବାରୁ ଏଭଳି ସମସ୍ୟା ହେଉଛି। ଓଡ଼ିଶାରେ ଜଣେ ବ୍ୟକ୍ତିଙ୍କ ଆଧାରକାର୍ଡରେ ଧବୁଲୁ ହିମେରିକା ରହିଛି। କିନ୍ତୁ ଆନ୍ଧ୍ରରେ ତାଙ୍କ ନାମ ସିଧାରାପୁ ଧବୁଲୁ ଉଲ୍ଲେଖ ଥିବା ଜଣାପଡ଼ିଛି। ଏଭଳି ସମସ୍ୟା ରହିଥିବାରୁ ପୂର୍ବ ସରକାରଙ୍କ ସମୟରେ ପାଇଥିବା ଲୋକଙ୍କ ଘର ନିର୍ମାଣ ଟଙ୍କା ଆକାଉଣ୍ଟକୁ ପଠାଇବେ ସମସ୍ୟା ହେଉଥିବା ଉକ୍ତ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ଘର ପାଇଥିବା ଲୋକଙ୍କ ଆକାଉଣ୍ଟକୁ ଟଙ୍କା ଯାଉଛି। କିନ୍ତୁ ବିଜୁ ପକ୍କା ଯୋଜନାରେ ଅନ୍ତର୍ଭୁକ୍ତ ଲୋକଙ୍କ ଆକାଉଣ୍ଟକୁ ଟଙ୍କା ଆସୁ ନ ଥିବା ନେଇ ପ୍ରଶ୍ନ ସୃଷ୍ଟି ହୋଇଛି।

### ଗୋଟିଏ ନମ୍ବରରେ ୨ ଭିନ୍ନ ନାଁ ଥିବାରୁ ହେଉଛି ସମସ୍ୟା

# ଗାଡ଼ି ଅଟକାଇ ମୋବାଇଲ, ଟଙ୍କା ଲୁଟ୍

ଦଶମନ୍ତପୁର,୧୭।୧୦(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ପି.ବେଡ଼ାପଦର ପଞ୍ଚାୟତସ୍ଥିତ ତୋଟାଗୁଡ଼ା ଗାଁ ନିକଟରେ ହାତରେ ଅସ୍ତ୍ରଶସ୍ତ୍ର ଧରି ଜଣେ ବ୍ୟକ୍ତିଙ୍କଠାରୁ କେତେଜଣ ଦୁର୍ବୃତ୍ତ ମୋବାଇଲ୍ ଓ ଟଙ୍କା ଶୁକ୍ରବାର ଲୁଟି ନେଇଛନ୍ତି। ଏ ନେଇ ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, କୋରାପୁଟ ସଦରଥାନା ଅଧୀନ ମାଛରା ଗାଁର କୁନା ଜାନି(୨୫) ଗାଡ଼ି(ଓଡ଼ି୩୦ବି୮୦୪୧) ଯୋଗେ ମେଡିକାଲ୍‌ରୁ ଜଣେ ରୋଗୀଙ୍କୁ ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମାରେ ଛାଡି ଏକାକୀ ଫେରୁଥିବା ବେଳେ ପରଜା ବେଡ଼ାପଦର ତୋଟାଗୁଡ଼ା ଗାଁ ନିକଟରେ ପ୍ରାୟ ୨୦ ଦୁର୍ବୃତ୍ତ ରାସ୍ତା ଅବରୋଧ କରିଥିଲେ। ତାଙ୍କ ଗାଡ଼ିକୁ ଅଟକାଇ ଚେକ୍ କରିଥିଲେ। କୁନାଙ୍କ ମୋବାଇଲ ଓ ଭଡ଼ା ବାବଦକୁ ମିଳିଥିବା ୩୩୦୦ ଟଙ୍କା ଛଡ଼ାଇ ନେଇଥିଲେ । ଏ ନେଇ କୁନା ଡ୍ରାଇଭର୍ ମହାସଂଘକୁ ଜଣାଇଥିଲେ। ଓଡ଼ିଶା ମଟର ଚାଳକ ଦଶମନ୍ତପୁର ଶାଖାର ସଭାପତି ଓ ଚାଳକମାନେ ଥାନାରେ ଅଭିଯୋଗ କରିଥିଲେ। ଡ୍ରାଇଭର୍‌ମାନେ ଏଭଳି ଆକ୍ରୋଶର ଶିକାର ହେଉଥିବା ନେଇ ଚାଳକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିଯୋଗ ଭିତ୍ତିରେ ଥାନାଧିକାରୀ ସୁକୁମା ହାଁସଦାଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଛି।


## वरीय पुलिस अधीक्षक का कार्यालय
## पूर्वी सिंहभूम, जमशेदपुर

**लापताः आवश्यक सूचना**

गुमशुदा बालिका दीक्षा कुमारी, उम्र–करीब 15 वर्ष।



सर्व साधारण को सूचित किया जाता है कि आवेदिका मनिका देवी के द्वारा अपनी पुत्री दीक्षा कुमारी, उम्र–करीब 15 वर्ष की गुमशुदगी के संबंध में संबंधित थाना परसुडीह में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा दीक्षा कुमारी, उम्र–करीब 15 वर्ष, पिता–भगवान राय, पता–बारीगोड़ा पटेलनगर, थाना–परसुडीह, जिला–पूर्वी सिंहभूम, जमशेदपुर जो दिनांक–04.10.2025 को शाम करीब 04:00 बजे अपने घर से बिना बताये निकली है अभी तक वापस नहीं लौटी है। आवेदिका एवं इनके रिश्तेदारों के द्वारा अपने स्तर से काफी खोजबीन किया गया लेकिन कुछ पता नहीं चल सका। गुमशुदा बालिका का हुलिया निम्न प्रकार है :–उम्र–करीब 15 वर्ष, कद–04 फीट 05 इंच, रंग–गोरा, पहनावा–ब्लू रंग का शूट, कथा रंग का जुता, भाषा–हिन्दी।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, विधि–व्यवस्था | : 9431706482 |
| थाना प्रभारी, परसुडीह | : 9431706515 |

वरीय पुलिस अधीक्षक, पूर्वी सिंहभूम, जमशेदपुर

PR 364439 Police(25-26)#D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108


# ମାଟି ସାମଗ୍ରୀ ପ୍ରସ୍ତୁତକରି ବିକୁଛନ୍ତି କୁମ୍ଭକାର ପରିବାର

କୋରୁକୋଣ୍ଡା,୧୭।୧୦(ଶିବଦତ୍ତ ସାହୁ)

ଦୀପାବଳି ଉପଲକ୍ଷେ ମାଲକାନଗିରି ଜିଲା ବାଲିମେଳା ସହରର କାଳୀ ଛକଠାରେ ଅନୁଷ୍ଠିତ ହେବାକୁ ଥିବା କାଳୀ ପୂଜା ସହ କୋରୁକୋଣ୍ଡା ବ୍ଲକ ଅଧୀନ ଏମ୍‌ଭି–୩୧ ଓ ଅନ୍ୟ ଅଞ୍ଚଳର ସମସ୍ତ କାଳୀ ପୂଜା ମଣ୍ଡପରେ ପ୍ରସ୍ତୁତି ସରିଛି। ପୂଜା ପାଇଁ ଆବଶ୍ୟକ ହେଉଥିବା ମାଟି ସାମଗ୍ରୀ ତିଆରିରେ ବିଭିନ୍ନ କୁମ୍ଭାକାର ସମ୍ପ୍ରଦାୟ ବ୍ୟସ୍ତ ରହିଛନ୍ତି। କାଳୀ ପୂଜାକୁ ଦୃଷ୍ଟିରେ ରଖି କୋରୁକୋଣ୍ଡା ବ୍ଲକ ଅଧୀନ ସଦାଶିବପୁର, କେନ୍ଦୁଗୁଡ଼ା, କୁମ୍ଭାରଗୁଡା, ସୋମନାଥପୁର ସମେତ ବିଭିନ୍ନ ଅଞ୍ଚଳରେ ଥିବା କୁମ୍ଭକାର ସମ୍ପ୍ରଦାୟର ମହିଳା ଓ ପୁରୁଷମାନେ ବିପୁଳ ପରିମାଣର ଦୀପ, ଝୁଣାଦାନୀ, ରୁଖା, କଳସ ଭଳି ବିଭିନ୍ନ ପ୍ରକାର ମାଟିର ପୂଜା ସାମଗ୍ରୀ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ହିନ୍ଦୁ ଧର୍ମରେ ମା' କାଳୀପୂଜା ଓ ଦୀପାବଳୀ ଏକ ମହାନ ପର୍ବ।ଏହି ପୂଜା ପାଳନ ନିମନ୍ତେ ମାଟି ଦୀପ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଗୁଡିକର ଚାହିଦା ବହୁତ ରହିଛିଥ କୁମ୍ଭକାର ସମ୍ପ୍ରଦାୟର ଲୋକଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଦୀପ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଗୁଡିକୁ ବାଲିମେଲା ସହର ସମେତ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ବିଭିନ୍ନ ହାଟ ଓ ବଜାରରେ ବସି ବିକ୍ରୀ କରୁଥିବା ଥିବା ଦେଖିବାକୁ ମିଳିଛି। ଆସନ୍ତା ୨୦ ତାରିଖରେ ମା' କାଳୀଙ୍କ ପୂଜା ରୀତିନୀତି ଅନୁସାରେ ପାଳିତ ହେବ। ଏଥିସହ ଦୀପାବଳି ଅମାବାସ୍ୟା ଅନ୍ଧକାର ରାତିରେ ଗୟା ଶ୍ରଦ୍ଧ ସହିତ ଦୀପଦାନ କାର୍ଯ୍ୟକ୍ରମ ରହିଛି। ଏଥି ପାଇଁ ଅଞ୍ଚଳବାସୀ ଉତ୍ସହାର ସହିତ ଏହି କୁମ୍ଭକାର ଭାଇ ଭଉଣୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମାଟିର ବିଭିନ୍ନ ପ୍ରକାର ପୂଜା ସାମଗ୍ରୀ ବହୁଳ ପରିମାଣରେ କିଣୁଥିବା ଦେଖିବାକୁ ମିଳିଛି।


ବାଲିମେଳା ସହରର ଦୈନିକ ବଜାରରେ ମହିଳାମାନେ ଦୀପ ବିକ୍ରି କରୁଛନ୍ତି।

# ଲକ୍ଷାଧିକ ଟଙ୍କାର ବାଣ ଜବତ, ଜଣେ ଗିରଫ

କୋରୁକୋଣ୍ଡା,୧୭।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅଧୀନ କୋରୁକୋଣ୍ଡା ସଦରସ୍ଥିତ ନୂଆଗୁଡା ଗ୍ରାମ ନିକଟରେ ପ୍ରାୟ ୧୨ ପେଟିରେ ଲକ୍ଷାଧିକ ଟଙ୍କାର ବିଭିନ୍ନ ପ୍ରକାର ବ୍ରାଣ୍ଡର ବାଣ ରଖାଯାଇଥିବା ବେଳେ ସ୍ୱତନ୍ତ୍ର ପୋଲିସ ଟିମ୍ ଏହାକୁ ଜବତ କରି ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ହେଲେ କୋରୁକୋଣ୍ଡା ବ୍ଲକ୍ ଅଞ୍ଚଳର ସିପୁ ପଣ୍ଡା। କୋରୁକୋଣ୍ଡା ଥାନାଧିକାରୀ ହିମାଂଶୁ ଶେଖର ବାରିକଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ପ୍ରଦୀପ କୁମାର ଖିଲଙ୍କ ନେତୃତ୍ୱରେ ଏକ ଟିମ୍ ବାଣ ଜବତ କରିଥିଲେ। ଏ ନେଇ କୋରୁକୋଣ୍ଡା ପୋଲିସ ପକ୍ଷରୁ ଥାନାରେ ନଂ.୧୬୪/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ବାରିକ ସୂଚନା ଦେଇଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-CTC-505, ତା.10.10.2025ରିଖ

**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର SSES/କଟକ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍‌ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ :** ₹90,75,485.63, **EMD :** ₹1,81,500/-

ବିଡ୍ ଆରମ୍ଭ ହେବା ତାରିଖ : ତା.20.10.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.11.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-686/Q/25-26



## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୩୫, ତାରିଖ: ୧୬।୧୦।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। କ୍ର.ସଂ-୧; ଟେଣ୍ଡର ନଂ.: ଇ-କେଜିପି-ସାଉଥ୍-୫୩-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ ଅଧୀନରେ ଥ୍ରୁ ଫିଟିଂ ନବୀକରଣ କାର୍ଯ୍ୟର ନିର୍ବାହ ଅର୍ଥାତ୍ ଖଡ଼ଗପୁର–ନୂଆଗାଁ ମୟୂରଭଞ୍ଜ ରୋଡ଼୍ ସେକ୍ସନରେ ୫୭.୫୦୦ ଟିଆର୍ କିମିର ଟିଏଫ୍‌ଆର୍। ଟେଣ୍ଡର ମୂଲ୍ୟ: ₹୬୪,୬୩,୯୨୧.୪୧। ଅମାନତ ରାଶି: ₹୧,୨୯,୩୦୦। କ୍ର.ସଂ-୨; ଟେଣ୍ଡର ନଂ.: ଇ-କେଜିପି-ସାଉଥ୍-୫୪-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ବାଲେଶ୍ୱରଙ୍କ ଅଧୀନରେ ରୂପ୍‌ସା–ବାଙ୍ଗିରିପୋଷୀ ସେକ୍ସନରେ (i) ଅଣ–ଇଣ୍ଟରଲକ୍‌ଡ ଗେଟ୍ ଗୁମ୍‌ଟିର ମାନକୀକରଣ ଏବଂ (ii) ଗେଟ୍ ଗୁମ୍‌ଟିର ଉନ୍ନତୀକରଣ, ଶେଡ୍‌ର ବ୍ୟବସ୍ଥା, ୨୪ ଘଣ୍ଟିଆ ଜଳଯୋଗାଣ ଏବଂ ଶୌଚାଳୟ ସୁବିଧା। ଟେଣ୍ଡର ମୂଲ୍ୟ: ₹୫,୭୮,୦୦,୬୪୪.୬୫। ଅମାନତ ରାଶି: ₹୪,୩୯,୦୦୦। କ୍ର.ସଂ-୩; ଟେଣ୍ଡର ନଂ.: ଇ-କେଜିପି-ସାଉଥ୍-୫୮-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ଦକ୍ଷିଣଙ୍କ ଅଧୀନରେ ହିଜ୍‌ଲି–ନାରାୟଣଗଡ଼ ସେକ୍ସନରେ ୨୪ ଘଣ୍ଟିଆ ନଳ ଯୋଗେ ଜଳଯୋଗାଣର ବ୍ୟବସ୍ଥା କରିବା ଏବଂ ଶୌଚାଳୟ ସୁବିଧାକୁ ଉନ୍ନତ କରିବା। ଟେଣ୍ଡର ମୂଲ୍ୟ: ₹୯୪,୧୦,୪୧୫.୦୧। ଅମାନତ ରାଶି: ₹୧,୮୮,୨୦୦। କ୍ର.ସଂ-୪; ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୪୩-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ତାମଲୁକ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ (i) ପାଂସକୁରା–ହଳଦିଆ ସେକ୍ସନରେ ଥ୍ରୁ ଟର୍ନଆଉଟ୍ ନବୀକରଣ ଅର୍ଥାତ୍– ଟିଟିଆର୍ ୧ ଇନ୍ ୧୨, ୬୦ କିଗ୍ରା (ଟିଡବ୍ଲ୍ୟୁଏସ୍+ଡବ୍ଲ୍ୟୁସିଏମ୍‌ଏସ୍‌ସି) – ୧୦ ସେଟ୍, (ii) ପାଂସକୁରା–ହଳଦିଆ ସେକ୍ସନରେ ଥ୍ରୁ ଟର୍ନଆଉଟ୍ ନବୀକରଣ, ଅର୍ଥାତ୍ – ଟିଟିଆର୍ ୧ ଇନ୍ ୮.୫, ୬୦ କିଗ୍ରା (ଟିଡବ୍ଲ୍ୟୁଏସ୍+ଡବ୍ଲ୍ୟୁସିଏମ୍‌ଏସ୍‌ସି) – ୧୨ ସେଟ୍, (iii) ତାମଲୁକ୍–ଦିଘା ସେକ୍ସନରେ ୬୦ ଗୋଟି ଏଲ୍‌ସି ଏବଂ କନେକ୍ଟିଂ ରୋଡ଼୍‌ର ଓଭରହଲିଂ ଏବଂ (iv) ତାମଲୁକ୍–ଦିଘା ସେକ୍ସନରେ ସୁଇଚ୍ ଏକ୍ସପାନ୍‌ସନ୍ ଜଏଣ୍ଟ (ଏସ୍‌ଇଜେ)ର ନବୀକରଣ। ଟେଣ୍ଡର ମୂଲ୍ୟ: ₹୨,୧୨,୭୨,୧୧୦.୭୨। ଅମାନତ ରାଶି: ₹୨,୫୬,୪୦୦। କ୍ର.ସଂ-୫; ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୪୪-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଏସ୍‌ଏସ୍‌ଇଇ/ଉତ୍ତର/ଖଡ଼ଗପୁରଙ୍କ ଅଧୀନରେ ଏସ୍‌ଏସ୍ ନଂ.୬ ଓ ଏସ୍‌ଏସ୍ ନଂ.୫ ପାଇଁ ପାୱାର ସିଷ୍ଟମର ଉନ୍ନତୀକରଣ ସଂକ୍ରାନ୍ତରେ ସିଭିଲ ଇଞ୍ଜିନିୟରିଂ କାର୍ଯ୍ୟ (୨ୟ ଆହ୍ୱାନ)। ଟେଣ୍ଡର ମୂଲ୍ୟ: ₹୭୦,୪୭,୮୬୧.୧୯। ଅମାନତ ରାଶି: ₹୧,୪୧,୦୦୦। କ୍ର.ସଂ-୬; ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ୍-୪୬-୨୦୨୫। କାର୍ଯ୍ୟର ବର୍ଣ୍ଣନା: ନିମପୁରା: ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ସର୍ଭିସ୍ ବିଲ୍‌ଡିଂଗୁଡ଼ିକର ଛାତରୁ ପାଣି ଗଳିବା, ବର୍ଷାଜଳ ନିଷ୍କାସନ ନଳ, ଜଳ ନିଷ୍କାସନ ପ୍ରଣାଳୀର ଉନ୍ନତୀକରଣ। ଟେଣ୍ଡର ମୂଲ୍ୟ: ₹୧,୦୩,୩୮,୮୪୬.୮୮। ଅମାନତ ରାଶି: ₹୨,୦୧,୭୦୦। କ୍ର.ସଂ-୭; ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ୍-୪୭-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର–ମେଦିନାପୁର–କଲେଇକୁଣ୍ଡା: ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଲ୍‌ସି ଗେଟ୍‌ଗୁଡ଼ିକରେ ଭିତ୍ତିଭୂମିର ଉନ୍ନତୀକରଣ/ପରିବର୍ଦ୍ଧନ (ପୃଷ୍ଠଭାଗ, ଫେନ୍‌ସିଂ, ଉଚ୍ଚତା ଗେଜ୍, ଶୌଚାଳୟ ଏବଂ ୧୦ ଗୋଟି ଟ୍ୟୁବ୍‌ୱେଲ୍‌ର ବ୍ୟବସ୍ଥା କରିବା)। ଟେଣ୍ଡର ମୂଲ୍ୟ: ₹୨,୨୨,୮୩,୬୭୩.୬୮। ଅମାନତ ରାଶି: ₹୨,୬୧,୪୦୦। କ୍ର.ସଂ-୮; ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ୍-୪୮-୨୦୨୫। କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର–ଟାଟାନଗର: ଏଡିଇଏନ୍/ଝାରଗ୍ରାମଙ୍କ କ୍ଷେତ୍ରାଧିକାର ଅଧୀନରେ ଏଲ୍‌ସି ଗେଟ୍‌ଗୁଡ଼ିକରେ ଭିତ୍ତିଭୂମିର ଉନ୍ନତୀକରଣ/ପରିବର୍ଦ୍ଧନ (ପୃଷ୍ଠଭାଗ, ଫେନ୍‌ସିଂ, ଉଚ୍ଚତା ଗେଜ୍, ଶୌଚାଳୟ ଏବଂ ୧୧ ଗୋଟି ଟ୍ୟୁବ୍‌ୱେଲ୍‌ର ବ୍ୟବସ୍ଥା କରିବା)। ଟେଣ୍ଡର ମୂଲ୍ୟ: ₹୨,୫୪,୯୬,୫୯୨.୦୩। ଅମାନତ ରାଶି: ₹୨,୭୭,୫୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦ (କ୍ର.ସଂ ୧ରୁ ୮ ପାଇଁ ପ୍ରତ୍ୟେକ)। ଖୋଲାଯିବା ତାରିଖ: ତା୩୦।୧୦।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ), ତା୦୬।୧୧।୨୦୨୫ରିଖ (କ୍ର.ସଂ. ୩ରୁ ୫ ପାଇଁ ପ୍ରତ୍ୟେକ) ଏବଂ ତା୧୦।୧୧।୨୦୨୫ରିଖ (କ୍ର.ସଂ ୬ରୁ ୮ ପାଇଁ ପ୍ରତ୍ୟେକ)। କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ (କ୍ର.ସଂ. ୧ରୁ ୬ ପାଇଁ ପ୍ରତ୍ୟେକ) ଏବଂ ୧୫ ମାସ (କ୍ର.ସଂ. ୭ ଓ ୮ ପାଇଁ)। ବିଡିଂ ଆରମ୍ଭ ତାରିଖ: ତା୧୬।୧୦।୨୦୨୫ରିଖରୁ ତା୩୦।୧୦।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ), ତା୨୩।୧୦।୨୦୨୫ରିଖରୁ ତା୦୬।୧୧।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୩ରୁ ୫ ପାଇଁ ପ୍ରତ୍ୟେକ) ଏବଂ ତା୨୭।୧୦।୨୦୨୫ରିଖରୁ ତା୧୦।୧୧।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୬ରୁ ୮ ପାଇଁ ପ୍ରତ୍ୟେକ)। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-735)



## OFFICE OF THE TAHASILDAR, BISSAMCUTTACK

No.3016/2025(Niz) Dated : 17.10.2025

**TENDER CALL NOTICE**

Sealed Tenders under two bid (Technical and Financial) system are invited from Registered firms /Agencies/Dealer for "Supply of 13 (thirteen) Nos of Laptop for RI Circles under Bissamcuttack Tahasil" as per the specification mentioned in the tender call notice.

The schedule of events i.e. last date of receipt of tender papers and opening of Tender papers etc. are as follow-

| SCHEDULE OF EVENTS | |
|---|---|
| 1. Last date for receipt of Tender papers | 31.10.2025 by 5.00 P.M. |
| 2. Opening of Technical Bid | 01.11.2025 at 11.00 A.M. |
| 3. Opening of Financial Bid | 01.11.2025 at 12.00 Noon |

The tender documents are available in the govt. website i.e www.rayagada.odisha.gov.in. The interest bidder can download from the website and sealed tender paper should reach to this office through Registered Post/Speed Post along with security money (refundable) of Rs.10,000/-(Rupees Ten Thousand) only and Rs.1000/- (Rupees one thousand) only towards cost of tender paper (Non- Refundable) in shape of Bank Draft/ Bankers Cheque drawn in favour of the Tahasildar, Bissamcuttack.

The Tahasildar, Bissamcuttack reserves the right to accept or reject any or all the tenders without assigning any reason thereof and also issue Corrigendum/ addendum to the Tender Call Notice, which will be published in the District website, District Office Notice Board and notice board of Tahasildar, Bissamcuttack, if felt necessary.

Sd./- Tahasildar, Bissamcuttack



## CAREER APPOINTMENT
ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Immediately Required, **Arc & Argon Welder, Fitter & Helper** with Minimum Two Year Work Experience.
Field of Experience : Structural & Pipeline (MS & SS). Also required Fresh ITI (Electrical, Mechanical, Welder)
Contact No. : 9556393222/7077471819
Email : elite.bbs@gmail.com

**URGENT REQUIRES**
Experienced Driver - 2 nos., House Keeping Boy - 2 nos., Indian Cook - 2 nos. for a Guest House at Bhubaneswar.
Contact : 7656915989

**WANTED**
Wanted Girls Age 18 to 25 years for
TAKEAWAY RESTAURANT
Packaging Unit & Home Nursing.
Salary Rs.8000/- to Rs.10,000/-
Bhubaneswar.
Contact : 6370061224

**REQUIRES**
Advith Pvt. Ltd. – Now Hiring, Positions-
COMPUTER TRAINER- BCA/MCA/ B.Tech (CS & Electrical),
SPORTS COACH - BPEd,
DANCE TRAINER BA in Dance (Kathak & Bharatanatyam),
MUSIC TRAINER - BA in Music,
YOGA TRAINER - MA/MSc/ Diploma in Yoga,
ACADEMIC POSITIONS – MA / MSc (any discipline)
Email:advithrecruitment@gmail.com,
Contact- Deepak Dongre (HR)
Mob.: 9131381341

**WANTED**
Commission Agents, both sex for Hotel Room and Cottage Booking, commission at 10 to 20 percent on booking charge.
Contact - 9861129953.

See Career Appointment on every Wednesday & Saturday

**WANTED**
ADD THE NEW WINGS TO YOUR CAREER
India Most Trusted Company is looking prof. M/F for Team Leader and Part Time Emp in Bhubaneswar and Cuttack. (Need Ex. Bankers, Retired and VRS Emp, Professional Housewife, Real Estate Employee, Mutual fund and Insurance Advisor, Corp Employees and other Business People are Welcome).
9866320431, 9776868008.

## MINARVA ENTERPRISES
Leading Water & Wastewater Treatment Company
URGENT HIRING – GROW WITH US ! For Odisha

**Sales Manager (1 Post) :** Responsible for client acquisition, business development & sales strategy.
**Experience:** 3–5 years in industrial / water treatment sales.
**Sales Executives (5 Posts) :** Support marketing, attend client meetings & generate new leads.
**Experience:** 0–3 years, freshers with technical/marketing background may apply.
**Service Engineer (1 Post) :** Installation, commissioning, operation & maintenance of water treatment plants (RO, STP, ETP). **Experience:** 2–3 years (preferred in water industry).
**Attractive salary + incentives + career growth**
**Send resume to below Mail ID:**
Email: minarvasales@mahachemsystem.com
Call / WhatsApp: 7770061602



## Fakir Mohan University
Vyasa Vihar, Balasore, 756089

No.Estt.(T)-II-45/2025/7610 Date : 17.10.2025

**WALK-IN-INTERVIEW**

A Walk-in-Interview for engagement of 19 (Nineteen) Nos. of teaching faculty on contractual basis in the P.G. Department of Education, Fakir Mohan University, Balasore for Integrated Teacher Education Programme (ITEP) to be engaged from the academic session 2026-27 under Self-Financing mode.

The Walk-in-Interview will be held in the Mini Conference Hall, Administrative Building, Fakir Mohan University, Nuapadhi Campus, Balasore on Dt-27.10.2025 and 28.10.2025. The tenure of the post is initially for one year and may be extended on year-to-year basis with one day break subject to satisfactory performance. In no circumstances the appointed contractual teachers shall claim for regular teaching posts and for this they have to give an undertaking on Non-Judicial Stamp Paper. For all purposes, they shall abide by Self-Financing Course Guidelines of the University.

The University reserves the right to cancel the Walk-in-Interview without assigning any reason thereof. For further details on number of posts, eligibility criteria and salary etc., please visit University website: https://fmuniversity.nic.in

By Order of the Vice Chancellor
Sd./- Registrar

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ପ୍ରିତମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାପ କାମୁଡ଼ାରେ ଅଜା, ନାତିଙ୍କ ମୃତ୍ୟୁ

**ଶେରଗଡ଼,୧୭।୧୦(ସୂର୍ଯ୍ୟ ନାରାୟଣ ଦାଶ):** ଗଞ୍ଜାମ ଜିଲା ଶେରଗଡ଼ ବ୍ଲକରେ ଗୁରୁବାର ରାତିରେ ବିଷଧର ସାପ କାମୁଡାରେ ଅଜାନାତିଙ୍କ ମୃତ୍ୟୁ ଘଟିବା ପରି ଅଭାବନୀୟ ଘଟଣା ଘଟିଛି। କରଡାକଣା ପଞ୍ଚାୟତ ଶବରପଲ୍ଲୀ ଗ୍ରାମର ପଞ୍ଚାନନ ନାୟକ (୫୦) ଗୁରୁବାର ରାତି ୧୧ଟାରେ ଖାଇସାରିବା ପରେ ଶୋଇବା ଘରେ ଶୋଇଥିଲେ। ତାଙ୍କ ପାଖରେ ନାତି ରୋଶନ ପାଇକ (୧୦) ଶୋଇଥିଲେ। ରାତିରେ ଏକ ବିଷଧର ସାପ ପଞ୍ଚାନନ ଓ ରୋଶନଙ୍କୁ କାମୁଡି ଦେଇଥିଲା। ଫଳରେ ଅଜାନାତି ଦୁହେଁ ଗୁରୁତର ହୋଇପଡିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ଉଭୟଙ୍କୁ ଶେରଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ଅବସ୍ଥାରେ ସୁଧାର ନ ଆସିବାରୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ମେଡ଼ିକାଲରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଆଜି ନାମାଙ୍କନ କରିବେ ଭାଜପା, କଂଗ୍ରେସ ପ୍ରାର୍ଥୀ

**ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)**

## ୧୯ରେ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ

ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ସରଗରମ। ସବୁ ଦଳର ନେତା ଏବେ ନୂଆପଡ଼ା ମୁହାଁ ହେଲେଣି। ନଭେମ୍ବର ୧୧ରେ ହେବାକୁଥିବା ଏହି ଉପନିର୍ବାଚନରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ସଫଳତା ପାଇଁ ଏକାଧିକ ରଣନୀତି କରିବା ଆରମ୍ଭ କରିଛନ୍ତି। ଅନ୍ୟପଟେ ଆସନ୍ତା ୨୦ରେ ଉପନିର୍ବାଚନ ଲାଗି ନାମାଙ୍କନ ଦାଖଲର ଶେଷଦିନ ଥିବାବେଳେ ୩ ପ୍ରମୁଖ ଦଳର ପ୍ରାର୍ଥୀ ଏହି କାର୍ଯ୍ୟ ଏଯାଏଁ କରିନାହାନ୍ତି। ଶନିବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ନିଜ ନିଜର ନାମାଙ୍କନପତ୍ର ଦାଖଲ କରିବେ। ଏଥିପାଇଁ ଉଭୟ ଦଳ ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ଅନ୍ୟପଟେ ବିଜେଡି ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ଆସନ୍ତା ରବିବାର ନିଜର ନାମାଙ୍କନ ପତ୍ର ଦାଖଲ କରିବେ। ସ୍ନେହାଙ୍ଗିନୀଙ୍କ ନାମାଙ୍କନ ସମୟରେ ତାଙ୍କ ସହିତ ଉପସ୍ଥିତ ରହିବା ଲାଗି ଉପନିର୍ବାଚନ ଦାୟିତ୍ୱ ବଣ୍ଟାଯାଇଥିବା ୫୨ ଜଣ ନେତାଙ୍କୁ ନୂଆପଡ଼ା ଗସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଅନ୍ୟ ବିଧାୟକ ଏବଂ ରାଜ୍ୟ ସଭାର କେତେଜଣ ଏମ୍‌ପିଙ୍କୁ ସେଠାରେ ଉପସ୍ଥିତ ରହିବା ପାଇଁ ଦଳ ପକ୍ଷରୁ କୁହାଯାଇଛି।

# ଝରଣାରେ ବୁଡ଼ି ୨ ଛାତ୍ର ମୃତ

**ରାଉରକେଲା,୧୭।୧୦ (ସଙ୍ଗୀତା ଜେନା)**

## ପିକ୍‌ନିକ୍ ହେଲା କାଳ

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା କଲୁଙ୍ଗା ଫାଣ୍ଡି ଅଧୀନ ବିରକେରା ପଞ୍ଚାୟତର କରବିରା ଗାଁ ନିକଟ ଗାଗ୍ରୀ ଘାଟ ଝରଣାରେ ଶୁକ୍ରବାର ଗାଧୋଉଥିବାବେଳେ ବୁଡିଯିବାରୁ ୨ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ରାଉରକେଲା ସେକ୍ଟର-୧୫ ହାବିଲଦାର କ୍ୱାର୍ଟର୍ସର ଓମ୍ ସୁନା(୧୬) ଓ ସେକ୍ଟର-୧ ଅନୁରାଗ ଦାସ(୧୬)। ମୃତକ ରାଉରକେଲା ସେକ୍ଟର-୨୦ସ୍ଥିତ ଆଇଏମ୍‌ଏସ୍ ସ୍କୁଲର ୧୦ମ ଶ୍ରେଣୀ ଛାତ୍ର ବୋଲି ଜଣାପଡିଛି। ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୭ଟା) ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସେକ୍ଟର-୨୦ ଡି ବ୍ଲକର ଅଭିଜିତ ହୋବୋ(୧୬), ସେକ୍ଟର-୬ ସି ବ୍ଲକର ସୁମିତ ସେଠ୍(୧୬), ସେକ୍ଟର-୨ ଜି ବ୍ଲକର ଅଭିଷେକ ସାହୁ(୧୬) ଏବଂ ସେକ୍ଟର-୩ ଏ ବ୍ଲକର ପ୍ରୀତମ ହାଁସଦା(୧୬)ଙ୍କ ସମେତ ଓମ୍ ଏବଂ ଅନୁରାଗ ପିକନିକ୍ କରିବା ପାଇଁ ୨ଟି ବାଇକ୍‌ରେ ରାଉରକେଲାରୁ କଲୁଙ୍ଗା ଫାଣ୍ଡି ଅଧୀନ ଗାଗ୍ରୀ ଘାଟକୁ ଯାଇଥିଲେ। ସେଠାରେ ପିକ୍‌ନିକ୍ କରି ଫେରିବା ପୂର୍ବରୁ ସମସ୍ତେ ଝରଣାକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଓମ୍ ଏବଂ ଅନୁରାଗ ଜଳସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଏବଂ ସ୍କୁଲର ଶିକ୍ଷକମାନେ ସେଠାରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବା ପରେ ଅପରାହ୍ନ ୪ଟାରେ ନିଖୋଜ ଛାତ୍ରଙ୍କ ପତ୍ତା ମିଳିଥିଲା। ସେଠାରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆର୍‌ଜିଏଚ୍‌କୁ ପଠାଇଛି।

# ରାସ୍ତା ପାଇଁ ରାସ୍ତାରୋକୋ କଲେ ଛାତ୍ରୀଛାତ୍ର

**ଜୟପାଟଣା,୧୭।୧୦ (ଓମ୍ ପ୍ରକାଶ ବୈଠାରୁ)**

ରାସ୍ତା ପାଇଁ ରାସ୍ତାରୋକୋ କଲେ କଲେଜ ଛାତ୍ରୀଛାତ୍ର। ଏପରି ଦୃଶ୍ୟ ଶୁକ୍ରବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୋତେଲଗୁଡା କ୍ରଶର ଛକ ନିକଟରେ ଦେଖିବାକୁ ମିଳିଛି। ଏହି ଛକଠାରୁ ଯାଇଥିବା ଆର୍‌ଡି ରାସ୍ତା ଦୀର୍ଘ ଶୋଚନୀୟ ହୋଇପଡିଛି। ରାସ୍ତା ମଝିରେ ବ୍ରିଜ ଭାଙ୍ଗିଯାଇଛି। ଫଳରେ ଏହି ରାସ୍ତା ଦେଇ ବସ୍ ଯାଇପାରୁ ନାହିଁ। ଏପରି କି ଛାତ୍ରୀଛାତ୍ର ଯାତାୟାତ କରିପାରୁ ନାହାନ୍ତି। ଅଭିଯୋଗ ପରେ ମଧ ସୁଫଳ ନ ମିଳିବାରୁ ଶେଷରେ ବାଧ୍ୟହୋଇ ରାସ୍ତାରୋକୋ କରିଥିଲେ। ଖବର ପାଇ ଜୟପାଟଣା ବିଡ଼ିଓ ଓ କଲମପୁର ପୋଲିସ ଆସି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

# ତଦନ୍ତ ଦାବିକଲେ ବ୍ଲକ୍ କୃଷି ଅଧିକାରୀ

## ପୁରୁଣା କୃଷି କାର୍ଯ୍ୟାଳୟ ଭାଙ୍ଗିବା ନେଇ ବିବାଦ

**ବଇଣ୍ଡା,୧୭।୧୦(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତଠାରେ ଥିବା କୃଷି ବିଭାଗର ଏକ ପୁରାତନ କାର୍ଯ୍ୟାଳୟ କୋଠା ଭଙ୍ଗାଯିବାକୁ ନେଇ ବିବାଦ ଦେଖାଦେଇଛି। କୃଷି ବିଭାଗର ବିନା ଅନୁମତିରେ ଏହି କୋଠା ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ ପାଇଁ ପଞ୍ଚାୟତ ବିଭାଗ ପକ୍ଷରୁ ପ୍ରୟାସ କରାଯାଉଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଠମଲ୍ଲିକ ବ୍ଲକ କୃଷି ଅଧିକାରୀ ଚିଠି ମାଧ୍ୟମରେ ଜିଲା କୃଷି ଅଧିକାରୀଙ୍କଠାରେ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ କହିଛନ୍ତି, ଉକ୍ତ ସ୍ଥାନରେ କୃଷି ବିଭାଗର ୨ଟି କୋଠା ଥିଲା। ସେଥିରୁ ଗୋଟିଏକୁ ବିନା ସୂଚନାରେ ଭାଙ୍ଗି ଦିଆଯାଇଛି। ଏ ବିଷୟରେ ବିଡିଓଙ୍କ ସହିତ କଥା ହୋଇଛନ୍ତି। ସେଠାରେ କୃଷି ବିଭାଗ ଦ୍ୱାରା ଏକ ଫାର୍ମର୍ସ କମନ ସର୍ଭିସ ସେଣ୍ଟର(ଏଫ୍‌ସିସି) ନିର୍ମାଣ କରାଯିବାର ଯୋଜନା ରହିଛି। ଏ ସମ୍ପର୍କରେ ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆ ଘଟଣାର ତଦନ୍ତ କରାଯିବ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ସନ୍ତ୍ରିଛକ,୧୭।୧୦ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳସ୍ଥିତ ଏକ କମ୍ପାନୀରେ କାର୍ଯ୍ୟରତ ରୋଷେୟା ଚୈତନ୍ୟ ମୁଣ୍ଡା (୩୫)ଙ୍କ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିବା ନେଇ କମ୍ପାନୀ ପରିଚାଳକ ଶୁକ୍ରବାର ସକାଳେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ଚୈତନ୍ୟଙ୍କ ଘର ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଚୂରାଭାଟି ଗ୍ରାମରେ ହୋଇଥିବା ବେଳେ ସେ ବଅଁରପାଳରେ ରହି ଉକ୍ତ କମ୍ପାନୀରେ କାର୍ଯ୍ୟ କରୁଥିଲେ। ବିଳମ୍ବିତ ରାତିରେ ଶୋଇଥିବା ବେଳେ ସକାଳେ ଆଉ ଉଠି ନ ଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁ ସମ୍ପର୍କରେ ଜଣାପଡିବ ବୋଲି ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ପ୍ରକାଶ କରିଛନ୍ତି।

# Classified Everyday 0674-2580101, 9692975378



**REAL ESTATE**
**SALE**

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟରେ 200ଫୁଟ ରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା। Registration, Conversion and Mutation Free. Contact: 9438220432/ 8144658008. D-2306




Newly open health benefits spa by expert therapists 9658088274. D-2234

The massage felt totally professional! & comfortable at all times- 7978109255. D-76500

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

## AFFIDAVIT

By virtue of an affidavit sworn before Executive Magistrate, Hatadihi, Keonjhar Dated- 24.09.2025, I, Sanjulata Rana, W/o- Narayan Rana, Vill.- Jalakalanga, P.O./Via- Hatadihi, P.S.- Nandipada, Dist.- kendujhar, PIN- 758083, State-Odisha, declare that I have changed my name from Sanjukata Rana to Sanjulata Rana. Henceforth, I shall be known as Sanjulata Rana for all purposes.
Sanjulata Rana D-2314

By virtue of an affidavit sworn before the Executive Magistrate, Sambalpur, No.- 3013, date- 16-10-25, I, PRABHATI SETHI, W/o- Madhaba Sethi, R/o- At- Bethuar, P.O.-Bethuara, P.S.- Badagada, Dist.- Ganjam, Odisha, PIN- 761107, declare that I have changed my name from PRABHAT SETHI to PRABHATI SETHI. Henceforth, I shall be known as PRABHATI SETHI for all purposes.
Prabhati Sethi D-2313

By virtue of an affidavit sworn before the Notary Public, Sambalpur, No.- 3900 date- 16.10.25, I, NIRANJAN MAKAR, R/o- At- 33 (2) Badrama, Kharmunda, P.O.- Badrama, P.S.- Jamankira, Dist.- Sambalpur, PIN- 768107, declare that I have changed the name of my Daughter from PADMALAYA MAKAR to BULBUL MAKAR. Henceforth, she shall be known as BULBUL MAKAR for all purposes.
Niranjan Makar D-2312


I, Sambhu Dayal Tulsyan, S/o- Laxmi Narayan Tulshyan, R/o- At/P.O./P.S.- Khetrajpur, Dist.- Sambalpur, Odisha- 768003, declare by this affidavit S.I. No.- 4000 dated- 16.10.2025 that now onwards I shall be known as Sambhu Dayal Tulshyan for all future purposes.
Sambhu Dayal Tulshyan D-2311

By virtue of an affidavit sworn before the Notary Public, Nuapada (Affidavit No.- 4539, Dt.- 17.10.2025), I, Narayan Majhi, At- Darlipali ORF Chuhuri, P.O.- Kodomeri, P.S.-Jonk, Dist.- Nuapada, PIN- 766104 declare that I have changed the name of my minor son from Rehaan Sahu to Aryan Majhi. Henceforth, he shall be known as Aryan Majhi for all purposes.
Narayan Majhi D-2309

## LOST

By affidavit No.- 4279/2025 Dated- 14.10.2025 before The Magistrate, Bari and Bari- ramachandrapur P.S., I, Ramesh Chandra Syanti S/o- Sharat, Chandra Syanti, Vill- Ratnagiri, P.S.- Bari- Ramachandrapur, Dist.- Jajpur ROR/khatiyan of mouza aliabad having Khata No.- 673 & 02, RSD No.- 10801400111, Dtd- 31.01.2014, 2. RSD No.- 10801801148, Dtd- 16.11.2018, lost somewhere while travelling through my bike. If anyone find please contact- 9777205170. D-2307

## MISSING



ଆମ୍ଭେ ଶ୍ରୀମତୀ ଶାନ୍ତାଗୌରୀ ପରିଡ଼ା, ସ୍ୱାମୀ ସ୍ୱର୍ଗତ ଅମିର କୁମାର ପରିଡ଼ା, ଗ୍ରାମ- ଦିଗାନଗର, ପୋଷ୍ଟ- ଖୁଣ୍ଟାପୁର, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ଏତଦ୍ୱାରା ଘୋଷଣା କରୁଅଛି କି ମୋର ଦେଢଶ୍ରୁର ଅଶୋକ କୁମାର ପରିଡ଼ା, ୨୦୦୮ ମସିହାରୁ ନିଖୋଜ ଅଛନ୍ତି। ସେ ମାନସିକ ବିକୃତ ଥିଲେ। ଏ ସମ୍ପର୍କରେ ମୋର ଶ୍ୱଶୁର ସ୍ୱର୍ଗତ ଗଦାଧର ପରିଡ଼ା ପୂର୍ବରୁ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୁଁ ମଧ ୧୮।୦୯।୨୦୨୫ ତାରିଖରେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଅଛି। ସର୍ବସାଧାରଣଙ୍କ ଅବଗତି ଏବଂ ଭବିଷ୍ୟତରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଉଦ୍ଦେଶ୍ୟରେ ଏହା ପ୍ରକାଶ କରାଗଲା। ଧ-2308

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LEGAL NOTICE

In the Court of the Additional Commissioner, Settlement & Consolidation, Bargarh
Settlement Revision Case No.- 824 of 2022 & 825 of 2022
Sripati Mahakur, S/o- Nitya Mahakur and others .... Petitioners
Vrs.
Prakash Sa, S/o- Krushna Sa and others .......O.Ps
To,
1.Prakash Sa, 2.Raghaba Sa, Both are S/o- Krushna Sa, 3. Kishori Sa, D/o- Khyieti Sa, 4. Padman Joshi, 5. Dasarath Joshi Both are S/o- Sribatsha Joshi, 6. Naryanana Joshi, 7. Damodara Joshi Both are S/o- Satrughan Joshi all are R/o- Rota, P.S.- Loisingha, Tahasil- Agalpur, Dist.- Balangir
NOTICE THROUGH PAPER PUBLICATION U/O 5RULE 20 CIVIL PROCEDURE CODE, 1908
The above petitioners have filed the above noted case against the above O.Ps for recording of the case land mentioned below on the strength of regd. Sale Deeds bearing No.- 1999 dated- 02.05.1977 and RSD No.- 2000 dated- 02.05.1977. However, the O.Ps have not appeared before the court instead of Multiple Summons. Hence this new paper publication, The case land consists Hal plot No.- 668(p) Mark-A, Area- Ac0.40 dec, hal plot No.- 668(P) Mark-B, Area- Ac.0.15 dec, Hal plot No.- 637, Area- 0.19 dec, Hal Plot No.-669(P) Mark-D, Area- Ac.0.10 dec, Hal Plot No.- 669, Area-Ac.0.31 dec, Hal plot No.- 652, Area- Ac.0.12 dec under Hal Khata No.- 256 of Mouza- Rota, P.S.- Loisingha, tah- Agalpur, Dist.- Balangir.
Hence, the O.P is directed to appear in this Court in person or through Advocate on 21.11.2025 at 11.00 AM by filing Counter in response to the said revision petition failing which the said revision case will be heard and determined Ex- Party in your absence as per law.
Given under my hand and seal of the Court on this 14th of October, 2025.
S/d.- ADDL. COMMISSIONER SETTLEMENT AND CONSOLIDATION BARGARH.
D-2317

ମାନନୀୟ ଅତିରିକ୍ତ କମିଶନର, ରିଭିଜନାଲ କୋର୍ଟ ନଂ.୩, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ହେଡ୍‌ର୍ସ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଂ ୪ର୍ଥ ଫ୍ଲୋର/
ମହଲା ଓ.ଏସ.ଏସ୍.କେସ୍ ନଂ.୧୧୪୦/୨୦୧୮
ସୁବାଷ ଚନ୍ଦ୍ର ମହାନ୍ତି, ଏବଂ ସଙ୍ଗିତ୍ ମହାନ୍ତି ......ବାଦୀ
ବନାମ
୧. ଜମିଦାରି ପାତ୍ର, ପିତା- ଜୟକୃଷ୍ଣ ପାତ୍ର, ସା/ପୋ- ଗାଡକଣ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଓ ଅନ୍ୟମାନେ, ୨. ନାରାୟଣ ଚନ୍ଦ୍ର ନାୟକ, ପିତା- ବଙ୍ଗାଳିଚରଣ ନାୟକ, ସା- ପ୍ଲଟ୍ ନଂ.- ୬୮୩, ଜୟଦେବ ବିହାର, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଏମ୍.ଡି ଉମାମଣି ହୋମ୍‌କ୍ରିଏସନ ପ୍ରା.ଲିଃ ........ପ୍ରତିବାଦୀ
ନୋଟିସ ସି.ପି.ସି ଅର୍ଡର ନଂ. ୫ ରୁଲ୍ ନଂ.- ୨୦ ମୁତାବକ
ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପ୍ରତିବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଉପରଲିଖିତ ରିଭିଜନ୍ କେସ୍ ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.୩ଙ୍କ ଅଦାଲତରେ ଆସନ୍ତା ତା- ୨୭.୧୧.୨୫ ଦିବା ୩.୩୦ଘଣ୍ଟା ସମୟରେ ଶୁଣାଣି କରାଯିବା ନିମିତ୍ତ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ତଫସିଲ ସମ୍ପତ୍ତିର ବିବରଣୀ
ମୌଜା- ଗାଡକଡ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ତହସିଲ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା ସାବକ- ଖାତା ନଂ.- ୮୪୭, ପ୍ଲଟ୍ ନଂ.- ୭୬୩, ରକବା- ଏ୦.୨୫୦ଡି ସ୍ୱଧ, ଏ୦.୯୧.୮୨, ସ୍ୱତ୍ୱ- ସ୍ଥିତିବାନ।
ହାଲ-ଖାତା ନଂ.- ୧୧୫୩, ପ୍ଲଟ୍ ନଂ.- ୨୯୯୦, ରକବା- ମୋଟ ଏରିଆ ଏ୦.୨୫୦ଡି ସ୍ୱଧ ଏ୦.୯୧.୮୨ଡି, ସ୍ୱତ୍ୱ- ସ୍ଥିତିବାନ।
ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ କିମ୍ୱା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।
ଅତିରିକ୍ତ କମିଶନର ଅଦାଲତ ୩ଙ୍କ ଆଦେଶ କ୍ରମେ
ଲକ୍ଷ୍ମୀଧର ନାୟକ
ସ୍ୱା/ କୋର୍ଟ- ଅଧିକାରୀ
କୋର୍ଟ ନଂ.୩, ଭୁବନେଶ୍ୱର
ଧ-୨୩୦୪

## ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ୱକିଶୋର ଚନ୍ଦ୍ର ମିଶ୍ର
୯୧, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୦।୦୫।୧୯୨୫
ତିରୋଧାନ: ୨୫।୧୦।୨୦୧୯
(କାର୍ତ୍ତିକ ମାସ କୃଷ୍ଣପକ୍ଷ ଦ୍ୱାଦଶୀ)
ଆପଣଙ୍କ ଅମର ଆତ୍ମାର ଶାସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ।
ଧ-୨୩୦୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱସାନମୁଗା ପାତ୍ର
ନବରଙ୍ଗପୁର
ଆବିର୍ଭାବ: ୩୦।୦୮।୧୯୭୩
ତିରୋଧାନ:୧୬।୧୦।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୨୩୧୬

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ୱଉମାକାନ୍ତ ଜଗଦେବ
ତିରୋଧାନ: ୨୯।୧୦।୨୪
ସ୍ନେହ ଶ୍ରଦ୍ଧା ଆତ୍ମୀୟତା କର୍ମଭରା ସ୍ମୃତି ଭୁଲି ହୁଏ ନାହିଁ ତୁମ ପୂଜା ପାଠ ଭକ୍ତି। ତୁମ ଅମର ଆତ୍ମାର ସଦ୍‌ଗତି ସକାଶ ଜଗତର ନାଥ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର:- ପତ୍ନୀ- ମୀତା, ପୁତ୍ର- ମିଣ୍ଟୁ, ଲିଟୁ, ଟିଙ୍କି, ପୁତ୍ର ବଧୂ- ଇଙ୍ଗିଲ, ଦେବୀ, ମନୀଷା, ନାତୁଣୀ- ଲିଶି, ଲାଜି, ନାତି- ଗୁଗୁ, ନନ୍ଦୁ, ଜ୍ଞାତି କୁଟୁମ୍ବ ଓ ବନ୍ଧୁବର୍ଗ
ଧ-୨୩୧୫


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


## ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଶିବାଲିକ, ମିତେଶଙ୍କ ଶତକ ; ବରୋଦା ଦୃଢ଼



ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଓ ବରୋଦା ମଧ୍ୟରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୧୭।୧୦ (ତପନ ସ୍ୱାଇଁ)** କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ବିପକ୍ଷରେ ବରୋଦା ନିଜର ସ୍ଥିତି ଦୃଢ଼ କରିଛି। ଶିବାଲିକ ଶର୍ମା ଓ ମିତେଶ ପଟେଲଙ୍କ ଶତକ ସହାୟତାରେ ବରୋଦା ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ୭ ଉଇକେଟ ହରାଇ ୪୧୩ ରନ ସଂଗ୍ରହ କରିଛି। ଫଳରେ ଓଡ଼ିଶା ପ୍ରଥମ ଇନିଂସଠାରୁ ବରୋଦା ହାତରେ ୩ ଉଇକେଟ ସୁରକ୍ଷିତ ଥାଇ ୧୪୨ ରନରେ ଅଗ୍ରଣୀ ହାସଲ କରିଛି। ଶନିବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ ଡ୍ର ରହିବା ସମ୍ଭାବନା ବଢ଼ିଛି।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୨୭/୨ରୁ ଖେଳ ଆରମ୍ଭ କରିଥିଲା ବରୋଦା। ଦୁଇ ଅପରାଜିତ ବ୍ୟାଟର ଶିବାଲିକ ଓ ସୁକୀର୍ତ୍ତ ପାଣ୍ଡେ ତୃତୀୟ ଉଇକେଟରେ ୧୬୦ ରନର ଭାଗୀଦାରି ଗଢ଼ି ବରୋଦାକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ୨୪୮ ବଲ୍‌ରୁ ୧୨୪ (୧୦ ଚୌକା, ୨ ଛକା) ରନ କରିଥିବା ଶିବାଲିକଙ୍କୁ ଏଲବିଡବ୍ଲ୍ୟୁ କରି ଓଡ଼ିଶାକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ବାଦଲ ବିଶ୍ୱାଳ। ଏଠାରେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ବାଦଲଙ୍କର ଏହା ଥିଲା ପ୍ରଥମ ରଣଜୀ ଉଇକେଟ। ଏହାପରେ ସେଟ୍ ବ୍ୟାଟର ସୁକୀର୍ତ୍ତ (୭୧)ଙ୍କୁ ଆଉଟ କରି ଓଡ଼ିଶା ପାଇଁ ପ୍ରତ୍ୟାବର୍ତ୍ତନ ସୁଯୋଗ ସୃଷ୍ଟି କରିଥିଲେ ବାଦଲ। ମାତ୍ର ଉଇକେଟ କିପର ମିତେଶ ପଟେଲଙ୍କ ଅପରାଜିତ ଶତକ ବଳରେ ବରୋଦା ବଡ଼ ଅଗ୍ରଣୀ ନେବାରେ ସକ୍ଷମ ହୋଇଥିଲା। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ମିତେଶ ୧୩୯ ବଲ୍‌ରୁ ୧୦୦ (୧୧ ଚୌକା) ଓ ରସିଖ ସଲାମ ୪୫ (୪୬ ବଲ, ୩ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଅଧିନାୟକ ଅତୀତ ସେଠ୍ ୨୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁମିତ ଶର୍ମା ୩ଟି, ବାଦଲ ବିଶ୍ୱାଳ ୨ଟି ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ନେଇଥିଲେ। ମ୍ୟାଚ ଡ୍ର ରଖିବାକୁ ହେଲେ ଓଡ଼ିଶାକୁ ଅନ୍ତିମ ଦିବସରେ ଅତ୍ୟନ୍ତ ସତର୍କତାର ସହ ଖେଳିବାକୁ ପଡ଼ିବ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୧। ବରୋଦା ପ୍ରଥମ ଇନିଂସ: ୪୧୩/୭ (ଶିବାଲିକ ଶର୍ମା–୧୨୦, ମିତେଶ ପଟେଲ–୧୦୦*, ସୁକୀର୍ତ୍ତ ପାଣ୍ଡେ–୭୧, ରଶିଖ ସଲାମ–୪୫*, ସୁମିତ ଶର୍ମା–୩/୧୦୪, ବାଦଲ ବିଶ୍ୱାଳ–୨/୧୩୧, ଗୋବିନ୍ଦ ପୋଦ୍ଦାର–୧/୭୩)।



ଓଡ଼ିଶା ବିପକ୍ଷରେ ଶତକ ହାସଲ କରିଥିବା ବରୋଦାର ଶିବାଲିକ ଶର୍ମା।

**ଫିଫା ପୁରୁଷ ର‌୍ୟାଙ୍କିଙ୍ଗ**

## ସ୍ପେନ୍ ପ୍ରଥମ ସ୍ଥାନ ବଜାୟ ରଖିଲା

**ଜୁରିଚ୍, ୧୭।୧୦ (ଏପି):** ଅନ୍ତର୍ଜାତୀୟ ଫୁଟ୍‌ବଲ ପରିଚାଳନା ମହାସଂଘ 'ଫିଫା' ତରଫରୁ ଶୁକ୍ରବାର ପୁରୁଷ ବିଶ୍ୱ ର‌୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ସ୍ପେନ ପ୍ରଥମ ସ୍ଥାନ ବଜାୟ ରଖିଛି। ଏଥିରେ ଜର୍ମାନୀର ପଦୋନ୍ନତି ଘଟିଛି। ଦଳ ଦୁଇ ସ୍ଥାନ ଉପରକୁ ଉଠି ୧୦ମ ସ୍ଥାନରେ ରହିଛି। ଫଳତଃ ଡିସେମ୍ବର ୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନେଇ ହେବାକୁଥିବା ବିଶ୍ୱକପ୍ ଫାଇନାଲ୍ସ ଟୁର୍ନାମେଣ୍ଟର ଡ୍ର'ରେ ଜର୍ମାନୀଙ୍କୁ ଟପ୍ ସିଡ୍ ଦଳର ମାନ୍ୟତା ମିଳିବ। ଜର୍ମାନୀ ଗତ ମାସରେ ସ୍ଲୋଭାକିଆ ବିପକ୍ଷ ଓପନିଂ କ୍ୱାଲିଫାୟରରେ ସ୍ଲୋଭାକିଆଠାରୁ ହାରିଯାଇଥିଲା, କିନ୍ତୁ ବିଶ୍ୱକପ୍ କ୍ୱାଲିଫାଇଂରେ ଲକ୍ସେମବର୍ଗ ଓ ନର୍ଦ୍ଦର୍ନ ଆୟର୍ଲାଣ୍ଡ ବିପକ୍ଷ କ୍ରମାଗତ ଦୁଇଟି ବିଜୟ ଯୋଗୁ ଦଳର ପଦୋନ୍ନତି ଘଟିଥିଲା। ୨୦୧୮ ବିଶ୍ୱକପ୍ ରନରଅପ୍ ଏବଂ ୨୦୨୨ ସଂସ୍କରଣର ଏକ ସେମିଫାଇନାଲିଷ୍ଟ କ୍ରୋଏସିଆ ଗତ ସପ୍ତାହରେ ଚେକ୍‌ରିପବ୍ଲିକ ବିପକ୍ଷ ମ୍ୟାଚ ଡ୍ର' ରଖିବାରୁ ର‌୍ୟାଙ୍କିଙ୍ଗ ତାଲିକାର ୧୧ଶତମ ସ୍ଥାନକୁ ଖସି ଆସିଛି।

# ତ୍ରିପୁରାକୁ ହରାଇଲା ଓଡ଼ିଶା



ମାଧୁରୀ ମେହେଟା



ସରିତା ମେହେର



ସୁଶ୍ରୀ ଦିବ୍ୟଦର୍ଶିନୀ

**ସିନିୟର ମହିଳା ଟି୨୦**

**ଭୁବନେଶ୍ୱର, ୧୭।୧୦ (ତପନ ସ୍ୱାଇଁ)** ବିସିସିଆଇ ଆନୁକୂଲ୍ୟରେ ଗ୍ୱାଲିୟରର ମାଧବରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ସିନିୟର ମହିଳା ଟି୨୦ (ଏଲିଟ ଗ୍ରୁପ୍) କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୯ ଉଇକେଟରେ ତ୍ରିପୁରାକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ତ୍ରିପୁରା ୧୯.୪ ଓଭରରେ ୯୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଇନ୍ଦ୍ରାରାଣୀ ଜାମାତିଆ ସର୍ବାଧିକ ୩୦ ଓ ଆର.ଆର. ଶାହା ୨୭ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୪ ଓଭରରେ ମାତ୍ର ୨୧ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ୯୮ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ମାତ୍ର ୧ ଉଇକେଟ ହରାଇ ୧୫.୧ ଓଭରରେ ହାସଲ କରି ନେଇଥିଲା। ସରିତା ମେହେର ୪୭ ଓ ମାଧୁରୀ ମେହେଟା ୪୧ ରନରେ ଅପରାଜିତ ରହିଥିଲେ। ସରିତା ମେହେର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

## କ୍ୱାର୍ଟରଫାଇନାଲରୁ ଓହରିଲେ ଓସାକା

**ଓସାକା, ୧୭।୧୦ (ଏପି):** ବାମଗୋଡ଼ରେ ଆଘାତପ୍ରାପ୍ତ ଯୋଗୁ ନାଓମି ଓସାକା ଜାପାନ ଓପନ ଟେନିସ ଟୁର୍ନାମେଣ୍ଟରେ ତାଙ୍କ କ୍ୱାର୍ଟରଫାଇନାଲରୁ ଓହରି ଯାଇଛନ୍ତି। ଫଳତଃ ଜାକ୍‌ଲିନ୍ କ୍ରିଷ୍ଟିଆନ ଏକ ୱାକ୍‌ଓଭର ସହ ସେମିଫାଇନାଲକୁ ଉନ୍ନୀତ ହୋଇଥିବା ଡବ୍ଲ୍ୟୁଟିଏ ଟୁର୍ କହିଛି। ଟୁର୍ନାମେଣ୍ଟର ଆୟୋଜକଗଣଙ୍କ କହିବା ଅନୁସାରେ ଟପ୍ ସିଡ୍ ଓସାକା ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଶେଷଭାଗରେ ଆଘାତପ୍ରାପ୍ତ ହୋଇଥିଲେ। ବର୍ଷରେ କ୍ରିଷ୍ଟିଆନ ତାଙ୍କର ତୃତୀୟ ସେମିଫାଇନାଲ ଖେଳିବାକୁ ଯାଉଛନ୍ତି। ଅନ୍ୟ ଦୁଇଟି ଅବଶ୍ୟ କ୍ଲେ-କୋର୍ଟରେ ଥିଲା।

## ଦକ୍ଷିଣ ଆଫ୍ରିକା 'ଏ' ଦଳରେ ବଭୁମା

**ଜୋହାନ୍ସବର୍ଗ, ୧୭।୧୦**



ଚଳିତମାସର ପରବର୍ତ୍ତୀ ଭାଗରେ ଦକ୍ଷିଣ ଆଫ୍ରିକା 'ଏ' କ୍ରିକେଟ ଦଳର ଭାରତ ଟୁର୍‌ରେ ଆସିବ। ଏଥିରେ ଦେଶର ଟେଷ୍ଟ ଅଧିନାୟକ ଟେମ୍ବା ବଭୁମାଙ୍କୁ ନିଆଯାଇଛି। ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ନଭେମ୍ବର ୧୪ରୁ ଆରମ୍ଭ ହେବ। ପେଣ୍ଡାରେ ଆଘାତପ୍ରାପ୍ତ ଯୋଗୁ ବଭୁମା ଏବେ ଚିକିତ୍ସାରେ ଅଛନ୍ତି। ପରେ ଖେଳାଯିବାକୁଥିବା ଦିନିକିଆ ସିରିଜରୁ ମଧ୍ୟ ସେ ବାଦ୍ ପଡ଼ିଛନ୍ତି। ବଭୁମା ଯେପରି ସହଜରେ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରିବେ ତାହାକୁ ଦୃଷ୍ଟିରେ ରଖି ତାଙ୍କୁ 'ଏ' ଦଳରେ ସାମିଲ କରାଯାଇଛି। ଏହାଛଡ଼ା ଶୁଭମନ ଗିଲ୍ ଓ ତାଙ୍କ ଦଳ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ ଜଳବାୟୁ ସହିତ ଆଗୁଆ ଅଭ୍ୟସ୍ତ ହେବା ଲାଗି ବଭୁମାଙ୍କୁ ଏକ ସୁଯୋଗ ମିଳିବ। ଖବର ଅନୁସାରେ ବେଙ୍ଗାଲୁରୁରେ ଖେଳାଯିବାକୁଥିବା ଦୁଇଟି ପ୍ରଥମଶ୍ରେଣୀ ମ୍ୟାଚ ମଧ୍ୟରୁ ସେ ଦ୍ୱିତୀୟଟି ପାଇଁ ଉପଲବ୍ଧ ହେବେ। ଭାରତ ଏହି ପୂର୍ଣ୍ଣାଙ୍ଗ ଟୁର୍ ଅବସରରେ ଦକ୍ଷିଣ ଆଫ୍ରିକା ଦୁଇ ଟେଷ୍ଟ, ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ। ଏହା ଡିସେମ୍ବର ୧୯ରେ ଶେଷ ହେବ। ଚାରି ଦିନିକିଆ ମ୍ୟାଚ ପାଇଁ ବ୍ୟାଟର ମାର୍କ୍ୟୁଜ ଆକରମାନ 'ଏ' ଦଳର ନେତୃତ୍ୱ ନେବେ। ଏଥିରେ ଜୁବେର ହାମ୍‌ଜା ଏବଂ ବ୍ୟାଟର ପ୍ରେନେଲାନ ସୁବ୍ରାୟାନଙ୍କୁ ମଧ୍ୟ ସ୍ଥାନ ମିଳିଛି। ଏହି ଖେଳାଳି ଦ୍ୱୟ ବର୍ତ୍ତମାନ ଟେଷ୍ଟ ଦଳ ସହ ପାକିସ୍ତାନରେ ଖେଳୁଛନ୍ତି। ଦୁଇଟି ୪ ଦିନିଆ ଗେମ୍ ଅକ୍ଟୋବର ୩୦ରୁ ନଭେମ୍ବର ୯ ପର୍ଯ୍ୟନ୍ତ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଖେଳାଯିବ। ଦକ୍ଷିଣ ଆଫ୍ରିକା 'ଏ' ଦଳ ଆହୁରି ମଧ୍ୟ ନଭେମ୍ବର ୧୩ରୁ ୧୯ ମଧ୍ୟରେ ଭାରତ 'ଏ' ବିପକ୍ଷ ତିନୋଟି ଦିନିକିଆ ମ୍ୟାଚ ରାଜକୋଟରେ ଖେଳିବ।

# ନକ୍‌ଆଉଟରେ ଓଡ଼ିଶା

**ଭିନୁ ମଙ୍କଡ ଟ୍ରଫି**

**ଭୁବନେଶ୍ୱର, ୧୭।୧୦ (ତପନ ସ୍ୱାଇଁ)** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୨୦୨୫-୨୬ ସିଜନର ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ନକ୍‌ଆଉଟରେ ଓଡ଼ିଶା ପ୍ରବେଶ କରିଛି। ନିଜର ପ୍ରଥମ ମ୍ୟାଚରେ ଗୁଜରାଟ ନିକଟରୁ ପରାଜିତ ହୋଇଥିବା ଓଡ଼ିଶା ପରବର୍ତ୍ତୀ ୪ଟି ମ୍ୟାଚରେ ଆନ୍ଧ୍ର ପ୍ରଦେଶ, ବିଦର୍ଭ, ଗୋଆ ଏବଂ ବରୋଦାକୁ ହରାଇ ଏହି ସଫଳତା ଲାଭ କରିଛି। ଓଡ଼ିଶା ଦଳର ଏହି କୃତୀତ୍ୱ ପାଇଁ ପ୍ରିୟାଂଶୁ ମହାନ୍ତି, ରୁଦ୍ର ମଲିକ, ପୀୟୁଷ ରଞ୍ଜନ ମନ୍ତ୍ରୀ ଓ ସୟଦ ତୁଫେଲ ଅହମ୍ମଦଙ୍କ ଅବଦାନ ଅନେକ ରହିଛି। ବ୍ୟାଟିଂରେ ମଧ୍ୟ ଓଡ଼ିଶା ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୬ ଉଇକେଟରେ ବରୋଦାକୁ ପରାସ୍ତ କରିଛି। ହରିୟାଣାର ଝାଜରସ୍ଥିତ ସେହ୍ୱାଗ ଇଣ୍ଟରନ୍ୟାଶନାଲ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବରୋଦା ୨୭.୩ ଓଭରରେ ୧୦୭ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଏଚ.ଜି. ପଟେଲ ସର୍ବାଧିକ ୩୪ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ରୁଦ୍ର ପ୍ରସାଦ ମଲିକ ୩.୩ ଓଭରରେ ଗୋଟିଏ ମେଡେନ ନେବା ସହ ମାତ୍ର ୩ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରିୟାଂଶୁ ମହାନ୍ତିଙ୍କୁ ମଧ୍ୟ ୩ ଉଇକେଟ ମିଳିଥିଲା। ଜବାବରେ ଓଡ଼ିଶା ୧୮.୪ ଓଭରରେ ୪ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରି ନେଇଥିଲା। ପ୍ରୟାନ ପ୍ରତୀକ ସାମଲ ୩୪ ଓ ବିଶ୍ୱଜିତ ପ୍ରଧାନ ୨୭* ରନ କରିଥିଲେ। ବରୋଦା ପକ୍ଷରୁ କବିର ଦେଶାଇ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ନକ୍‌ଆଉଟରେ ପ୍ରବେଶ କରିଥିବାରୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ପ୍ରିୟାଂଶୁ ମହାନ୍ତି



ରୁଦ୍ର ପ୍ରସାଦ ମଲିକ

## ଦକ୍ଷିଣ ଆଫ୍ରିକା ୧୦ ଉଇକେଟରେ ବିଜୟୀ

**ମହିଳା କ୍ରିକେଟ ବିଶ୍ୱକପ**

**କଲମ୍ବୋ, ୧୭।୧୦**

ମହିଳା କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଏକ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ଶ୍ରୀଲଙ୍କାକୁ ୧୦ ଉଇକେଟରେ ପରାସ୍ତ କରିଛି। ଶ୍ରୀଲଙ୍କା ୧୨ ଓଭରରେ ୨ ଉଇକେଟରେ ୪୬ ରନ କରିଥିବାବେଳେ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ଅନେକ ସମୟ ନଷ୍ଟ ହେବାରୁ ମ୍ୟାଚକୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ୨୦ ଓଭରରେ ଶ୍ରୀଲଙ୍କା ୭ ଉଇକେଟ ହରାଇ ୧୦୫ ରନ କରିଥିଲା। ଦଳ ପକ୍ଷରୁ ଭିସ୍ମି ଗୁଣରତ୍ନେ ସର୍ବାଧିକ ୩୪ ରନ କରିଥିଲେ। ବିପକ୍ଷ ଦଳର ବୋଲରଙ୍କ ମଧ୍ୟରେ ନନ୍‌କୁଲୁଲୋକୋ ମଲାବା ୩ଟି, ମାସାବାଟା କ୍ଲାସ ୨ଟି ଏବଂ ନାଦିନେ ଡି କ୍ଲେର୍କ ଗୋଟିଏ ଉଇକେଟ ନେଇଥିଲେ। ପରେ ଡିଏଲ୍‌ଏସ୍ ପଦ୍ଧତି ଅନୁସାରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୦ ଓଭରରେ ୧୨୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଦୁଇ ଓପନର ଅଧିନାୟିକା ଲୌରା ଉଲଭାର୍ଡଟ ୬୦ ଓ ଟାଜମିନ ବ୍ରିଟ୍ସ ୫୫ ରନରେ ଅପରାଜିତ ରହି ଦକ୍ଷିଣ ଆଫ୍ରିକାକୁ ୧୪.୫ ଓଭରରେ ବିଜୟୀ କରିଥିଲେ। ୫ ମ୍ୟାଚରୁ ୪ର୍ଥ ବିଜୟ ସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ଟେବୁଲର ୨ୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା ୫ ମ୍ୟାଚରୁ ୩ୟ ପରାଜୟ ବରଣ କରିଛି।



ଶତକୀୟ ଭାଗୀଦାରି ଅବସରରେ ଲୌରା ଉଲଭାର୍ଡଟ ଓ ଟାଜମିନ ବ୍ରିଟ୍ସ।

## ଓଡିଏମ୍ ପବ୍ଲିକ୍ ସ୍କୁଲ୍ ସେମିଫାଇନାଲରେ

**ଭୁବନେଶ୍ୱର, ୧୭।୧୦ (ବିଜୟ ରଣା)** ସ୍ଥାନୀୟ ୟୁନିଟ୍-୧ ଫୁଟବଲ ଏକାଡେମୀ ପଡ଼ିଆରେ ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଏମ୍ ପବ୍ଲିକ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚରେ ଦଳ ୩-୨ ଗୋଲ୍‌ରେ ଜଟଣୀର ସହିଦ କୁସୁମାଟି ହାଇସ୍କୁଲକୁ ହରାଇ ଦେଇଛି। ଜଟଣୀ ଦଳ ତରଫରୁ ୨ଟି ଯାକ ଗୋଲ୍ ସ୍କୋର କରିଥିବା ରୁଦ୍ର ପ୍ରସାଦ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଶୋକ କୁମାର ପଟ୍ଟନାୟକ, ବିବେକାନନ୍ଦ ଦାସ, ଚିନ୍ମୟ ଦାସ ଓ ଆସୋସିଏଶନର ସଭାପତି ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

# ଭାରତ-ଅଷ୍ଟ୍ରେଲିଆ ଫାଇନାଲ

**ଜୋହର କପ୍ ହକି**

**ଜୋହର ବାହରୁ, ୧୭।୧୦ (ପି.ଟି.)** ଭାରତ ଏଠାରେ ଚାଲିଥିବା ସୁଲ୍‌ତାନ ଜୋହର କପ୍ ଜୁନିୟର ପୁରୁଷ ହକିରେ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ମାଲେସିଆକୁ ୨-୧ଗୋଲ୍‌ରେ ପରାସ୍ତ କରିଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ତରଫରୁ ଗୁର୍‌ଜୋତ ସିଂ (୨୨ତମ ମିନିଟ) ଓ ସୌରଭ ଆନନ୍ଦ କୁଶାୱା (୪୮ତମ) ଦୁଇଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ରୂପାନ୍ତରିତ କରିଥିଲେ। ମାଲେସିଆ ପକ୍ଷରୁ ଏକମାତ୍ର ଗୋଲ୍ ନାଭିନେଶ ପାନିକର ଖେଳର ୪୩ତମ ମିନିଟ୍‌ରେ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ଭାରତ ଶନିବାର ଅଷ୍ଟ୍ରେଲିଆ ବିପକ୍ଷରେ ଫାଇନାଲ ଖେଳିବା ଲାଗି ଯୋଗ୍ୟ ବିବେଚିତ ହୋଇଛି। କେବଳ ସେତିକି ନୁହେଁ, ସୁଲ୍‌ତାନ ଜୋହର କପ୍‌ରେ ଏପର୍ଯ୍ୟନ୍ତ ସୁଦ୍ଧା ୧୨ଥର ଅଂଶଗ୍ରହଣ କରି ଭାରତ ରେକର୍ଡ ୮ମ ଥର ଫାଇନାଲକୁ ଉନ୍ନୀତ ହେବାରେ ସମର୍ଥ ହୋଇଛି।



ମାଲେସିଆର ଜୋହର ବାହରୁଠାରେ ଚାଲିଥିବା ସୁଲ୍‌ତାନ ଜୋହର କପ୍ ଜୁନିୟର ପୁରୁଷ ହକିରେ ଶୁକ୍ରବାର ଭାରତ-ମାଲେସିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୮/୨୦୨୫ Bhubaneswar, Saturday, October 18/ 2025







# ପଦକ ପକ୍କା କଲେ ତନ୍ୱୀ

**ଗୁଆହାଟୀ, ୧୭।୧୦ (ପି.ଟି.)**

ଟପ୍ ସିଡ୍ ତଥା ଭାରତର ତନ୍ୱୀ ଶର୍ମା ଏଠାରେ ଚାଲିଥିବା ଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିବା ସହ ଏକ ପଦକ ପକ୍କା କରିଛନ୍ତି। ଶୁକ୍ରବାର ଏକ ୩ ଗେମ୍ ବିଶିଷ୍ଟ ଏକ ସଂଘର୍ଷପୂର୍ଣ୍ଣ

**ଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ**

କ୍ୱାର୍ଟରଫାଇନାଲରେ ସେ ଜାପାନର ବାମହାତୀ ସାକି ମାତ୍‌ସୁମୋତୋଙ୍କୁ ୧୩-୧୫, ୧୫-୯, ୧୫-୧୦ରେ ହରାଇ ଦେଇଛନ୍ତି। ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ୧୭ବର୍ଷ ପରେ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ଏକ ପଦକ ଜିତିବାକୁ ଯାଉଛନ୍ତି ତନ୍ୱୀ। ସାଇନା ନେହ୍ୱାଲ ପୁଣେଠାରେ ଅନୁଷ୍ଠିତ ୨୦୦୮ ସଂସ୍କରଣରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିପାରିଥିଲେ।



ରିଟର୍ନ ଶଟ୍ ଖେଳିବା ଅବସରରେ ଭାରତର ତନ୍ୱୀ ଶର୍ମା।

ଏହାପୂର୍ବରୁ ସାଇନା ୨୦୦୬ରେ ମଧ୍ୟ ଏକ ରୌପ୍ୟ ପଦକ ଲାଭ କରିଥିଲେ। ପ୍ରତିଯୋଗିତାର ଇତିହାସରେ ପଦକ ଜିତିଥିବା ଅନ୍ୟ ଭାରତୀୟ ଖେଳାଳି ହେଲେ ଅପର୍ଣ୍ଣା ପୋପଟ। ସେ ୧୯୯୬ରେ ଏକ ରୌପ୍ୟ ପଦକ ଲାଭ କରିଥିଲେ। ତେବେ ୮ମ ସିଡ୍ ଉନ୍ନତି ହୁଡା କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ହୁଡା ୨୦୨୨ ଓଡ଼ିଶା ଓପନରେ ସର୍ବକନିଷ୍ଠ ଭାରତୀୟ ଭାବେ ଏକ ସୁପର ୧୦୦ ଟାଇଟଲ ବିଜେତା ହୋଇଥିଲେ। ସେ ଭାରତର ୨୦୨୨ ଉବର କପ୍ ଦଳର ଅନ୍ୟତମ ସଦସ୍ୟା ମଧ୍ୟ ଥିଲେ। କ୍ୱାର୍ଟରଫାଇନାଲରେ ସେ ଦ୍ୱିତୀୟ ସିଡ୍ ଥାଇଲାଣ୍ଡର ଅନ୍ୟାପାତ୍ ଫିଚିତ୍‌ଫନ୍‌ଙ୍କଠାରୁ ୧୨-୧୫, ୧୩-୧୫ରେ ପରାଜିତ ହୋଇ ଏକ ପଦକ ହରାଇଛନ୍ତି। ଏହି ମ୍ୟାଚଟି ମାତ୍ର ୩୨ ମିନିଟରେ ଶେଷ ହୋଇଥିଲା। ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ଭବ୍ୟା ଛାବ୍ରା ଓ ବିଶାଖା ଟପ୍ପୋ ମଧ୍ୟ କ୍ୱାର୍ଟରଫାଇନାଲରୁ ସେମାନଙ୍କ ଅଭିଯାନ ଶେଷ କରିଛନ୍ତି। ସେମାନେ ଚାଇନିଜ ତାଇପେ ଯୋଡ଼ି ହୁଙ୍ଗ୍ ବିଙ୍ଗ୍ ଫୁ ଓ ଚୋଉ ୟୁନ୍ ଆନ୍‌ଙ୍କଠାରୁ ୯-୧୫, ୭-୧୫ରେ ହାରିଯାଇଛନ୍ତି।

# ଭାରତକୁ ୧୩୬ତମ ସ୍ଥାନ

**ନୂଆଦିଲ୍ଲୀ, ୧୭।୧୦:** ଏସିଆ କପ୍ ଦୌଡ଼ରୁ ବାଦ୍ ପଡ଼ିବା ପରେ ଫିଫା ର୍ୟାଙ୍କିଙ୍ଗ ତାଲିକାରେ ଭାରତ ୨ ସ୍ଥାନ ତଳକୁ ଖସି ୧୩୬ତମ ସ୍ଥାନରେ ରହିଛି, ଯାହା ୯ ବର୍ଷରେ ସର୍ବନିମ୍ନ। ସିଙ୍ଗାପୁରଠାରୁ ପରାଜିତ ହେବା ପରେ ୨୦୨୭ ଏସିଆନ କପ୍ ପାଇଁ ଭାରତର ଆଶା ଧୂଳିସାତ ହୋଇଥିଲା। ପୂର୍ବରୁ ଭାରତ କୁଏତ୍‌ଠାରୁ ଗୋଟିଏ ସ୍ଥାନ ନିମ୍ନରେ ଏବଂ ବତସୁଆନାଠାରୁ ଗୋଟିଏ ସ୍ଥାନ ଉପରେ ୧୩୪ତମ ସ୍ଥାନରେ ଥିଲା। ଭାରତର ଖରାପ ର୍ୟାଙ୍କିଙ୍ଗ ୨୦୧୬ ନଭେମ୍ବର (୨୦୧୬ ଅକ୍ଟୋବରରେ ମଧ୍ୟ)ରେ ଦେଖିବାକୁ ମିଳିଥିଲା। ୧୩୭ତମ ସ୍ଥାନରେ ରହିଥିଲା। ୧୯୯୬ ଫେବୃଆରୀରେ ଭାରତ ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୯୪ତମ ସ୍ଥାନରେ ପହଞ୍ଚିଥିଲା।






# ଗ୍ରୀନ୍‌ଙ୍କ ସ୍ଥାନରେ ଲାବୁସେନ୍

**ପର୍ଥ, ୧୭।୧୦ (ପି.ଟି.)**

ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ଏଠାରେ ରବିବାରଠାରୁ ଆରମ୍ଭ ହେବାକୁଥିବା ବେଳେ ଅଷ୍ଟ୍ରେଲିଆ ଦଳରେ ଆଘାତପ୍ରାପ୍ତ ଅଲରାଉଣ୍ଡର କାମେରନ ଗ୍ରୀନ୍‌ଙ୍କ ସ୍ଥାନରେ ମାର୍ନସ ଲାବୁସେନଙ୍କୁ ସାମିଲ କରାଯାଇଛି। ଆସନ୍ତା ମାସରେ ଆଶେସ ସିରିଜ

**ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ**

ଆରମ୍ଭ ହେବାକୁ ଥିବାରୁ ଏହା ପୂର୍ବରୁ କୌଣସି ଖେଳାଳି ଆଘାତଜନିତ ସମସ୍ୟାରେ ରୁହନ୍ତୁ ବୋଲି ଚୟନକର୍ତ୍ତାମାନେ ଚାହାନ୍ତି ନାହିଁ। ଗ୍ରୀନ୍ ସ୍ୱଳ୍ପ ସମୟ ରିହାବିଲିଟେଶନ କାର୍ଯ୍ୟ ଶେଷ କରିବା ପରେ ତିନୋଟି ଶିଫିଲ୍ଡ ଶିଲ୍ଡ ମ୍ୟାଚ ଖେଳି ଆଶେସ ପାଇଁ ନିଜକୁ ପ୍ରସ୍ତୁତ କରିବେ। କ୍ରିକେଟ



ମାର୍ନସ ଲାବୁସେନ

ଅଷ୍ଟ୍ରେଲିଆ ସୂତ୍ରରୁ ପ୍ରକାଶ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଗ୍ରୀନ୍ ଦିନିକିଆ ସିରିଜ ଖେଳୁନାହାନ୍ତି। ଅଷ୍ଟ୍ରେଲିଆ ଦଳରେ ଲାବୁସେନଙ୍କୁ ନିଆଯିବା କଥା ବିଚାର କରାଯାଇ ନ ଥିଲା। ମାତ୍ର ଗୁରୁବାର କୁଇନ୍ସଲାଣ୍ଡ ତରଫରୁ ଏକ ଶିଫିଲ୍ଡ ଶିଲ୍ଡ ମ୍ୟାଚରେ ତାଙ୍କ ଆକର୍ଷଣୀୟ ୧୫୯ରନ ଯୋଗୁ ସେ ନଜରକୁ ଆସିଥିଲେ। ଘରୋଇ ସିଜନରେ ଏହାଥିଲା ତାଙ୍କର ୪ର୍ଥ ଶତକ। ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରୁ ବାଦ୍‌ପଡ଼ିବାରେ ସେ ତୃତୀୟ ଅଷ୍ଟ୍ରେଲୀୟ ଖେଳାଳି। ପୂର୍ବରୁ ଏହି ଆଘାତପ୍ରାପ୍ତ ଜୋଶ ଇଂଲିଶଙ୍କ ସ୍ଥାନରେ ଜୋଶ ଫିଲିପ୍‌ଙ୍କୁ ନିଆଯାଇଛି। ଆଡାମ ଜାମ୍ପା ବ୍ୟକ୍ତିଗତ କାରଣରୁ ଓହରିଯିବାରୁ ତାଙ୍କ ସ୍ଥାନରେ ମାଥ୍ୟୁ କୁହ୍ନେମାନଙ୍କୁ ଦଳରେ ନିଆଯାଇଛି। ଅନ୍ୟପକ୍ଷରେ ଭାରତ ଦୃଷ୍ଟିକୋଣରୁ ବିରାଟ କୋହଲି ଓ ରୋହିତ ଶର୍ମା ମାର୍ଚ୍ଚ ପରେ ପ୍ରଥମ ଥର ଜାତୀୟ ଦଳରୁ ଖେଳିବାକୁ ଯାଉଛନ୍ତି। ଟେଷ୍ଟରୁ ଅବସର ନେବା ପରେ ଦୁଇ ଖେଳାଳି କେବଳ ଏହି ଫର୍ମାଟରେ ଦେଶ ପାଇଁ ଖେଳିବେ।

# ୧ ନିୟୁତ ଟିକେଟ ବିକ୍ରି

**ଫିଫା ବିଶ୍ୱକପ୍**

**ମାୟାମି, ୧୭।୧୦ (ଏପି):** ଆସନ୍ତାବର୍ଷ ଉତ୍ତର ଆମେରିକାରେ ଖେଳାଯିବାକୁଥିବା ଫିଫା ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଇତିମଧ୍ୟରେ ଏକ ନିୟୁତ ଟିକେଟ ବିକ୍ରି ହୋଇସାରିଲାଣି। ଚଳିତ ମାସ ପ୍ରାରମ୍ଭରେ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ୨୧୨ ବିଭିନ୍ନ ଦେଶର ଟିକେଟ କ୍ରେତାଙ୍କ ମଧ୍ୟରେ ଆୟୋଜକ ଦେଶ ୟୁଏସ୍, କାନାଡା ଓ ମେକ୍ସିକୋ ଫୁଟ୍‌ବଲପ୍ରେମୀ ଅଧିକ ରହିବା ସ୍ୱାଭାବିକ। ଅଧିକ ଟିକେଟ ବିକ୍ରି ହୋଇଥିବା ଟପ୍ ୧୦ ଦେଶ ମଧ୍ୟରେ ସ୍ଥାନ ପାଇଥିବା ଅନ୍ୟ ୭ଟି ଦେଶ ହେଲେ ଇଂଲଣ୍ଡ, ଜର୍ମାନୀ, ବ୍ରାଜିଲ, ସ୍ପେନ, କଲମ୍ବିଆ, ଆର୍ଜେଣ୍ଟିନା ଓ ଫ୍ରାନ୍ସ। ଟୁର୍ନାମେଣ୍ଟ ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ହେବ। ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ (ଫିଫା) ତରଫରୁ ଏହି ସୂଚନା ଦିଆଯାଇଛି।

# କର୍କଟରେ ପୀଡ଼ିତ ଥିଲେ କ୍ରିକେଟର ମାଡିନସନ

**ମେଲବୋର୍ନ, ୧୭।୧୦ (ପି.ଟି.):** ଅଷ୍ଟ୍ରେଲୀୟ ଟେଷ୍ଟ କ୍ରିକେଟର ନିକ୍ ମାଡିନସନ ଚଳିତବର୍ଷ ପ୍ରାରମ୍ଭରେ ଟେଷ୍ଟିକୁଲାର କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କର କେମୋଥେରାପି ଚାଲିଥିଲା। ପୁନର୍ବାର କ୍ୟାରିୟର ଆରମ୍ଭ କରିବା ଲାଗି ବର୍ତ୍ତମାନ ସେ ସୁସ୍ଥ। ୩୩ ବର୍ଷୀୟ ମାଡିନସନ ତିନୋଟି ଟେଷ୍ଟ ଏବଂ ୬ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ଗତ ମାର୍ଚ୍ଚ ମାସରେ ସେ ନ୍ୟୁ ସାଉଥ ୱେଲ୍ସ ଦଳରୁ ଓହରିଯାଇ ଚିକିତ୍ସାରେ ଥିଲେ। ସ୍ତ୍ରୀ ବାଏଙ୍କା ଦ୍ୱିତୀୟ ସନ୍ତାନ ପାଇଁ ଗର୍ଭବତୀ ଥିବାରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୧୪ ଓ ୨୦୧୫ ସଂସ୍କରଣରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ତରଫରୁ ସେ ତିନୋଟି ମ୍ୟାଚ ଖେଳିଥିଲେ। ଏହି ବାମହାତୀ ବ୍ୟାଟର ଗୁରୁବାର ଟ୍ରେନିଂ ପାଇଁ ତାଙ୍କ ନ୍ୟୁ ସାଉଥ୍‌ୱେଲ୍ସ ସାଥୀ ଖେଳାଳିମାନଙ୍କ ସହ ପଡ଼ିଆକୁ ଓହ୍ଲାଇଛନ୍ତି।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ